


କ୍ୟାରିୟର ଶ୍ରେଷ୍ଠ ରେଟିଂ ପୃଷ୍ଠା ୭

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 286 | ଭାଗ ୩୨ | ସଂଖ୍ୟା୨୮୬ | Bhubaneswar | Thursday 9 January 2025 | Page 8 Rs. 4.00 | ଭୁବନେଶ୍ୱର ଗୁରୁବାର ୯ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଜଗନ୍ନାଥ ଧାମକୁ ସ୍ୱାଗତ



## ପହଞ୍ଚିଲେ ମୋଦି, ଆଜି ପ୍ରବାସୀଙ୍କୁ ଭେଟିବେ

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ରାତିରେ ଏଠାରେ ପହଞ୍ଚିଛନ୍ତି। ଆସନ୍ତାକାଲି ସେ ଜନତା ମଇଦାନଠାରେ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ଉଦଘାଟନ କରିବେ। ବିଶାଖାପାଟଣାରୁ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଖିବା ପାଇଁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ରାସ୍ତା କଡ଼ରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ବିମାନ ବନ୍ଦର ନିକଟରେ ପାରମ୍ପରିକ ବାଦ୍ୟଯନ୍ତ୍ର ଓ ପାରମ୍ପରିକ ନୃତ୍ୟ ସହ 'ମୋଦି... ➪ପୃଷ୍ଠା-୬

## ଓଡ଼ିଶାରେ ନିବେଶ ସୁରକ୍ଷିତ ଭବିଷ୍ୟତର ଗ୍ୟାରେଣ୍ଟି

- 'ଓଡ଼ିଶାରେ ନିବେଶ ସମ୍ଭାବନା' ଶୀର୍ଷକ ଆଲୋଚନା
- ଅଂଶୀଦାରମାନଙ୍କ ମଧ୍ୟରେ ବ୍ୟବସାୟ ସମ୍ପ୍ରସାରଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଆଜି ଏଠାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପରିପ୍ରେକ୍ଷୀରେ 'ଓଡ଼ିଶାରେ ନିବେଶ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ପ୍ରଭୁ ଶ୍ରୀଜଗନ୍ନାଥ ଓ ଅପାର ସମ୍ଭାବନାର ଭୂମି ଭାବେ ଅଭିହିତ କରି ସ୍ୱତନ୍ତ୍ର ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତିକୁ ଦୃଷ୍ଟିରେ ରଖି 'ସମୃଦ୍ଧ ଓଡ଼ିଶା-୨୦୩୬'ର ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶାର ପ୍ରଚୁର ଖଣିଜ ସମ୍ପଦ, ଶାନ୍ତ ଓ ଶୃଙ୍ଖଳିତ ପରିବେଶ ଏବଂ ସଡ଼କ ତଥା ରେଳ ସଂଯୋଗୀକରଣ ନିବେଶକମାନଙ୍କୁ ଆକୃଷ୍ଟ କରୁଛି। ରାଜ୍ୟରେ ଅକ୍ଷୟ ଶକ୍ତି, ଅଟୋମୋବାଇଲ, ବାୟୋ-ଟେକ୍ନୋଲୋଜି, ଫାର୍ମାସ୍ୟୁଟିକାଲ୍ସ ଓ ଡାଟା ସେଣ୍ଟର ଆଦି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ଥିବାବେଳେ ପୁଞ୍ଜିନିବେଶ ପାଇଁ ଅନୁକୂଳ ନୀତିନିୟମ ରହିଛି। ତେଣୁ ଓଡ଼ିଶାରେ ପୁଞ୍ଜିନିବେଶ ହିଁ ଭବିଷ୍ୟତ ପାଇଁ ନିବେଶ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟିରେ ପାଦଦେଇ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି ବୋଲି ପ୍ରକାଶ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଜୟଶଙ୍କର ପ୍ରବାସୀ ➪ପୃଷ୍ଠା-୬



## ଭାରତ-ବିଶ୍ୱ ସେତୁରେ ପ୍ରବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଆଜି ଏଠାରେ ଆରମ୍ଭ ହୋଇଥିବା ଯୁବ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ସମ୍ବୋଧିତ କରି ପ୍ରବାସୀମାନଙ୍କୁ ଏକ ପ୍ରଭାବଶାଳୀ ବାର୍ତ୍ତା ଦେଇଛନ୍ତି। ଏକ ବିକଶିତ ଓ ସମୃଦ୍ଧ ଭାରତ ଗଠନରେ ସହଯୋଗ କରିବା ପାଇଁ ବିଦେଶରୁ ନିଜର ଅଭିଜ୍ଞତା ଏବଂ ସର୍ବୋତ୍ତମ କାର୍ଯ୍ୟ ପଦ୍ଧତି ନେଇ ଆସିବା ପାଇଁ ସେ ସେମାନଙ୍କୁ ନିବେଦନ କରିଛନ୍ତି। ଏଥିସହ ଭାରତ ଏବଂ ବିଶ୍ୱ ମଧ୍ୟରେ ➪ପୃଷ୍ଠା-୬

## ରାଜ୍ୟ ବିକାଶରେ ସାମିଲ ହୁଅନ୍ତୁ ପ୍ରବାସୀ




ସ୍ଥାନୀୟ ଜନତା ମଇଦାନରେ ଆଜି ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ତ୍ରି-ଦିବସୀୟ ସମ୍ମିଳନୀର ପ୍ରଥମ ଦିନ ଯୁବ ପ୍ରବାସୀ ଭାରତୀୟ ଦିବସ ଉଦଘାଟିତ ହୋଇଥିବା ବେଳେ ଏହାକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରବାସୀ ଭାରତୀୟମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ ଓଡ଼ିଶା ବିକାଶ ଯାତ୍ରାରେ ସାମିଲ୍ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଟେକ୍ନୋଲୋଜି, ଅକ୍ଷୟ ଶକ୍ତି, ଭିତ୍ତିଭୂମି ବିକାଶ, ଶିକ୍ଷା ଓ ପର୍ଯ୍ୟଟନ ଇତ୍ୟାଦି କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଏସବୁରେ ପୁଞ୍ଜି ନିବେଶ, ସହଭାଗିତା ସାଙ୍ଗକୁ ଓଡ଼ିଶା ସହିତ ସାଂସ୍କୃତିକ ବିନିମୟରେ ଯୋଡ଼ି ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଏହି ସମାରୋହ ଆମ ପାଇଁ ଜୀବନର ଏକ ଅଭୁଲା ସ୍ମୃତି ହୋଇ ରହିବ ଓ ଆଗାମୀ ଦିନରେ ସମ୍ପର୍କର ସେତୁ ଆହୁରି ସୁଦୃଢ଼ ହେବ। ଏହି ଦିବସ ଆୟୋଜନ ମାଧ୍ୟମରେ ଆମେ ବିଶ୍ୱର ୨୦୦ଟି ଦେଶରେ ରହୁଥିବା ୩୦ ନିୟୁତରୁ ଅଧିକ ଭାରତୀୟଙ୍କ ➪ପୃଷ୍ଠା-୬

## ପର୍ଯ୍ୟଟନ ପାଇଁ ଓଡ଼ିଶା ଅନୁକୂଳ: କେଭି




ପୂର୍ବ ଭାରତର ପ୍ରବେଶ ପଥ ଭାବେ ପରିଚିତ ଓଡ଼ିଶା ପ୍ରାକୃତିକ ସମ୍ପଦର ଗନ୍ତାଘର। ୪୮୦ କିଲୋମିଟର ବିସ୍ତୀର୍ଣ୍ଣ ବେଳାଭୂମି, ପରିବ୍ୟାପ୍ତ ନଦୀ, ପରିପୂର୍ଣ୍ଣ ଖଣିଜ ସମ୍ପଦ, ହଜାର ହଜାର ଏକର ଅରଣ୍ୟ ହେଉଛି ଓଡ଼ିଶାର ଶକ୍ତି । ଏଥିସହ ଏଠାରେ କୁଶଳୀ ଓ ଦକ୍ଷ ମାନବ ସମ୍ବଳ ଉପଲବ୍ଧ । ଏସବୁକୁ ଦେଖିଲେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ପର୍ଯ୍ୟଟନ ଓ ନିବେଶ ଦୃଷ୍ଟିରୁ ଓଡ଼ିଶା ନିବେଶକଙ୍କ ପାଇଁ ଅତ୍ୟନ୍ତ ଅନୁକୂଳ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରବାସୀ ଭାରତୀୟ ଦିବସରେ ଅନୁଷ୍ଠିତ 'ଅପାର ସମ୍ଭାବନାର ଭୂମି ଆମ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ରରେ ମତ ପ୍ରକାଶ କରିଥିଲେ । କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହିତ ଦେଶ ବିଦେଶ ସହ ବିମାନ ସଂଯୋଗୀକରଣକୁ ଅଧିକ ଉନ୍ନତ କରିପାରିଲେ ଓଡ଼ିଶାର ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି ଶ୍ରୀ ସିଂହଦେଓ କହିଥିଲେ। ଐତିହ୍ୟ ପର୍ଯ୍ୟଟନ ଓ ବନ୍ୟପ୍ରାଣୀ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେବା ସହ ବୌଦ୍ଧ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବିକଶିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଆଗାମୀ ୨୦୪୭ ସୁଦ୍ଧା ➪ପୃଷ୍ଠା-୬

## ବୁଲିଲା ଖଣ୍ଡା, ଗଡ଼ିଲା ମୁଣ୍ଡ

**୧୨ ଘଣ୍ଟା ଭିତରେ ୩ ଅଭିଯୁକ୍ତ କାବୁ**












**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଦେଶ ଓ ଦେଶ ବାହାରୁ ଭୁବନେଶ୍ୱରକୁ ଛୁଟିବାରେ ଲାଗିଛି ଭିଆଇପି ଓ ଭିଭିଆଇପିଙ୍କ ସୁଅ। ପ୍ରଧାନମନ୍ତ୍ରୀ ମଧ୍ୟ ପହଞ୍ଚିଛନ୍ତି । ପୁରା ସହର ସୁରକ୍ଷା ବଳୟ ଭିତରେ ଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ଗଡ଼ିଛି ମୁଣ୍ଡ। ବେଶ ଶାନ୍ତ ସହର ଏବେ ଅଶାନ୍ତ ପାଲଟିଛି। ଟେମ୍ପୁଲ ସିଟି ଏବେ ପରିଣତ ହୋଇଛି ଟେରର ସିଟିରେ। କାରଣ ରାଜରାସ୍ତା ଉପରେ ପୁଲିସକୁ ଖାତିର ନକରି ହତ୍ୟାକାଣ୍ଡ ଭିଆଇଛନ୍ତି ଅପରାଧୀ। ସକାଳ ପ୍ରାୟ ୮ଟା। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଓଭରବ୍ରିଜ ଉପରେ କେଦାରପଲ୍ଲୀର ସହଦେବ ନାୟକଙ୍କ ମୁଣ୍ଡ ଗଣ୍ଡି ଅଲଗା କରିଦେଇଛନ୍ତି ଦୁର୍ବୃତ୍ତ। ଭାଇରାଲ ହେଉଥିବା କେତେକ ଭିଡିଓ ମୁତାବକ, ଏକ ବଜାଜ ଡିସ୍କଭର ବାଇକରେ ଆସି ବ୍ୟାଗରେ ଆଣିଥିବା ଧାରୁଆ ଅସ୍ତ୍ରରେ ସହଦେବଙ୍କୁ ହାଣିଛନ୍ତି ଦୁର୍ବୃତ୍ତ। ରାଜରାସ୍ତା ଉପରେ ଭୟଙ୍କର ଢଙ୍ଗରେ ବୀଭତ୍ସ କାଣ୍ଡ ଭିଆଇବା ପରେ ସେଠାରୁ ସେମାନେ ବେଶ୍ ସହଜରେ ଫେରାର ମଧ୍ୟ ହୋଇଯାଇଛନ୍ତି। ମୃତ ସହଦେବ ରାଜଧାନୀ ସଫେଇ କର୍ମଚାରୀଙ୍କ ନେତୃତ୍ୱ ନେଉଥିବାରୁ ତାଙ୍କ ମୃତ୍ୟୁ ଖବର ପାଇ କ୍ୟାପିଟାଲ ହସ୍ପିଟାଲ ଶବଦାହ ଗୃହରେ ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼। ନିଜ ପ୍ରିୟଜନଙ୍କ ଏଭଳି ମୃତ୍ୟୁକୁ ସହଜରେ କେହି ➪ପୃଷ୍ଠା-୬



## ତିରୁପତିରେ ଅଘଟଣ ଦଳାଚକଟା, ୬ ମୃତ

**ତିରୁପତି,୮।୧:** ବିଶ୍ୱପ୍ରସିଦ୍ଧ ତୀର୍ଥକ୍ଷେତ୍ର ତିରୁପତିରେ ଆଜି ସନ୍ଧ୍ୟାରେ ଦଳାଚକଟା ଘଟିବା ଫଳରେ ୬ ଜଣ ଭକ୍ତଙ୍କର ମୃତ୍ୟୁ ହୋଇଛି। ତିରୁପତିର ନିବାସମ୍ ଠାରେ ବୈକୁଣ୍ଠଦ୍ୱାର ସର୍ବଦର୍ଶନମ୍ ଟୋକନ୍ ବଣ୍ଟନ ସମୟରେ ଏହି ଅଘଟଣ ଘଟିଛି। ଟୋକନ୍ ପାଇବା ସକାଶେ ପ୍ରବଳ ମାତ୍ରାରେ ଭିଡ଼ ହୋଇଥିବା ବେଳେ ଠେଲାପେଲା ହେବାରୁ ଦଳାଚକଟା ଭଳି ଅଘଟଣ ଘଟିଥିଲା। ମୃତକଙ୍କ ମଧ୍ୟରୁ ଜଣେ ତାମିଲନାଡୁର ହୋଇଥିବା ବେଳେ ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ଏଥିରେ ୪ ଜଣ ଭକ୍ତ ଆହତ ହୋଇଥିବା ବେଳେ ସେମାନଙ୍କୁ ରୁଇଆ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପୁଲିସ୍ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ହସ୍ପିଟାଲ୍‌କୁ ନିଆଯାଇଥିବା ବେଳେ ବ୍ୟାପକ ମାତ୍ରାରେ ସୁରକ୍ଷାକର୍ମୀଙ୍କ ଉପସ୍ଥିତି ସତ୍ତ୍ୱେ ଭିଡ଼ ନିୟନ୍ତ୍ରଣ ହୋଇପାରି ନଥିବା ଜଣାପଡ଼ିଛି।

**ଧରାପଡ଼ିଲେ ସରୋଜ**


## ସାମ୍ନାକୁ ଆସିଲେ ହଂସୀତାଙ୍କ କ୍ରାଇମ ପାର୍ଟନର



**ବେନାମୀ ସମ୍ପତ୍ତି ଠୁଳ କରିବାରେ ମାଷ୍ଟରମାଇଣ୍ଡ**

ରୂପ ଏକ କିନ୍ତୁ କାମ ଅନେକ । ୮ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଆୟକର ବିଭାଗ ଘାଣ୍ଟିବା ପରେ ହର୍ଷିତା ମିଶ୍ର, ହଂସିକା ଚାନ୍ଦ ଓରଫ ହଂସୀତା ଅଭିଲିପ୍ସାଙ୍କ ପ୍ରକୃତ ସ୍ୱାମୀଙ୍କ ସନ୍ଧାନ ପାଇଛି ପୋଲିସ । ପୂରା ଅପରାଧରେ ପତ୍ନୀଙ୍କୁ କ୍ୟାରମ୍ ବୋର୍ଡର ରାଣୀ ସଜାଇଥିଲେ ସ୍ୱାମୀ ସରୋଜ ସାହୁ କରୁଥିଲେ ଗୋଲ। ତାଙ୍କ ଇସାରାରେ ଶିକାର କରୁଥିଲେ ହଂସିକା। ଏକଥା ଜାଣିବା ପରେ ହତବାକ ହୋଇଛି ଭୁବନେଶ୍ୱର କମିଶନରେଟ୍ ପୋଲିସ୍ ଓ ଆୟକର ବିଭାଗ। ବୁଧବାର ଅପରାହ୍ନରେ ଗଞ୍ଜାମ ବେଳଗୁଣ୍ଠାର ସରୋଜଙ୍କୁ କାବୁ କରିଛି ଆୟକର ବିଭାଗ। ସେ ଜଣେ ମଦ ବ୍ୟବସାୟୀ । ଖଣ୍ଡଗିରି ଅଞ୍ଚଳରେ ଏକ ଆପାର୍ଟମେଣ୍ଟକୁ ଯାଉଥିବା ବେଳେ ତାଙ୍କୁ କାବୁ କରିଛି ଆଇଟି ର ସ୍ପେଶାଲ ଟିମ । ସରୋଜଙ୍କଠାରୁ ମିଳିଥିବା ସୂଚନା ମୁତାବକ ମାଆଙ୍କ ମୃତ୍ୟୁ ପରେ ଭୁବନେଶ୍ୱରରେ ପାଠ ପଢ଼ିଥିଲେ । ଆଉ ବାହା ହୋଇଥିଲେ ବ୍ରହ୍ମପୁରର ପ୍ରତିଷ୍ଠିତ ମଦ ବ୍ୟବସାୟୀ ସରୋଜ ସାହୁଙ୍କୁ। ବିବାହ ପରେ ଉଭୟଙ୍କ ଔରସରୁ ଗୋଟିଏ ପୁଅ ହୋଇଥିଲା। ଉଚ୍ଚାଭିଳାଷୀ ହଂସୀତା କୋଟିପତି ହେବା ପାଇଁ ଦେଖିଥିଲେ ଅନେକ ସ୍ୱପ୍ନ। ଆଉ ଏଥିରେ ତାଙ୍କୁ ତାଙ୍କ ସ୍ୱାମୀ ସରୋଜ ସାହୁ ସହଯୋଗ କରିଥିଲେ ।

ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ ହୋଇଥିଲା ଠକେଇର ବ୍ଲୁ ପ୍ରିଣ୍ଟ। ୨୦୧୭ ମସିହାରେ ଓଜନ କମାଇବା ସହ ପ୍ଲାଷ୍ଟିକ ସର୍ଜରି କରି ମୁଖମଣ୍ଡଳର ରୂପ ମଧ୍ୟ ବଦଳାଇଥିଲେ। ତା'ପରେ ବିଛାଇ ଚାଲିଲେ ଠକେଇ ଜାଲ୍। ଓଜନ ଓ ରୂପ ବଦଳାଇଥିବା ଏକ କରିତକର୍ମା ଯୁବତୀ ନିଜର ନାଁ ରଖିଥିଲେ ହର୍ଷିତା ମିଶ୍ର। ନିଜକୁ ହର୍ଷିତା ମିଶ୍ର ରୂପେ ଗଢ଼ିବା ପରେ ପ୍ରଧାନମନ୍ତ୍ରୀଙ୍କ ➪ପୃଷ୍ଠା-୬



**କାନ ଡେରିଥା**

ମୋହନ ଏଇଠି ଚୁଟି
ସଜାଡ଼ିଲେ
ବିଜେଡି କୁ ବେଶୀ ବାଧୁଛି
ବସ ଭିତରେ ନବୀନ ଙ୍କ
ଧୂଆଁ
ଏଲୋପାଥି ଭଳି ଲାଗୁଛି
କାହିଁକି ଏମିତି ହେଉଛି...
ତୁମେ ଲୀଳା କଲ ଚବିଶି
ବରଷ
ଏବେ କାହୁଁ ତମ ପୋଡୁଛି

■ ଦେବାଶିଷ

## ଅଳ୍ପ ବୁଦ୍ଧି ଭୟଙ୍କରୀ ସାଂଘାତିକ ଟ୍ରୋଲ୍ ହେଉଛନ୍ତି ନବୀନ

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ବିରୋଧିଦଳ ନେତା ନବୀନଙ୍କ ପଟ୍ଟନାୟକଙ୍କ ପାଇଁ ଏବେ ବିଜେଡି ସୋସିଆଲ ମିଡିଆ ବିପଦ ସାଜିଛି। ବିଜେଡିର ଏହି ଟ୍ରୋଲ ଟିମ୍‌ର ଅଳ୍ପ ବୁଦ୍ଧି ଯୋଗୁଁ ନବୀନ କେବଳ ବଦନାମ ହେଉନାହାନ୍ତି ଦଳ ବି ଲୋକହସା ହେଉଛି। ଏଭଳି ସ୍ଥିତି ଦେଖିଲା ପରେ ନବୀନଙ୍କୁ ବଦାନମ ପାଇଁ ଏହା ପଛରେ ବଡ ଷଡଯନ୍ତ୍ର ଥିବା ଦଳୀୟ କର୍ମୀମାନେ ସନ୍ଦେହ ପ୍ରକଟ କରୁଛନ୍ତି ।

ରାଜ୍ୟରେ ନୂଆ ସରକାର ଆସିବାରେ ବିଜେଡିର ଟ୍ରୋଲ ଟିମ୍ ଅତ୍ୟନ୍ତ ସକ୍ରିୟ ହେବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପଛରେ ପଡିଛନ୍ତି । ତେବେ ମୋହନଙ୍କୁ ନେଇ ବିଭିନ୍ନ କଟାକ୍ଷକୁ ସାଧାରଣ ଲୋକେ ଆଉ ଗ୍ରହଣ କରୁନାହାନ୍ତି । ତେବେ ଟ୍ରୋଲ ଟିମ୍ କିନ୍ତୁ ତାଙ୍କ ଉଦ୍ୟମ ଜାରି ରଖିଛନ୍ତି । ନିକଟରେ ବିଜେଡି ସୋସିଆଲ ମିଡିଆ ପକ୍ଷରୁ ଜାରି ଏକ ଭିଡିଓରେ ମୁଖ୍ୟମନ୍ତ୍ରୀ ଗାଡିରେ ଗଲାବେଳେ ମୁଣ୍ଡ କୁଣ୍ଡାଉଥିବାର ଭିଡିଓ ଜାରି କରାଗଲା । ତେବେ ଏହା ଏକ ସାଧାରଣ ଘଟଣା ହୋଇଥିବାବେଳେ ଲୋକେ ଏହାକୁ ପସନ୍ଦ କଲେନାହିଁ କି ଏହାକୁ ସେଭଳି ଲାଇକ୍ ସେୟାର ମିଳିଲା ନାହିଁ । ବରଂ ଏହାର ଜବାବରେ ସାଧାରଣ ଲୋକେ ନବୀନଙ୍କ ପୁରୁଣା ସିଗାରେଟ ଖିଆ ଫଟୋ ଓ ଭିଡିଓ ଛାଡିଲେ । ନିର୍ବାଚନ ପ୍ରଚାର ସମୟରେ ନବୀନ ଏସି ବସ୍‌ରେ ବସି କିଭଳି ସିଗାରେଟ୍ ଖାଇ ଲୋକଙ୍କୁ ଖତେଇ ହେଉଥିଲେ ତାହାର ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ବିଜେଡିର ଟ୍ରୋଲ ଟିମ୍ ଜାଣିଛନ୍ତି ଯେ ମୋହନଙ୍କୁ ନିଶାଣ କଲେ ତାହାର ପ୍ରତିଫଳନ ବିରୋଧିଦଳ ନେତା ନବୀନଙ୍କ ଠାରେ ଦେଖିବାକୁ ମିଳିବ। ହେଲେ ଆଗପଛ ନବିଚାରି ଯାହା ପାରିଲେ ତାକୁ ସୋସିଆଲ ମିଡିଆରେ ଛାଡିବା ଫଳରେ ବିଜେପି ସୋସିଆଲ ମିଡିଆ ତ ଦୂରରକଥା ସାଧାରଣ ଲୋକେ ଏବେ ନବୀନଙ୍କୁ ଟ୍ରୋଲ କରିବା ଆରମ୍ଭ କରିଦେଇଛନ୍ତି । ଏହା ଫଳରେ ବିଜେଡି ପାଇଁ ଏବେ ବିନା ମେଘରେ ଘଡଘଡି ମାରିବା ଭଳି ଅବସ୍ଥା ହୋଇଛି । ସେହିଭଳି କୃଷି ବିଭାଗ ସଭା ମଞ୍ଚରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ଖାଇବା ପାଇଁ ବ୍ୟବସ୍ଥା ହୋଇଛି କି ନାହିଁ ତାହା ବିଭାଗୀୟ ସଚିବଙ୍କୁ ପଚାରିଥିଲେ । ଚାଷୀଙ୍କ ଖାଇବା କଥା କୌଣସି ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣ ମଝିରେ ପଚାରି ବୁଝିବା ଅତ୍ୟନ୍ତ ବିରଳ । ଓଡ଼ିଶାବାସୀ ଦୀର୍ଘବର୍ଷ ହେଲା ଏଭଳି ଦୃଶ୍ୟ ବି ଦେଖିନଥିଲେ । ହେଲେ ବିଜେଡିର ଟ୍ରୋଲ ଟିମ୍ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କର କଥାକୁ ଏଡିଟ୍ କରି ସୋସିଆଲ ମିଡିଆରେ ଛାଡି ବଦନାମ ପାଇଁ ଉଦ୍ୟମ କରି ହରଡଘଣାରେ ପଡିଛି । ଲୋକେ ତ ଏହାକୁ ସହଜରେ ଗ୍ରହଣ କରୁନାହାନ୍ତି ଓଲଟା ନବୀନଙ୍କୁ ସିଧାସଳଖ ନିଶାଣ କରୁଛନ୍ତି ।

ତେବେ ହଠାତ୍ ବିଜେଡିର ଟ୍ରୋଲ ଟିମ୍ ପାଇଁ ନବୀନ ଏଭଳି ବଦନାମ ହେବା କଥାଟାକୁ ଦଳର ପୁରୁଖା ନେତା ଓ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏହା ପଛରେ ବଡ ଷଡଯନ୍ତ୍ର ଥିବା ଓ ଏଥିରେ ଦଳର କିଛି ମାଲତକାରଙ୍କ ସମ୍ପୃକ୍ତି ଥିବା ସେମାନେ ସନ୍ଦେହ କରୁଛନ୍ତି । କିଛିଦିନ ଧରି ନବୀନ ସକ୍ରିୟ ରହିବା ଏବଂ ସନ୍ୟାସୀଙ୍କ ଅନୁପସ୍ଥିତିରେ ଅନ୍ୟମାନଙ୍କ ସହିତ କଥା ହେବାଟାକୁ ସେମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ତେଣୁ ଏଭଳି ଭାବେ ବଦନାମ କରି ନବୀନଙ୍କୁ ପୁଣିଥରେ ଗୃହବନ୍ଦୀ କରାଯାଇପାରେ ବୋଲି ବିଜେଡି କର୍ମୀମାନେ ଆଲୋଚନା ଚଳାଇଛନ୍ତି ।

**ମୋହନଙ୍କ ପାନିଆ ବନାମ୍ ନବୀନଙ୍କ ଧୂଆଁ**





## ଫେବୃଆରୀରେ 'ଆୟୁଷ୍ମାନ ଭାରତ'

▶ **ଆସନ୍ତା ସପ୍ତାହରେ ଏମଓୟୁ**

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଆସନ୍ତା ଫେବୃୟାରୀ ମାସରୁ 'ଆୟୁଷ୍ମାନ ଭାରତ' ଯୋଜନାକୁ ଲାଗୁ କରିବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏନେଇ ଆସନ୍ତା ସପ୍ତାହରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହେବ ବୋଲି ଜଣାପଡ଼ିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଆସନ୍ତା ସପ୍ତାହରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି । ତେବେ ଓଡ଼ିଶାରେ ଜାରି ରହିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ (ନୂଆ ନାଁ-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା) ସହ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରାଯିବ । ଏହି ସ୍କିମ୍ ଓଡ଼ିଶାରେ 'ଇନସ୍ୟୁରାନ୍ସ' ବଦଳରେ 'ଆସ୍ୟୁରାନ୍ସ' ଭଳି କାର୍ଯ୍ୟ କରିବ । କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ଏଲଏସ୍ ଚ୍ୟାନସେନଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଓଡ଼ିଶା ଆସି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ➪ପୃଷ୍ଠା-୬

# ଓଡ଼ିଆ ନୂଆ ବର୍ଷକୁ କଷ୍ଟଦେଲେ ପ୍ରଦୀପ

## ଆଉ ୩ ମାମଲାରେ ଦୋଷମୁକ୍ତ



ବ୍ରହ୍ମପୁର,୮।୧(ସଂଚାର ବ୍ୟୁରୋ): ଟାଟା କମ୍ପାନୀରେ ଚାକିରି ନାଁରେ ଠକେଇ ଅଭିଯୋଗ ମାମଲାରେ ପୂର୍ବତନ ଗୋପାଳପୁର ବିଧାୟକ ତଥା ବର୍ତ୍ତମାନର ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ମଙ୍ଗଳବାର ତାଙ୍କୁ ୨ଟି ମାମଲାରେ ଦୋଷମୁକ୍ତ କରାଯାଇଥିବା ବେଳେ ଆଜି ଆଉ ୩ଟି ମାମଲାରେ ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟ ଦୋଷମୁକ୍ତ କରିଛନ୍ତି। ଟାଟା ମୋଟର୍ସରେ ଚାକିରି କରାଇଦେବା ନାଁରେ ପ୍ରଦୀପ ଟଙ୍କା ନେଇଥିବା ଅଭିଯୋଗ କରି ୫ ଜଣ ଥାନାରେ ମାମଲା ଦାଏର କରିଥିଲେ। ୪ଟି ମାମଲାରେ ପ୍ରଦୀପ ପାଣିଗ୍ରାହୀ ଏକୁଟିଆ ମୁଦାଲା ଥିବା ବେଳେ ଅନ୍ୟ ମାମଲାରେ ଆକାଶ ପାଠକ ଓ ଅଭୟ ପାଠକ ବି ମୁଦାଲା ଥିଲେ। ଏନେଇ ଗୋଳନ୍ଥରା ଥାନାରେ ୪ଟି ଓ ବୈଦ୍ୟନାଥପୁର ଥାନାରେ ଗୋଟିଏ ମାମଲା ହୋଇଥିଲା। ମଙ୍ଗଳବାର ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଓ ଗୋଳନ୍ଥରା ଥାନାରେ ଥିବା ଦୁଇଟି ଠକେଇ ମାମଲାର ଶୁଣାଣି ହୋଇଥିଲା। ତେବେ ସମ୍ପୂର୍ଣ୍ଣ ଦୋଷମୁକ୍ତ ହେବା ପରେ ସାମ୍ବାଦିକ ସମ୍ମିଳନୀରେ ମୁହଁ ଖୋଲିଛନ୍ତି ପ୍ରଦୀପ। ତାଙ୍କ ନାଁରେ ଏଭଳି ମିଛ ମାମଲା ପାଇଁ ସେ ଜଣେ ଆଇପିଏସ ଅଧିକାରୀଙ୍କୁ ସିଧା ଟାର୍ଗେଟ କରିଛନ୍ତି। ସାଂସଦ କହିଛନ୍ତି, ସେମାନେ ମୋତେ ଦଳରୁ ବହିଷ୍କାର କଲେ କିନ୍ତୁ ତାଙ୍କୁ ରାଜ୍ୟବାସୀ ବହିଷ୍କାର କରିଛନ୍ତି। ଆଗକୁ ଓଡ଼ିଆ ନୂଆ ବର୍ଷ ଆସୁଛି, ସେତେବେଳେ ସବୁ ପାଞ୍ଜି ଖୋଲିଦେବି। ନିଜର ଗିରଫରେ ଜଣେ ବରିଷ୍ଠ ଆଇପିଏସଙ୍କ ନାଁ ନେଇ ମଧ୍ୟ ସେ ଆକ୍ଷେପ କରିଥିଲେ। ସମ୍ପୃକ୍ତ ଆଇପିଏସଙ୍କୁ ଟାର୍ଗେଟ୍ କହିଥିଲେ ସେ ମୋତେ ଗିରଫ କରିବାରୁ ପୁରସ୍କାର ପାଇ କମିଶନର ହେଲେ। ସେହିପରି କାର୍ତ୍ତିକ ପାଣ୍ଡିଆନଙ୍କ ସମ୍ପର୍କରେ ପଚରାଯିବାରେ 'ସେ ଗୋଟିଏ ମ୍ୟାଟେରିଆଲ୍ କି?' କହି ପ୍ରଦୀପ ଛିଗୁଲେଇଥିଲେ। ସେ ଆହୁରି ମଧ୍ୟ କହିଥିଲେଯେ କ୍ଷମତାରେ ଥିବା ସମୟରେ ନବୀନ ପଟ୍ଟନାୟକ ଓଡ଼ିଶାକୁ ଲୁଟିବା ସକାଶେ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଠିକା ଦେଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଦୁର୍ନୀତିର ହବ୍ ପାଲଟିଥିଲା ବୋଲି ବ୍ରହ୍ମପୁର ସାଂସଦ କହିଛନ୍ତି।

## 'ଗାଥା ଓଡ଼ିଶାର: ବନ୍ଦେ ଉତ୍କଳ ଜନନୀ'

# ନୃତ୍ୟ ନାଟିକାରେ ଝଲସିଲା ପ୍ରବାସୀ ଭାରତୀୟ ମଞ୍ଚ





ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି ୧୮ତମ ପ୍ରବାସୀ ଭାରତୀୟ ଦିବସ। ଆଲୋକମାଳାରେ ଝଲସୁଛି ମନ୍ଦିରମାଳିନୀ ସହର ଭୁବନେଶ୍ୱର। ଆଜି ପ୍ରବାସୀ ଭାରତୀୟ ଦିବସ ସାଂସ୍କୃତିକ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହୋଇଛି ନୃତ୍ୟ ନାଟିକା "ଗାଥା ଓଡ଼ିଶାର : ବନ୍ଦେ ଉତ୍କଳ ଜନନୀ"।ଓଡ଼ିଆ ଅସ୍ମିତାକୁ ଆଧାର କରି ପ୍ରସ୍ତୁତ ହୋଇଥିବା ଏହି ନୃତ୍ୟ ନାଟିକା ସମସ୍ତ ଦର୍ଶକମାନଙ୍କୁ ବିମୋହିତ କରିଛି।ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଏସ. ଜୟଶଙ୍କର ଦୀପ ପ୍ରଜ୍ୱଳନ କରି ଆଜିର ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାକୁ ନେଇ ପ୍ରସ୍ତୁତ ହୋଇଥିଲା "ଗାଥା ଓଡ଼ିଶାର" ନୃତ୍ୟ ନାଟିକା। ପ୍ରାଚୀନ ଇତିହାସ ଠାରୁ ଆରମ୍ଭ କରି ଆଧୁନିକ ଇତିହାସ, କଳିଙ୍ଗ ଯୁଦ୍ଧ ଓ ପାଇକ ବିଦ୍ରୋହ ଠାରୁ ନେଇ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିବା ପର୍ଯ୍ୟନ୍ତ ଓଡ଼ିଶାର ଏହି ଗୌରବମୟ ଗାଥାକୁ "ଗାଥା ଓଡ଼ିଶାର" ନୃତ୍ୟ ନାଟିକା ମାଧ୍ୟମରେ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ଏଥି ସହିତ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା, ପର୍ବପର୍ବାଣୀ ଆଦିକୁ ନୃତ୍ୟଶିଳ୍ପୀମାନେ ମୁକ୍ତାକାଶ ମଞ୍ଚରେ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ ଯାହା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।ବସୁଧୈବ

- ନୃତ୍ୟ ନାଟିକାରେ ଓଡ଼ିଆ ଅସ୍ମିତା
- ମନମୋହିଲା ବସୁଧୈବ କୁଟୁମ୍ବକମ୍
- ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଏକ ନିଚ୍ଛକ ନିଦର୍ଶନ : ଜୟଶଙ୍କର

କୁଟୁମ୍ବକମ୍ ର ବାର୍ତ୍ତା ପ୍ରଦାନ କରୁଥିବା ଏହି ନୃତ୍ୟନାଟିକାରେ ପ୍ରାୟ ୩୫୦ ନୃତ୍ୟ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଗାଥା ଓଡ଼ିଶାର ନୃତ୍ୟ ନାଟିକା ମାଧ୍ୟମରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଏକ ନିଚ୍ଛକ ନିଦର୍ଶନ ଦେଖିବାକୁ ମିଳିଛି ବୋଲି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ମତପ୍ରକାଶ କରିଥିଲେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ,ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବଲାଙ୍ଗୀର ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂ ଦେଓ, କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ।ପ୍ରକାଶଯୋଗ୍ୟ ଯେ, ଗାଥା ଓଡ଼ିଶାର ନୃତ୍ୟ ନାଟିକାଟି ଆଠଟି ଶାସ୍ତ୍ରୀୟ ନୃତ୍ୟ ଓ ଓଡ଼ିଶାର ଲୋକନୃତ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିଲା। ଗୁରୁ ଡ଼. ଅରୁଣା ମହାନ୍ତି ଏହି ନୃତ୍ୟନାଟିକାର କୋରିୟୋଗ୍ରାଫି କରିଥିଲେ।

# କୁମ୍ଭମେଳାକୁ ସ୍ୱତନ୍ତ୍ର ବସ୍

- ଓଡ଼ିଶାରୁ ଅଯୋଧ୍ୟା ପ୍ରିମିୟମ ବସ୍
- ୪ ମାର୍ଗରେ ଚାଲିବ ୮ ବସ୍
- ଓଏସ୍‌ଆରଟିସିର ୱେବସାଇଟ୍, ଆପ୍ ଏବଂ ଟିକେଟ୍ କାଉଣ୍ଟରରେ ବୁକିଂ

ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ଉତ୍ତର ଭାରତରେ ଆରମ୍ଭ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ମହାକୁମ୍ଭମେଳାକୁ ଦୃଷ୍ଟିରେ ରଖି ଓଡ଼ିଶାରୁ ଅଯୋଧ୍ୟାକୁ ସଂଯୋଗ କରିବାକୁ ଥିବା ସ୍ୱତନ୍ତ୍ର ବସ୍ ସେବା ଆସନ୍ତା ୧୩ରୁ ଆରମ୍ଭ ହେବ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଦ୍ୱାରା ପରିଚାଳିତ ଏହି ହାଇ-ଏଣ୍ଡ୍ ପ୍ରିମିୟମ ବସ୍ ସେବାରେ ୮ଟି ବସ୍ ଅଯୋଧ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ବସ୍‌ଗୁଡ଼ିକ ୪ଟି ମୁଖ୍ୟ ମାର୍ଗ ପୁରୀ, ସମ୍ବଲପୁର, ଭବାନୀପାଟଣା ଓ ବ୍ରହ୍ମପୁରରୁ ଚାଲିବ ଓ ପ୍ରତ୍ୟେକ ମାର୍ଗ ପାଇଁ ଦୁଇଟି ଲେଖାଏଁ ବସ୍ ରହିବ ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସେବା ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରିବ, ଯାହାଦ୍ୱାରା ରାଜ୍ୟର ସମସ୍ତ ତୀର୍ଥଯାତ୍ରୀ ଉପକୃତ ହୋଇପାରିବେ। ଏହି ସ୍ୱତନ୍ତ୍ର ସେବା ଆସନ୍ତା ମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଆରାମଦାୟକ ଯାତ୍ରାକୁ ପ୍ରାଥମିକତା ଦେବା ସକାଶେ ବସ୍ ଭିତରେ ସ୍ଲିପର୍ ସିଟ୍, ମୋବାଇଲ୍ ଚାର୍ଜିଂ ପୋର୍ଟ, ଇନଫୋଟେନମେଣ୍ଟ୍ ସିଷ୍ଟମ୍ ଏବଂ ଉନ୍ନତ ସ୍ଥିରତା ପାଇଁ ଲମ୍ବା ହ୍ୱିଲ୍ ବେସ୍ ପରି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଏହାଛଡ଼ା ବସ୍ ଭିତରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଅଗ୍ନି ସୁରକ୍ଷା ବ୍ୟବସ୍ଥା, ଲାଇଭ୍ ଯାନ ଟ୍ରାକିଂ, ପ୍ୟାନିକ୍ ବଟନ୍ ଏବଂ ଏକ ଉନ୍ନତ ଡ୍ରାଇଭର ସହାୟତା ବ୍ୟବସ୍ଥା (ଏଡିଏଏସ୍) ଭଳି ବୈଶିଷ୍ଟ୍ୟ ରହିଛି। ଏହି ଯାତ୍ରାର ଫାଇଦା ନେବା ସକାଶେ ଯାତ୍ରୀମାନେ ନିଗମ ୱେବ୍‌ସାଇଟ୍ ସହ ମୋବାଇଲ୍ ଆପ୍ ଓ ନିକଟସ୍ଥ ନିଗମ କାଉଣ୍ଟର୍‌ରୁ ଟିକେଟ୍ ବୁକ୍ କରିପାରିବେ। ସେହିପରି ଯାତ୍ରୀମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ପାଇଁ ୨୪ ଘଣ୍ଟିଆ ହେଲ୍ପଲାଇନ (୧୮୦୦-୩୪୫-୧୧୨୨ ଟୋଲ୍ ଫ୍ରି ନଂ ଏବଂ ହ୍ୱାଟସଆପ୍ ନଂ- ୭୮୪୯୦୦୫୨୨୦୫) ବ୍ୟବସ୍ଥା କରାଯାଇଛି।ଯାତ୍ରାକୁ ସମସ୍ୟାମୁକ୍ତ କରିବା ସକାଶେ ନିଗମ କର୍ମଚାରୀ ଓ ଅଧିକାରୀ ବସ୍‌ରେ ରହିବା ସହ ବାରଣାସୀରେ ମଧ୍ୟ ନିଯୋଜିତ ହେବେ। ମାର୍ଗ ବିବରଣୀ, ଭାୟା ଷ୍ଟପେଜ୍ ବିଷୟରେ ବିସ୍ତୃତ ସୂଚନା ଓଏସ୍‌ଆରଟିସି ୱେବସାଇଟ୍ ଏବଂ ଅଫିସିଆଲ୍ ସୋସିଆଲ୍ ମିଡିଆ ହ୍ୟାଣ୍ଡଲରେ ଉପଲବ୍ଧ ରହିଛି ।

## 'ଓଡ଼ିଶାର ଶ୍ରେଷ୍ଠ ସୁରକ୍ଷିତ ରହସ୍ୟର ଉନ୍ମୋଚନ'

# ପର୍ଯ୍ୟଟନ ବିକାଶକୁ ସରକାରଙ୍କ ପ୍ରାଥମିକତା



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ଓଡ଼ିଶାର କଳା, ସଂସ୍କୃତି, ଇତିହାସ ଏବଂ ପରମ୍ପରା କାଳଜୟୀ ହୋଇଥିବାବେଳେ ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟରେ ଭରପୂର ରାଜ୍ୟର ଲୋକକଳା, ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ସଙ୍ଗୀତ ଓ ଖାଦ୍ୟ ପରମ୍ପରାର ସ୍ୱାତନ୍ତ୍ର୍ୟ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତ। ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ କରାଇବା ଓ ରାଜ୍ୟରେ ପର୍ଯ୍ୟଟନର ବିକାଶକୁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ପ୍ରଥମ ଦିନରେ 'ଓଡ଼ିଶାର ଶ୍ରେଷ୍ଠ ସୁରକ୍ଷିତ ରହସ୍ୟର ଉନ୍ମୋଚନ' ପ୍ରସଙ୍ଗ ଉପରେ ଆୟୋଜିତ ଅଧିବେଶନରେ ଶ୍ରୀମତୀ ପରିଡା ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ଭାବନ ଉପରେ ଆଲୋକପାତ କରିଛନ୍ତି ।

ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଉପଲକ୍ଷେ ଓଡ଼ିଶାକୁ ଦେଶ ଓ ବିଦେଶରୁ ଆସିଥିବା ଅତିଥିମାନେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲି ଦେଖିବେ, ଫଳରେ ସେମାନେ ଆମର କଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଅବଗତ ହୋଇପାରିବେ। ଆମ ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷିତ କରିବା ସହିତ ଲୋକକଳା ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ଇକୋ-ରିଟ୍ରିଟଗୁଡିକର ବହୁଳ ପ୍ରଚାର ଓ ପ୍ରସାର କରିବା ଦିଗରେ ସରକାରଙ୍କ ନିରନ୍ତର ପ୍ରୟାସ ଜାରି ରହିଛି ଏବଂ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଓଡ଼ିଶାର ମହିଳାମାନଙ୍କର ଅଗ୍ରଣୀ ଭୂମିକା ରହିବ ବୋଲି ଶ୍ରୀମତୀ ପରିଡ଼ା ପ୍ରକାଶ କରିଥିଲେ। ଆଲୋଚନାରେ ଭାରତର ଜି-୨୦ ଶେରପା ଅମିତାଭ କାନ୍ତ, ବିଶିଷ୍ଟ ସେଫ୍ ସଂଜୀବ କପୁର, ଲଳିତ ସୁରୀ ହସପିଟାଲିଟି ଗ୍ରୁପର ସିଏମଡ଼ି ଜ୍ୟୋତ୍ସ୍ନା ସୁରୀ, ୱେଡ଼ିଙ୍ଗ ଲାଇନର ସହ-ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଏମ. ଡ଼ି ଶ୍ରୀ ଚେତନ ବୋହରା, ଓଡ଼ିଶା ପର୍ଯ୍ୟଟନର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରସିଦ୍ଧ ମନ୍ଦିର, ଅଭୟାରଣ୍ୟ, ଅରଣ୍ୟ ସମ୍ପଦ, ବନ୍ୟପ୍ରାଣୀ ସମ୍ପଦ ଓ ଖାଦ୍ୟ ସଂସ୍କୃତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ପାରମ୍ପରିକ ଖାଦ୍ୟକୁ ନେଇ ଓଡ଼ିଶାର ବିଶ୍ୱସ୍ତରୀୟ ପରିଚିତି ବାବଦରେ ମଧ୍ୟ ମତ ବିନିମୟ ହୋଇଥିଲା । ବେଲଗାଡ଼ିଆ ପ୍ୟାଲେସର ନିର୍ଦ୍ଦେଶକ ଅନ୍ୱିତା ଏମ ଭଞ୍ଜଦେଓ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

## ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ରେଞ୍ଜସ୍ତରୀୟ ସମୀକ୍ଷା ବୈଠକ

# ପରିସଂଖ୍ୟାନ ବ୍ୟବସ୍ଥାର ନିୟମିତ ତଦାରଖ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡିଶା ଅଧୀନସ୍ଥ ରେଞ୍ଜସ୍ତରୀୟ ସମୀକ୍ଷା ବୈଠକ ଗତକାଲି ଆରମ୍ଭ ହୋଇଥିବା ବେଳେ ଆଜି ଉଦ୍‌ଯାପିତ ହୋଇଛି। ବିଭାଗୀୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ରେଞ୍ଜ ସ୍ତରରେ ଯୁଗ୍ମ ନିର୍ଦ୍ଦେଶକ୍‌ମାନେ ସଂପୃକ୍ତ ଜିଲ୍ଲାଗୁଡିକରେ ଅଧିକାରୀମାନଙ୍କର କାର୍ଯ୍ୟ ସମୀକ୍ଷା ବୈଠକ କରି ବିଭିନ୍ନ କାର୍ଯ୍ୟକ୍ରମର ମାସ-ୱାରୀ ଅଗ୍ରଗତିର ସମୀକ୍ଷା ପୂର୍ବକ ପୁଙ୍ଖାନୁପୁଙ୍ଖ ତର୍ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷତଃ ନିର୍ଭୁଲ ତଥ୍ୟର ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମଗୁଡ଼ିକର ନିୟମିତ ସମୀକ୍ଷା କରିବା ଉପରେ ବିଭାଗୀୟ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ କେନ୍ଦ୍ରାଞ୍ଚଳ, ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଆଦି ୩ଟି ରେଞ୍ଜର ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକଙ୍କ ସମେତ ସମସ୍ତ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ନିର୍ଦ୍ଦେଶାଳୟ ତରଫରୁ ବିଭିନ୍ନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ୍ ଓ ଉପନିର୍ଦ୍ଦେଶକ୍‌ମାନଙ୍କ ଉପସ୍ଥିତିରେ କୃଷି ପରିସଂଖ୍ୟାନ ସଂଗ୍ରହ, ଏକାଦଶ କୃଷି ଗଣନା, ଜାତୀୟ ନମୁନା ସର୍ବେକ୍ଷଣ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ଶିଳ୍ପ ପରିସଂଖ୍ୟାନ ସଂଗ୍ରହ, ଦ୍ରବ୍ୟ ମୂଲ୍ୟସୂଚୀ ସହ ପ୍ରତ୍ୟେକ ଯୋଜନା ଓ କାର୍ଯ୍ୟକ୍ରମ ଆଧାରିତ ପରିସଂଖ୍ୟାନ ଓ ତଥ୍ୟ ସଂଗ୍ରହ ସମ୍ପର୍କିତ ସମୀକ୍ଷା କରାଯାଇଥିବାବେଳେ ଆଗାମୀ ୮୦ତମ ଜାତୀୟ ନମୁନା ସର୍ବେକ୍ଷଣ, ୭ମ କ୍ଷୁଦ୍ର ଜଳସେଚନ ଗଣନା, ୨ୟ ଜଳାଶୟ ଗଣନା, ପ୍ରଥମ ଝରଣା ଗଣନା, ୮ମ ଅର୍ଥନୈତିକ ଗଣନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକ ପରେ ନିର୍ଦ୍ଦେଶାଳୟ ଜରିଆରେ କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ଗଣନା ଓ ସର୍ବେକ୍ଷଣ ଏବଂ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ ତଥା ସଙ୍କଳନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ତଥ୍ୟର ଗୁଣବତ୍ତା ନିଶ୍ଚିତ କରାଯାଇପାରିବ ବୋଲି ଆଶା କରାଯାଇଛି।



ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଖୋଲିଲା ବୟନିକାର ନାଇଟ୍ ବଜାର। ନାଇଟ୍ ବଜାର ଉଦ୍‌ଘାଟନ କଲେ ବୟନ ହସ୍ତଶିଳ୍ପ ଓ ହସ୍ତତନ୍ତ୍ର ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

# ରାସ୍ତା ଭିଡ଼କୁ ନେଇ ବିଜେପି-ବିଜେଡି ସମର୍ଥକଙ୍କ ମାରପିଟ୍

କେନ୍ଦୁଝର,୮।୧(ସଂଚାର ବ୍ୟୁରୋ): ରାସ୍ତା ଭିଡ଼କୁ ନେଇ ବୁଧବାର ସନ୍ଧ୍ୟାରେ ବିଜେପି ଓ ବିଜେଡିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ମାର୍‌ପିଟ୍ ହେବାରୁ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ଏହାକୁ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଶତାଧିକ ବିଜେଡି କର୍ମୀ ଟାଉନ ଥାନାରେ ପହଞ୍ଚିଥିବା ବେଳେ ଥାନା ପରିସରରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି। ଥାନାରେ ବିଜେପି ନେତା ଓ ସମର୍ଥକମାନେ ଖବର ପାଇ ପହଞ୍ଚିଥିବା ଜଣାପଡିଛି। ଫଳରେ ଟାଉନ ଥାନାରେ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏନେଇ ପୋଲିସ ପକ୍ଷରୁ କୌଣସି ସୂଚନା ମିଳିନାହିଁ। ସୂଚନାନୁସାରେ, ଆଜି ସନ୍ଧ୍ୟାରେ କେନ୍ଦୁଝର ମାଇନିଂ ରୋଡ୍‌ର କୃଷକ ବଜାର ନିକଟରେ ଗାଡ଼ି ପାର୍କିଂ ଯୋଗୁ ରାସ୍ତା ଜାମ ହୋଇଥିଲା। ଏହାକୁ ନେଇ ବିଜେପିର ଜଣେ ନେତା ଓ ବିଜେଡିର ଜଣେ ନେତାଙ୍କ ଭାଇ ମଧ୍ୟରେ ବିତର୍କ ହୋଇଥିଲା। ଏହି ବିତର୍କ ଉଗ୍ର ରୂପ ନେଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିଲେ। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଦଳର କେତେକଙ୍କୁ ଥାନାକୁ ଆଣି ଆସିଥିଲେ। ଖବର ପାଇ ଉଭୟ ଦଳର ସମର୍ଥକମାନେ ଥାନାରେ ପହଞ୍ଚି ନ୍ୟାୟ ଦାବି କରିଥିଲେ। ରାତି ପର୍ଯ୍ୟନ୍ତ ପୋଲିସ ଉଭୟ ଦଳର ନେତାଙ୍କ ସହିତ ଆଲୋଚନା ଜାରି ରଖିଥିବା ବେଳେ ଘଟଣାର ମୋଡ଼ କ'ଣ ହେବ ତା'ପରେ ଜଣାପଡ଼ିବ।

# କଂସ ମହାରାଜଙ୍କ ପ୍ରଶ୍ନରେ ଅଧିକାରୀ ଘାଇଲା

ମଥୁରାନଗରୀ,୮।୧(ସଂଚାର ବ୍ୟୁରୋ): ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ବୁଧବାର ରାଜ ଦରବାରରେ ଅନୁଷ୍ଠିତ କଂସଙ୍କ ଜନତା ଦରବାର (ରଙ୍ଗସଭା)ବେଶ ଚିତ୍ତାକର୍ଷକ ଥିଲା। ଏହି ଜନତା ଦରବାରରେ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ସେଥିରେ ବରଗଡ଼ ଜିଲାପାଳଙ୍କ ସମେତ ପୁଲିସ, ସ୍ୱାସ୍ଥ୍ୟ, ଯୋଗାଣ, ବିଦ୍ୟୁତ୍ ଜଳସେଚନ, ପୂର୍ତ୍ତ, ପୌର ପରିଷଦ ଆଦି ବିଭାଗର ଅଧିକାରୀ ସାମିଲ୍ ଥିଲେ। ସେମାନେ କଂସ ମହାରାଜଙ୍କ ନିର୍ଦ୍ଦେଶକ୍ରମେ ହାଜର ହୋଇଥିଲେ। ବିଦୂଷକ ବିଭିନ୍ନ ବିଭାଗରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ନେଇ କଂସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପରେ କଂସ ମହାରାଜ ଗର୍ଜି ଉଠିଥିଲେ ଏବଂ ତୁରନ୍ତ ନିଜ ନିଜ ବିଭାଗରେ ରହିଥିବା ସମସ୍ୟାର ସମାଧାନ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅଧିକାରୀମାନଙ୍କୁ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏହି ଦୃଶ୍ୟାଭିନୟକୁ ଦର୍ଶକମାନେ ଉତ୍ସାହର ସହିତ ଉପଭୋଗ କରିଥିଲେ।

# ପୁରୀରେ ବର୍ଷକୁ ହେଉ ୪ ମହୋତ୍ସବ: ଆଇନମନ୍ତ୍ରୀ




ପୁରୀ,୮।୧(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପୁରୀ ବେଳାଭୂମି ମହୋତ୍ସବର ଦ୍ୱିତୀୟ ସଂଧ୍ୟାକୁ ଆଜି ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଛନ୍ତି ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ନିଜ ବକ୍ତବ୍ୟ ରେ ଶ୍ରୀ ହରିଚନ୍ଦନ ୧୮ ତମ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ଓଡିଶା ପାଇଁ ଏକ ବଡ ଉପଲବ୍ଧି ଓ ଗୌରବ ର ବିଷୟ।ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ର ପ୍ରବାସୀ ଭାରତୀୟମାନଙ୍କ ଭଲପାଇବା ର ଏହା ଏକ ସ୍ମୃତି।ମହାପ୍ରଭୁଙ୍କ କ୍ଷେତ୍ରକୁ ଆସିବା ସମସ୍ତଙ୍କ ଇଚ୍ଛା ଥାଏ।ପ୍ରବାସୀ ଭାରତୀୟ ମାନେ ମଧ୍ୟ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ଓ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରୁଛନ୍ତି। ଅତିଥିମାନଙ୍କୁ ସୁନ୍ଦର ଆତିଥେୟତା ପ୍ରଦାନ କ୍ଷେତ୍ରରେ ଓଡିଶା ଅଗ୍ରଣୀ। ଆମେ ପୁରୀବାସୀ ଏହାକୁ ଅକ୍ଷୁଣ୍ଣ ରଖିବା। ବିଚ ଫେଷ୍ଟିଭାଲ ପୁରୀର ହୋଟେଲ ଆସୋସିଏସନ ଆରମ୍ଭ କରିଥିବାରୁ ଏହାକୁ ପ୍ରଶାସନ, ହୋଟେଲ ଆସୋସିଏସନ ଓ ଅନ୍ୟାନ୍ୟ ସଂଗଠନ ମିଶି ବର୍ଷକୁ ୪ଟି ମହୋତ୍ସବର ବ୍ୟବସ୍ଥା କରିବାକୁ ଆଇନ ମନ୍ତ୍ରୀ ମତ ଦେଇଥିଲେ। ଏହାଦ୍ୱାରା ପର୍ଯ୍ୟଟକ ଅଧିକ ଆକୃଷ୍ଟ ହେବେ। ଆମର ଲକ୍ଷ୍ୟ ପୁରୀକୁ ଦୈନିକ ଅନ୍ତତଃ ଏକ ଲକ୍ଷ ଲୋକଙ୍କ ଆଗମନ ବୋଲି ସେ କହିଥିଲେ। ସେ କହିଥିଲେଯେ ସରକାର ବିକାଶ ପାଇଁ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ଆମେ ସମବଦ୍ଧ ଭାବେ ଏହାର ଉନ୍ନୟନ ଦିଗରେ କାର୍ଯ୍ୟ କରିବାକୁ ଶ୍ରୀ ହରିଚନ୍ଦନ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ଭାବେ ଆମେ ଅଲଗା ଅଲଗା ସ୍ଥାନରେ ଦେଖୁ। କିନ୍ତୁ ପୁରୀ ଉଭୟ ଧାର୍ମିକ ଓ ପର୍ଯ୍ୟଟନ ପାଇଁ ଲୋକଙ୍କୁ ଆକର୍ଷିତ କରିଥାଏ। ଅତୀତରେ ହୋଟେଲ ଆସୋସିଏସନ ପକ୍ଷରୁ ଏହି ମହୋତ୍ସବ ଆରମ୍ଭ ହୋଇଥିଲା। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପ୍ରବାସୀ ଭାରତୀୟମାନଙ୍କୁ ଆମେ ସ୍ୱାଗତ କରିବା ସହ ସେମାନଙ୍କୁ ଏକ ସୁଖଦ ଅନୁଭବ ଦେବା ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି କହିଥିଲେ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଏହି ଫେଷ୍ଟିଭାଲ୍ ପୁଣିଥରେ ଆରମ୍ଭ ହେବା ଦ୍ୱାରା ଆମ କଳା ସଂସ୍କୃତି ଓ ଐତିହ୍ୟକୁ ପ୍ରୋତ୍ସାହନ ମିଳିପାରିଛି ବୋଲି କହିଥିଲେ।

# ପୂର୍ବତନ ବିଧାୟକ ସଦନ ନାୟକଙ୍କ ବିୟୋଗ

ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): କୋଟପାଡର ପୂର୍ବତନ ବିଧାୟକ ସଦନ ନାୟକଙ୍କର ଆଜି ବିୟୋଗ ଘଟିଛି। ଗତ କିଛି ଦିନ ହେଲା ଏହି ବରିଷ୍ଠ ଜଣଙ୍କ ଅସୁସ୍ଥ ଥିଲେ। ସେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ କୋରାପୁଟର କୋଟପାଡ଼ ବିଧାୟକ ଭାବେ ବିଧାନସଭାରେ ସକ୍ରିୟ ଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ସ୍ୱର୍ଗତ ନାୟକ ଜଣେ ଦକ୍ଷ ସଂଗଠକ, ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ଭାବେ କୋରାପୁଟ ଜିଲ୍ଲାରେ ଲୋକପ୍ରିୟତା ଅର୍ଜନ କରିଥିଲେ। ୧୯୯୦ ରୁ ୯୫ ପର୍ଯ୍ୟନ୍ତ କୋଟପାଡର ବିଧାୟକ ଭାବେ ନିର୍ବାଚିତ ହୋଇ ନିର୍ବାଚନ ମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଗମନାଗମନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଥିଲେ । ଅଞ୍ଚଳର ବିକାଶ ପାଇଁ ତାଙ୍କ ଯୋଗଦାନ ତାଙ୍କୁ ସବୁଦିନ ପାଇଁ ସ୍ମରଣୀୟ କରି ରଖିବ ।

# ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ନିରଞ୍ଜନ



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):ଇଷ୍ଟକୋଷ୍ଟ ରେଲୱେର ୱାଲଟିୟର ଡିଭିଜନ ନୂତନ ଭାବେ ଗଠିତ ଦକ୍ଷିଣତଟ ରେଲୱେ ଅଧିନକୁ ଚାଲିଯିବା ପରିପ୍ରେକ୍ଷୀରେ ଗଭୀର ଉଦ୍‌ବେଗ ପ୍ରକାଶ କରି ପୂର୍ବତନ ପି.ସି.ସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ତଥ୍ୟଭିତ୍ତିକ ପତ୍ର ଲେଖିଛନ୍ତି । ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ, ୱାଲଟିୟର ଡିଭିଜନ ମଧ୍ୟରେ ଆସୁଥିବା ଓଡ଼ିଶାର ସମସ୍ତ ରେଳ ନେଟୱାର୍କ ଇଷ୍ଟକୋଷ୍ଟ ରେଳବାଇ ଅଧିନରେ ରହିବ କିନ୍ତୁ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନାହିଁ । ଏହି ବିଭାଜନ ଫଳରେ ସମସ୍ତ ମୁଖ୍ୟ ରେଳ ନେଟୱାର୍କ ୱାଲଟିୟର ଡିଭିଜନ ରହିଯିବ । ଯାହାକି ଓଡ଼ିଶା ପ୍ରତି ଅନେକ କ୍ଷତି ପହଂଚାଇବ । ଇଷ୍ଟକୋଷ୍ଟ ରେଲୱେକୁ ସଶକ୍ତ କରିବାରେ ୱାଲଟିୟର ଡିଭିଜନର ଏକ ପ୍ରମୁଖ ଭୂମିକା ଥିଲା । ଡିଜେଲ ଏବଂ ଇଲେକ୍ଟ୍ରି ଉଭୟ ପ୍ରକାର ଇଂଜିନର ସହାୟତା ୱାଲଟିୟର ଡିଭିଜନରୁ ଇଷ୍ଟକୋଷ୍ଟ ରେଳବାଇକୁ ମିଳୁଥିଲା । ଏହା ମଧ୍ୟ ସତ୍ୟ ଯେ ୱାଲଟିୟର ଡିଭିଜନରୁ ଯେଉଁ ପ୍ରଚୁର ରାଜସ୍ୱ ମିଳୁଥିଲା ତାହା ଆଉ ଇଷ୍ଟକୋଷ୍ଟକୁ ମିଳିବ ନାହିଁ । ଏହିପରି ବିଭିନ୍ନ ପ୍ରକାରର କ୍ଷତିକୁ ନୂତନଭାବେ ଗଠିତ ରାୟଗଡା ଡିଭିଜନ କେବେ ହେଲେ ପୂରଣ କରିପାରିବ ନାହିଁ । ତେଣୁ ୱାଲଟିୟର ଡିଭିଜନକୁ ସବୁକ୍ଷେତ୍ରରୁ ସଶକ୍ତ କରିବା ପାଇଁ ଯେଉଁ ପ୍ରକାର ନୀତି ଗ୍ରହଣ କରାଯାଇଛି ଓଡ଼ିଶାର ସ୍ୱାର୍ଥକୁ ଆଖିରେ ରଖି ରାୟଗଡା ଡିଭିଜନ ପାଇଁ ମଧ୍ୟ ସେହି ନୀତି ଅବଲମ୍ବନ କରିବା ଆବଶ୍ୟକ ।

ଆଜିସୁଦ୍ଧା ପ୍ରମୁଖ ବାଣିଜ୍ୟକ କେନ୍ଦ୍ର ଯଥା ବେଲପାହାଡ, ବ୍ରଜରାଜନଗର, ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇ ଅଧିନରେ । ସେହିପରି ପ୍ରମୁଖ ରେଳଷ୍ଟେସନ ଯଥା- ଝାରସୁଗୁଡା, ରାଉରକେଲା, ବୋଣ୍ଡାମୁଣ୍ଡା, ବଡବିଲ୍, ବାଲେଶ୍ୱର, ବାରିପଦା ଦକ୍ଷିଣ-ପୂର୍ବ ରେଳବାଇ ଅଧିନରେ ଅଛି । ତେଣୁ, ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ, ସୁନ୍ଦରଗଡ, ଦେବଗଡ, ଝାରସୁଗୁଡା, କେନ୍ଦୁଝର ଜିଲ୍ଲାର ସମସ୍ତ ରେଳଲାଇନକୁ ଯଥା ଶୀଘ୍ର ପୂର୍ବତଟ ରେଳବାଇ ଅଧିନକୁ ଆଣିବା ଆବଶ୍ୟକ । ଏଥିସହ କେନ୍ଦୁଝର ଜିଲ୍ଲାର ନିମ୍ନୋକ୍ତ ରେଳଲାଇନ ଗୁଡିକୁ ଖଣିଜ ପରିବହନ ପାଇଁ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେଥି ପ୍ରତି ମଧ୍ୟ ଦୃଷ୍ଟିକୋଣ ଆବଶ୍ୟକ । ଯଥା- ଟାଙ୍ଗିରପାଳ (ଯଖପୁରା-ବାଂଶପାଣି ଲାଇନ) - ଭଦ୍ରକ/କେନ୍ଦୁଆପଦା (କୋଲକାତା-ଚେନ୍ନାଇ ଲାଇନ୍), ବାଂଶପାଣି- ବଡବିଲ୍, ବୋଲାଣିଖାଦାନ- କିରିବୁରୁ, ନୟାଗଡ- ବରସୁଆଁ ।

ଓଡ଼ିଶା ଭାରତୀୟ ରେଳବାଇକୁ ଯେତିକି ପରିମାଣରେ ରାଜସ୍ୱ ଦେଉଛି, ସେହି ଅନୁପାତରେ ଓଡ଼ିଶାକୁ ତାର ପ୍ରାପ୍ୟ ମିଳିବା ଉଚିତ । ରାୟଗଡା ଡିଭିଜନ ନାମରେ ଏକ ନୂତନ ଡିଭିଜନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ୱାଲଟିୟର ଡିଭିଜନରୁ ଓଡ଼ିଶାର ପୂର୍ବୋକ୍ତ ସୁବିଧାକୁ ଅପସାରଣ କରିବା ଅନୁଚିତ । ଏ ସଂପର୍କରେ ମାନ୍ୟବର ରେଳମନ୍ତ୍ରୀ ବିଚାର କରିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି ।



ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଉଦ୍‌ଘାଟିତ ମୁକ୍ତେଶ୍ୱର ମହୋତ୍ସବର ଏକ ଝଲକ

ଈଶ୍ୱର ପ୍ରାପ୍ତି-ଯେଉଁ ବ୍ୟକ୍ତି ହୃଦୟର ପ୍ରତିଟି ସ୍ପନ୍ଦନ ଈଶ୍ୱରଙ୍କ ନାମରେ ସ୍ପନ୍ଦିତ, ପ୍ରତିଟି କ୍ଷଣରେ ଈଶ୍ୱରଙ୍କ ପ୍ରତିଛବି ପ୍ରସ୍ଫୁଟିତ, ପ୍ରତିଟି ନିଃଶ୍ୱାସରେ ଈଶ୍ୱରଙ୍କ ସ୍ଥିତି ଅନୁଭୂତ, ସେ ଈଶ୍ୱରପ୍ରାପ୍ତି ପାଇଁ ଶ୍ରେଷ୍ଠ ବିବେଚିତ।

SANCHAR
ସଂଚାର

୪ ଗୁରୁବାର ୯ ଜାନୁଆରୀ ୨୦୨୫, ଭୁବନେଶ୍ୱର
Thursday 9 January 2025 Bhubaneswar

# ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି

ନିକଟରେ ଛତିଶଗଡ଼ର ଦାନ୍ତେୱାଡ଼ାରେ ସୁରକ୍ଷା ବାହିନୀର ଗୁଳିରେ ୩୬ଜଣ ମାଓବାଦୀ ନିହତ ହୋଇଛନ୍ତି। ଏହାକୁ ଏକ ବଡ଼ ସଫଳତା ବୋଲି କୁହାଯାଇପାରେ। ଏହା ପରେ ମଧ୍ୟ ମାଓବାଦୀଙ୍କ ବିରୋଧରେ ଅଭିଯାନରେ କ୍ରମାଗତ ସଫଳତା ମିଳୁଛି। କିଛି ଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ ବୈଠକରେ ମାଓ ମୁକାବିଲା ନେଇ ସମୀକ୍ଷା କରିବା ପରେ କହିଥିଲେ ଯେ, ୨୦୨୬ ସୁଦ୍ଧା ଦେଶରୁ ମାଓବାଦ ସମ୍ପୂର୍ଣ୍ଣ ଲୋପ ପାଇବ। ଏହାର ପ୍ରଭାବ ଏବେ ଦେଖିବାକୁ ମିଳୁଛି। ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଛତିଶଗଡ଼ରୁ ମାଓ ସଂଗଠନ ଏବେ ଲୋପ ପାଇବାକୁ ଆରମ୍ଭ କରିଛି। କିନ୍ତୁ ଏହା ଭିତରେ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ଜାହିର କରିବା ପ୍ରୟାସ ମଧ୍ୟ ଜାରି ରଖିଛନ୍ତି। ଓଡ଼ିଶାରେ ଏକଦା ୯ଟି ଜିଲ୍ଲା ମାଓ ଉପଦ୍ରୁତ ଅଞ୍ଚଳ ଭାବେ ବିବେଚିତ ହେଉଥିଲା। ଏବେ ଏହା ୪କୁ ଖସିଆସିଛି। କାଁ ଭାଁ କେତେକ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଅନୁଭବ କରାଯାଉଛି। କିନ୍ତୁ ପ୍ରାୟତଃ ଏହା ଦୂର ହୋଇଯାଇଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଗୋଟିଏ ବଡ଼ ସଫଳତା ହେଲା ଦେଶରେ ଆତଙ୍କବାଦ ଏବଂ ମାଓବାଦର ଦୃଢ଼ ମୁକାବିଲା। ମାଓ ଉପଦ୍ରୁତ ରାଜ୍ୟଭାବେ ପରିଚିତ ଛତିଶଗଡ଼ରେ ଗତ ଦୁଇ ବର୍ଷ ହେବ ମାଓଦମନ ଅଭିଯାନ ଯୋରଦାର ହୋଇଛି। ଏଥିରେ ସଫଳତା ବି ମିଳିଛି। ୨୦୨୪ରେ ଛତିଶଗଡ଼ରେ ୨ଶହରୁ ଅଧିକ ମାଓବାଦୀ ସୁରକ୍ଷା କର୍ମୀଙ୍କ, ନକାଉଣ୍ଟରାରେ ନିହତ ହୋଇଥିବା ବେଳେ ହଜାରେରୁ ଅଧିକ ଆତ୍ମସମର୍ପଣ କରିଛନ୍ତି। ମାଓଦମନ ଅଭିଯାନରେ ସୁରକ୍ଷା ବାହିନୀକୁ ୨୦୨୪ରେ ସର୍ବାଧିକ ସଫଳତା ମିଳିଛି। ଗତ ସପ୍ତାହରେ ଛତିଶଗଡ଼ର ବସ୍ତର ଅଞ୍ଚଳହରେ ଏନକାଉଣ୍ଟରେ ୫ଜଣ ମାଓବାଦୀ ନିହତ ହୋଇଥିବା ବେଳେ ଜଣେ ଡିଆରଜି କନଷ୍ଟେବଲ ଶହୀଦ ହୋଇଥିଲେ। ଏହାର ଦୁଇଦିନ ପରେ ମାଧବାଦୀଙ୍କ ଆଇଇଡି ବିସ୍ଫୋରଣରେ ୯ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଛନ୍ତି। ସୁରକ୍ଷା ବାହିନୀ ଏକ ଅପରେସନ ସାରି ଫେରୁଥିବା ବେଳେ ବିଜାପୁର ନିକଟରେ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା। ଏହାକୁ ସୁରକ୍ଷାବାହିନୀ ବିଫଳତା ବୋଲି କୁହାଯାଇପାରେ। ମାଓ ଉପଦ୍ରୁତ ଅଞ୍ଚଳରେ ସୁରକ୍ଷା କର୍ମୀ ଯିବା ବେଳେ ଯେଉଁ ସର୍ବନିମ୍ନ ସତର୍କତା ବା ଏସଓପି ଅବଲମ୍ବନ କରାଯିବା ଉଚିତ ତାହା ପାଳନ କରାଯାଇନଥିଲା। ତେଣୁ ୯ଜଣ ଶହୀଦ ହେଲେ। ଛତିଶଗଡ଼ରେ ମାଓବାଦୀ ଏବେ ବି ସକ୍ରିୟ ଅଛନ୍ତି ଏବଂ ଶକ୍ତି ସଂଗ୍ରହ କରୁଛନ୍ତି। ସେମାନେ ନିଜ ଉପସ୍ଥିତି ଜାହିର କରିବାକୁ ଏଭଳି ବିସ୍ଫୋରଣ କରିଛନ୍ତି। ସୁରକ୍ଷା ବାହିନୀ ପ୍ରତି ଏହା ଏକପ୍ରକାର ଚାଲେଞ୍ଜ। ନିକଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦ ସମ୍ପୂର୍ଣ୍ଣ ନିର୍ମୂଳ ହେବ ବୋଲି କହିଥିଲେ। କିନ୍ତୁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଏହି ବକ୍ତବ୍ୟ ପଛରେ ବିଶ୍ୱାସ ଅଧିକ, ବାସ୍ତବତା ନୁହେଁ ବୋଲି କହିବାକୁ ପଡ଼ିବ। ମାଓବାଦୀମାନେ ପ୍ରତିକୂଳ ପରିସ୍ଥିତିରେ ତିଷ୍ଠି ରହିବା ଏବଂ ଲଢ଼େଇ କରିବା ଶିଖିଛନ୍ତି। ଗରିଲା ଯୁଦ୍ଧରେ ସେମାନେ ଉସ୍ତାଦ। ସେମାନଙ୍କୁ ସମ୍ପୂର୍ଣ୍ଣ ନିପାତ କରିବାକୁ ହେଲେ ସେହିପରି ରଣକୌଶଳ ଆବଶ୍ୟକ। ସେମାନଙ୍କ ବିରୋଧରେ ପର୍ଯ୍ୟାୟକ୍ରମେ ଲଢ଼େଇ ସଫଳ ହୋଇପାରିବ ନାହିଁ। ଏଥିଲାଗି ଏକପ୍ରକାର ନିର୍ଣ୍ଣାୟକ ଲଢ଼େଇର ଆବଶ୍ୟକତା ରହିଛି। ସେମାନଙ୍କୁ ନିର୍ମମଭାବେ ନିପାତ କରିବାର ଆବଶ୍ୟକତା ରହିଛି। ଶ୍ରୀଲଙ୍କାରେ ତାମିଲ ଉଗ୍ରବାଦୀ ବା ଏଲଟିଟିଇକୁ ଯେପରି ଜଙ୍ଗଲ ଭିତରେ ପଶି ସେନା ବାହିନୀ ନିପାତ କଲେ, ଭାରତରେ ମାଓବାଦୀଙ୍ଖଙ୍କ ବିରୋଧରେ ସେହିଭଳି ଅପରେସନର ଆବଶ୍ୟକତା ରହିଛି। ଏଥିଲାଗି ସ୍ୱତନ୍ତ୍ର ରଣକୌଶଳର ଆବଶ୍ୟକତା ରହିଛି। ମାଓଦମନ ଅଭିଯାନ ପୂର୍ବରୁ ସେମାନଙ୍କୁ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବା ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାର ସମ୍ପୂର୍ଣ୍ଣ ସୁଯୋଗ ଦିଆଯିବା ଉଚିତ। ଏଥିଲାଗି ଏକ ନିର୍ଦ୍ଦିଷ୍ଟ ସମୟଠୀମା ନିର୍ଦ୍ଧାରିତ ହେବା ଉଚିତ। ସେହି ସମୟସୀମା ଅତିକ୍ରାନ୍ତ ହେବା ପରେ ଆଉ କାହାରିକୁ କ୍ଷମା କରାଯିବାର ଆବଶ୍ୟକତା ନାହିଁ। ଛତିଶଗଡ଼'ର ବସ୍ତ ଉପତ୍ୟକା ହେଲା ମାଓବାଦୀଙ୍କ ଗଡ଼। ଏହାକୁ ଦଖଲ କରିବାକୁ ହେଲେ ସେହି ଗଡ଼ରେ ପ୍ରବେଶ କରି ସେମାନଙ୍କୁ ନିପାତ କରାଯିବା ଉଚିତ। ମାଓ ଦମନ ଅଭିଯାନରେ ରାଜ୍ୟ ପୋଲିସ ସହ କେନ୍ଦ୍ରୀୟ ବାହିନୀ ନିୟୋଜିତ ଅଛନ୍ତି। ମାଓବାଦୀଙ୍କୁ ନିପାତ କରିବା ପାଇଁ ଅଧିକ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ରହିଛି। ଏଥିଲାଗି ଯେତେ ଅଧିକ ଫୋର୍ସ ଆବଶ୍ୟକ ତାହା ନିୟୋଜିତ ହେବା ଉଚିତ। ଯେତେ ଅଧିକ ବ୍ୟୟ ହେଉ ନା କାହିଁକି ମାଓବାଦୀଙ୍କ ବର୍ବରତାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ। ମାଓବାଦୀମାନେ କୌଣସି ନୀତି, ଆଦର୍ଶରେ ଅନୁପ୍ରାଣୀତ ନୁହନ୍ତି। କାରଣ ହିଂସା, ଅମାନବୀୟ ହତ୍ୟା କେବେ ବି ସଭ୍ୟସମାଜରେ ଗ୍ରହଣୀୟ ନୁହେଁ। ଏହା କୌଣସି ନୀତି ବା ଆଦର୍ଶ ଭାବେ ବିବେଚିତ ହୋଇପାରିବ ନାହିଁ। ଏହା ଆଇନ ବିରୋଧୀ, ମାନବଜାତିର କଲ୍ୟାଣ ନୁହେଁ, ବିନାଶ ପାଇଁ ଉଦ୍ଦିଷ୍ଟ। ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ଭଲଭାବେ ବୁଝାଇବାକୁ ପଡ଼ିବ। ସେମାନଙ୍କୁ ମାଓବାଦର ବିରୋଧ କରିବାକୁ, ଅସହଯୋଗ କରିବାକୁ ପ୍ରରୋଚିତ କରିବାକୁ ପଡ଼ିବ। ମାଓବାଦୀମାନେ ସେମାନଙ୍କୁ ବିଭ୍ରାନ୍ତ କରୁଛନ୍ତି, ସୁରକ୍ଷା କର୍ମୀଙ୍କ ଗୁଳିର ଶିକାର ହେବାକୁ ପ୍ରରୋଚିତ କରୁଛନ୍ତି, ଏହା ବୁଝାଇବାକୁ ପଡ଼ିବ। ଯେ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସମର୍ଥନ, ସହଯୋଗ ଏବଂ ସହାୟତା ନମିଳିଛି ସେ ପର୍ଯ୍ୟନ୍ତ କୌଣସି ଅଭିଯାନ କେବେ ବି ସଫଳ ହୋଇପାରିବ ନାହିଁ। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କର ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ମାଓବାଦ, ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ। ଆଗକୁ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଆସୁଛି। ଝାଡ଼ଖଣ୍ଡ ଏକ ମାଓ ଉପଦ୍ରୁତ ଅଞ୍ଚଳ। ଏଠାରେ ପିଏଲଆଇ ପ୍ରଭାବ ରହିଛି। ନିର୍ବାଚନ ବେଳେ ସେମାନେ ହିଂସାକାଣ୍ଡ କରିବାର ଆଶଙ୍କା ରହିଛି। ଏହି ସୁଯୋଗରେ ସେମାନଙ୍କୁ ନିପାତ କରିବାକୁ ସୁରକ୍ଷା ବାହିନୀ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଉଚିତ।

# ଆମ ଅଜ୍ଞତା ଓ ଭଗବତ୍ ଗୀତା



**ରଶ୍ମିରଞ୍ଜନ ରାଉତ**

ଅଜ୍ଞତାର କୌଣସି ରୂପ କି ଆକାର ନାହିଁ, ଏହା ଅସୀମ ବିସ୍ତାର। ଅନୁରୂପ ଜ୍ଞାନର ମଧ୍ୟ କୌଣସି ପରିସୀମା ନାହିଁ। ଜ୍ଞାନ ବ୍ୟାପ୍ତ କିନ୍ତୁ ସୀମିତ। ଏହାର ସ୍ୱରୂପ ଓ କାୟା କେବଳ ମଣିଷ ଦ୍ୱାରା ହିଁ ପରିପୁଷ୍ଟ। ଅଜ୍ଞାନରୁ ଜ୍ଞାନ ଆଡ଼କୁ ଅଗ୍ରସର ହେବାର ଅବସରରୁ ହିଁ ମଣିଷର ଯେତେସବୁ ଚରମ ସଫଳତା ଓ ବିଫଳତା। ମାତ୍ର, ଜ୍ଞାନୀ କେବେ ବିଫଳ ହୋଇନପାରେ। ବିଫଳତାର ଅର୍ଥ ତା ପାଇଁ ଏକ ଅପ୍ରସ୍ତୁତ ପ୍ରୟାସ ମାତ୍ର। ଏହି ବିଶାଳ ଅଜ୍ଞତା ଭିତରୁ ମଣିଷ ନିଜକୁ ବାହାର କରିବାର ମାଧ୍ୟମ ହିଁ ଶ୍ରୀମଦ ଭଗବତ୍ ଗୀତା। ଭଗବତ୍ ଗୀତା ମହାଭାରତ ଭୀଷ୍ମ ପର୍ବର ୩ୟ ଅଧ୍ୟାୟରୁ ୪୨ ଅଧ୍ୟାୟ ଯାଏ ପରିମିତ। ଏଥିରେ ଥିବା ୧୮ଟି ଅଧ୍ୟାୟ ହେଉଛି ୧୮ଟି ଯୋଗ। ପ୍ରଥମ ୬ ଅଧ୍ୟାୟରେ ନିଷ୍କାମ କର୍ମଯୋଗ, ଦ୍ୱିତୀୟ ୬ ଅଧ୍ୟାୟରେ ଭକ୍ତିଯୋଗ ଓ ଶେଷ ୬ ଅଧ୍ୟାୟରେ ଜ୍ଞାନଯୋଗର ବର୍ଣ୍ଣନା କରାଯାଇଛି। ଗୀତା ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ପ୍ରଦାନ କରିଛନ୍ତି ଭଗବାନ ଶ୍ରୀକୃଷ୍ଣ। ୭୦୧ ଶ୍ଳୋକ ବିଶିଷ୍ଟ ଭଗବତ୍ ଗୀତା ଅର୍ଜୁନଙ୍କ ବିଷାଦ ଯୋଗରୁ ଆରମ୍ଭ ହୋଇ ମୋକ୍ଷ ସନ୍ନ୍ୟାସ ଯୋଗରେ ସମାପ୍ତ ହୋଇଛି। ମଣିଷ ଜୀବନର ଅନ୍ତର୍ଦାହ, ଅନ୍ତର୍ଯୁଦ୍ଧ, ଐଶ୍ୱରିକ ଓ ଆସୁରିକ ଚେତନା ମଧ୍ୟରେ ସଂଘର୍ଷ, ଉଚିତ ଓ ଅନୁଚିତ ମଧ୍ୟରେ ତାରତମ୍ୟ ହିଁ ଗୀତାର ମାଧୁର୍ଯ୍ୟ। ଜୀବନର ସମସ୍ତ ସମସ୍ୟାର ଜଟିଳତା ଓ ତାହାର ସମାଧାନ ନିମନ୍ତେ ଭଗବତ ଗୀତା ହେଉଛି ପ୍ରକୃଷ୍ଟ ଦିଗ୍‌ଦର୍ଶକ। ଗୀତାରେ ସ୍ଥାନିତ ସମସ୍ତ ଜ୍ଞାନ ଆମ ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣା ଓ ଦୁର୍ଘଟଣା ସହ ସଂଶ୍ଲିଷ୍ଟ।

ବୈଦିକ ଯୁଗରେ ମାନବବାଦ ଚିନ୍ତାଧାରାର ପରିପ୍ରକାଶ ଥିଲେ ମଧ୍ୟ ଯଜ୍ଞ ଓ ତପସ୍ୟା ଏବଂ ବ୍ରାହ୍ମଣବାଦର ପ୍ରଭାବରେ ଏହା ଲୋପ ପାଇଯାଇଥିଲା। ଏଣୁ ସେଇ ଚିନ୍ତାଧାରାକୁ କୁରୁକ୍ଷେତ୍ର ରଣାଙ୍ଗନରେ ଅର୍ଜୁନଙ୍କ ଆଗରେ ପୁନଃପ୍ରକାଶ କରିଛନ୍ତି ଭଗବାନ ଶ୍ରୀକୃଷ୍ଣ। ରଣଭୂଇଁରେ ଯେତେବେଳେ ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ଯୁଦ୍ଧ ପାଇଁ ଯେଉଁମାନେ ଠିଆ ହେଇଛନ୍ତି ସେମାନେ ତାଙ୍କର ଜଣେଜଣେ ଆତ୍ମୀୟ ଓ ପରିଜନ। ଏଣୁ ଯୁଦ୍ଧ କରିବାକୁ ମନାକରି ଥୋଇଦେଲେ ଗାଣ୍ଡିବ। ଅବସାଦଗ୍ରସ୍ତ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କୁ କହିଲେ ସଖା, ନିଜ ଆତ୍ମୀୟସ୍ୱଜନ ଏବଂ ନିର୍ଦ୍ଦୋଷ ସୈନ୍ୟଙ୍କୁ ହତ୍ୟା କରି ଯେଉଁ ବିଜୟ ମୁକୁଟ ହାସଲ କରିବି ତାହା ମୋତେ କି ସୁଖ ଦେବ ? ବରଂ ଏମାନଙ୍କୁ ମାରିଲେ କୁଳକ୍ଷୟ ହେବ, କୁଳଧର୍ମ ବୁଡ଼ିଯିବ, ପିତୃପୁରୁଷ ପିଣ୍ଡପାଣି ନ ପାଇ ନର୍କରେ ପଡ଼ିବେ। କୁଳନାରୀମାନେ ଅନ୍ୟ ପୁରୁଷ ଆଦରିବେ ଓ ଆର୍ଯ୍ୟ ଜାତି ନଷ୍ଟ ହୋଇଯିବ।



ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କର ଏ ବିଷାଦ ଅବସ୍ଥାର ମୁକାବିଲା କଲେ ଓ ଅର୍ଜୁନଙ୍କୁ ଆର୍ଯ୍ୟ ଧର୍ମ କଣ ବୁଝାଇଲେ। ଆଉ କହିଲେ, ଯୋଗ ଓ ସ୍ୱଧର୍ମ ହେଉଛି ଆର୍ଯ୍ୟ ଧର୍ମର ଭିତ୍ତି। ଯୋଗସିଦ୍ଧ ହେବା ନିମନ୍ତେ ବ୍ରହ୍ମରେ ବୁଦ୍ଧି ସ୍ଥିର ରହିବା ଦରକାର। ବ୍ରହ୍ମ ହିଁ ମନୁଷ୍ୟର ସ୍ଥିର ଓ ଚରମ ଆଦର୍ଶ। ବ୍ରହ୍ମର ଆଦର୍ଶରେ ମନ ସ୍ଥିର କରି ନିଷ୍କାମ ନିଜର କର୍ମ କରିଯିବା ହିଁ ଯୋଗ। ଏହି ଯୋଗ ହିଁ ମାନବ ଧର୍ମ। ଏଣୁ ନିଜର ଧର୍ମ ପାଳନ କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଏଣୁ ତୁମେ ତୁମର କର୍ତ୍ତବ୍ୟ ପାଳନ କରିଚାଲ। ଫଳ ଉପରେ ଆଶା ରଖନାହିଁ। ଏହା ନକରିବାକୁ ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। କାରଣ କୌଣସି ବି ବିଷୟର ଚିନ୍ତନ ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ପାର୍ଥ, ମାନବ ଶରୀରଧାରୀ ପାପୀମାନେ ହେଉଛି ମୋର ପ୍ରଥମ ଶତ୍ରୁ। ତେଣୁ ତୁମେ କେବଳ ସେହି ପାପୀ ଶରୀରର ଅନ୍ତ କର। ଆତ୍ମାର ମୃତ୍ୟୁ ନାହିଁ। ମୃତ୍ୟୁବରଣ ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହେବେ। ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ। ଏଣୁ ତୁମେ ତୁମର କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ। ତଥାପି ଦ୍ୱନ୍ଦ୍ୱରେ ପଡ଼ିଲେ ଅର୍ଜୁନ। ଶେଷରେ ମୋହଗ୍ରସ୍ତ ଅର୍ଜୁନଙ୍କୁ ପରମେଶ୍ୱର କୃଷ୍ଣ ପ୍ରକୃତିର ବିଶ୍ୱରୂପ ଦର୍ଶନ କରାଇଥିଲେ। ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନ ହୃଦ୍‌ବୋଧ ହେଲେ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ନିଜର ଅଜ୍ଞତାକୁ ଦୂର କରି ଅର୍ଜୁନ ଯୁଦ୍ଧ ପାଇଁ ଉଠାଇଲେ ଗାଣ୍ଡିବ। ଭଗବାନଙ୍କର ସେହିସବୁ ମୁଖନିସୃତ ବାଣୀକୁ ମହର୍ଷି ବେଦବ୍ୟାସ ଭଗବତ ଗୀତାରେ ଲିପିବଦ୍ଧ କଲେ। ବସ୍ତୁତଃ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ପ୍ରବର୍ତ୍ତନା ମାନବ ସମାଜ ପାଇଁ ଶ୍ରେଷ୍ଠ ଆଧ୍ୟାତ୍ମିକ ପଥପ୍ରଦର୍ଶକ ପୁସ୍ତକ ଭଗବତ୍ ଗୀତା ରୂପେ କଲା ଆତ୍ମପ୍ରକାଶ।

ଧର୍ମ ଅଧର୍ମ ଉପରେ ଦଣ୍ଡାୟମାନ ମହାଭାରତରେ କୌରବ ଥିଲେ ଅଧର୍ମର ପ୍ରତୀକ। ପାଣ୍ଡବ ଥିଲେ ଧର୍ମର ସ୍ୱରୂପ। ଧର୍ମ ପରମାତ୍ମା ଅଭିମୁଖେ ନେଇ ଯାଏ। ମାତ୍ର ଅଧର୍ମ ମନୁଷ୍ୟକୁ ସାଂସାରିକ ମୋହମାୟା ପ୍ରତି ମୁଖରିତ କରି ବିନାଶ ଅଭିମୁଖେ କରେ ପ୍ରେରିତ। ଧର୍ମ ଈଶ୍ୱରଙ୍କ ଶରଣାପନ୍ନ ହେଲେ ତା'ର ବିଜୟ ନିଶ୍ଚିତ। ଏଣୁ ଧର୍ମର ପକ୍ଷଧର ହୋଇ ସତ୍ୟର ବିଜୟ ପାଇଁ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ଧରି ରଣାଙ୍ଗନରେ ଅବତୀର୍ଣ୍ଣ ହେବା ସହ ବିଜୟୀ ମଧ୍ୟ କରାଇଲେ। ଯାହାଙ୍କ ପାଖରେ ତୁଚ୍ଛ ହୋଇପଡ଼ିଲା ସୈନ୍ୟବଳ, ବାହୁବଳ। ପିତାମହ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, କର୍ଣ୍ଣ, ଅଶ୍ୱସ୍ଥମାଙ୍କ ପରି ମହାନ ଯୋଦ୍ଧା, ସର୍ବୋପରି ନାୟାରଣୀ ସେନା ଥାଇ ବି ପରାଜିତ ହେଲେ କୌରବ।

ଏକଦା ଯକ୍ଷ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ଯୁଧିଷ୍ଠିର କହିଥିଲେ 'ଏ ସାରା ସଂସାରକୁ ଢାଙ୍କି ରଖିଛି ଅଜ୍ଞାନ। ଜ୍ଞାନ ପ୍ରତି ଶ୍ରଦ୍ଧା ରଖୁଥିବା ଲୋକେ ବିଶେଷ ଅଧିକାରୀ ହେବା ସହ, ଜ୍ଞାନ ଦ୍ୱାରା ସମାହିତ କର୍ମ ସର୍ବଦା ସମାଜର ହିତ ସାଧନ କରେ। ଅତଃ ଆମ ଅବବୋଧର ଅନୁପସ୍ଥିତିରେ ଅଜ୍ଞତା ଧାରଣ କରେ ବିରାଟ ରୂପ। ଏଣୁ ପାଠକେ ଗୀତାର ସାରଜ୍ଞାନକୁ ଆମେ ଜୀବନରେ ଉପଯୋଗ କରି ଅଜ୍ଞାନ ରୂପକ ଅବଗୁଣକୁ ଆମ ଭିତରୁ ପରିହାର କରି ଜ୍ଞାନ ସ୍ଥାପନା କରିପାରିଲେ ଈଶ୍ୱର ସ୍ୱୟଂ ଆମର ଜୀବନ ରଥରେ ସାରଥୀ ହେବେ ଏହା ନିଶ୍ଚିତ।

**୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ**
**ମୋବାଇଲ୍: ୭୮୦୯୦୩୭୬୦୮**

# ମନମୋହନ ସିଂହ: ଉଦାରିକରଣର ଜନକ

**କିଶୋର ଶତପଥୀ**

କୌଣସିଠାରେ ଜନ୍ମ ହେବା ହେଉଛି ଦୈବର ଅଧିନ, କିନ୍ତୁ ପୁରୁଷାକାର ହେଉଛି ମୋହ ଅଧିନ। ମହାଭାରତର ମହାନ ଯୋଦ୍ଧା କର୍ଣ୍ଣଙ୍କର ଏହି ଆପ୍ତବାକ୍ୟର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ। ଜନ୍ମ ହେଉଛି ବ୍ରିଟିଶ ଶାସିତ ଭାରତର ପଞ୍ଜାବ ପ୍ରଦେଶର ଏକ ଛୋଟିଆ ଗାଁର ଏକ ଅତି ଦରିଦ୍ର ପରିବାରରେ, ବିୟୋଗ ଘଟୁଛି ଭାରତର ରାଜଧାନୀ ଦିଲ୍ଲୀ ମହାନଗରୀରେ। ଦାରିଦ୍ର୍ୟ ତାଙ୍କର ବୌଦ୍ଧିକ ଏବଂ ନୈତିକ ମହାନଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରିପାରିନାହିଁ। ଅଧ୍ୟୟନରେ ସବୁବେଳେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅକ୍ସଫୋର୍ଡରେ ତାଙ୍କର ନିବନ୍ଧ ଉଚ୍ଚ ପ୍ରଶଂସା ଅର୍ଜନ କରିଛି। ଅକ୍ସଫୋର୍ଡ ଠାରୁ ଆରମ୍ଭ କରି ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସରେ ସେ ପ୍ରଫେସର ଭାବେ କାର୍ଯ୍ୟ କରି ବହୁ ପ୍ରତିଭାବାନ ଛାତ୍ରଙ୍କୁ ସୃଷ୍ଟି କରିଛନ୍ତି। ସେ ବିଶ୍ୱବ୍ୟାଙ୍କରେ ଉଚ୍ଚପଦବୀରେ କାର୍ଯ୍ୟକରିଛନ୍ତି। ଭାରତ ସରକାରଙ୍କ ଡାକରାରେ ସେ ଆସି କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟର ପରାମର୍ଶଦାତା ହୋଇଛନ୍ତି। ଏହାପରେ ଅର୍ଥବିଭାଗର ସଚିବ, ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ଯୋଜନା ଆୟୋଗର ଉପାଧ୍ୟକ୍ଷ ହୋଇଛନ୍ତି। ଶେଷରେ ଭାରତର ପ୍ରଧାନମନ୍ତ୍ରୀ। ଶିଳ୍ପ ଏବଂ ବାଣିଜ୍ୟ କ୍ଷେତ୍ରରେ ଭାରତ କିପରି ପ୍ରଗତି କରିବ ତାହାର ଖସଡା ପ୍ରସ୍ତୁତ କରିବା ସହିତ ତାହାର ସଫଳ ରୂପାୟନ କରିଛନ୍ତି। ଦେଶର ଅର୍ଥନୀତି ଯେତେବେଳେ ଦାରୀଦ୍ର୍ୟର ଗର୍ତ୍ତରେ ପଡ଼ି ତ୍ରାହିତ୍ରାହିର ଡାକରା ଦେଉଛି ସେତିକି ବେଳେ ଦେଶର ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ନେଇ ସେ ଦେଶକୁ ପୁଣି ଆର୍ଥିକ ବିକାଶ ମାର୍ଗରେ ନେବାରେ ସଫଳ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଶ୍ଚାତ ଦେଶର ଅର୍ଥନୀତିଜ୍ଞମାନଙ୍କୁ ଚକିତ କରିଦେଇଛି। ସେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ନେବା ବେଳେ ଦେଶର ବୈଦେଶିକ ଜମାପୁଞ୍ଜି ମାତ୍ର ୯୨ କୋଟି ଡଲାର ଥିଲା। ଏହାକୁ ସେ ୨୪୦ କୋଟି ଡଲାର ପର୍ଯ୍ୟନ୍ତ ନେବାରେ ସଫଳ ହୋଇଛନ୍ତି। ସେ ଦେଶର ପ୍ରଧାନମନ୍ତ୍ରୀ ପଦରୁ ବିଦାୟ ନେବାବେଳେ ବୈଦେଶିକ ପୁଞ୍ଜିର ପରିମାଣ ୬ ହଜାର କୋଟି ଡଲାର ଥିଲା।ଦେଶରେ ନବ୍ୟ ଉଦାରିକରଣ ନୀତିକୁ କାର୍ଯ୍ୟକାରି କରି ସେ ଦେଶର ଆର୍ଥିକ ବିକାଶ ସହିତ ବେକାରୀ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଛନ୍ତି। ଭାରତର ଆର୍ଥିକ ସଂସ୍କାରର ସେ ହେଉଛନ୍ତି ଜନକ। ନରସିଂହ ରାଓଙ୍କ ମନ୍ତ୍ରିମଣ୍ଡଳରେ ଅର୍ଥମନ୍ତ୍ରୀ ଭାବେ ସେ ଯୋଗଦେବା ବେଳେ ଭାରତ ଦେବାଳିଆ ପରିସ୍ଥିତିରେ ପଡ଼ିଯାଇଥିଲା। ଏହି ପରିସ୍ଥିତିରୁ ରକ୍ଷାପାଇବା ନିମନ୍ତେ ସେ ଭାରତରେ ଉଦାରୀକରଣ ନୀତିର ପ୍ରୟୋଗ କଲେ।

୨୦୦୪ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାମାତ୍ରେ ସେ ଆର୍ଥିକ ସଂସ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ବିଶ୍ୱ ବଜାରରେ ଭାରତ କିପରି ସଫଳତାର ସହିତ ପ୍ରତ୍ୱନ୍ଦିତାର ସମ୍ମୁଖିନ ହେବା ସହିତ ଦେଶର ସାମୁହିକ ପ୍ରଗତି ହୋଇପାରିବ ତାହା ଉପରେ ପ୍ରାଧାନ୍ୟ ପ୍ରଦାନ କରିଥିଲେ। ମନମୋହନ ଅର୍ଥମନ୍ତ୍ରୀ ଭାବେ କିପରି ଦାୟିତ୍ୱ ଗ୍ରହଣ କରିଥିଲେ ସେସମ୍ପର୍କରେ ପି.ସି. ଆଲେକଜାଣ୍ଡର ତାଙ୍କ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ସେ ଲେଖିଛନ୍ତି ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲାବେଳେ ଦେଶର ଆର୍ଥିକ ସ୍ଥିତି ଘେନି ବିବ୍ରତ ହୋଇ କା।ହକୁ ଅର୍ଥମନ୍ତ୍ରୀ କରାଯାଇପାରିବ ସେସମ୍ପର୍କରେ ତାଙ୍କ ପରାମର୍ଶ ଲୋଡିବାରୁ ଆଲେକଜାଣ୍ଡର କହିଥିଲେ ମନମୋହନ ସିଂହଙ୍କୁ ଅର୍ଥବିଭାଗର ଦାୟିତ୍ୱ ପ୍ରଦାନ କରାଗଲେ ସେ ଦେଶକୁ ଦେବାଳିଆ ପରିସ୍ଥିତିରୁ ରକ୍ଷା କରିପାରିବେ। ମନମହୋନ ବାଲକୋନିରେ ବସିଥିବା ବେଳେ ପି.ଭିଙ୍କ ଠାରୁ ଫୋନ ପାଇଲେ ଯେ ତାଙ୍କୁ ଅର୍ଥମନ୍ତ୍ରୀ ଭାବେ ନିଜ କ୍ୟାବିନେଟରେ ନେବାକୁ ସେ ଚାହୁଁଛନ୍ତି। ଏଥି ସହିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ ନିଷ୍ପତ୍ତି ଉପରେ ସେ କୌଣସି ପ୍ରଶ୍ନ କରିବେ ନାହିଁ। ତାହା ହିଁ ହୋପଇଥିଲା। ଅର୍ଥମନ୍ତ୍ରୀ ଭାବେ ୧୯୯୧ରେ ସେ ଯେଉଁ ଆର୍ଥିକ ଉଦାରୀକରଣ ନୀତି ଦେଶରେ ଲାଗୁ କଲେ ତାହାର ସୁଫଳତା ଆମେ ପାଇଲେ। ପୃଥିବୀରେ ଏକ ଦୃତ ପ୍ରଗତିଶୀଳ ଆର୍ଥିକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ଭାବେ ଭାରତର ପରିଚୟ ସୃଷ୍ଟି ହୋଇଥିଲେ। ସେତେବେଳେ ପୃଥିବୀର ପ୍ରଖ୍ୟାତ ଅର୍ଥନୀତିଜ୍ଞମାନଙ୍କ ମନ୍ତବ୍ୟ ଥିଲା ଏହି ହାରରେ ଯଦି ଭାରତର ଆର୍ଥିକ ପ୍ରଗତି ଘଟିଚାଲେ ତେବେ ୫ ବର୍ଷ ମଧ୍ୟରେ ଏହି ଦେଶ ଚୀନର ଆର୍ଥିକ ସ୍ଥିତିକୁ ଟପିଯିବ। ଏବେ ଆମେ ବଂଗଳାଦେଶର ଆର୍ଥିକ ସ୍ଥିତି ଠାରୁ ମଧ୍ୟ କମରେ ଅଛେ। ମନମୋହନଙ୍କ ମନ୍ତବ୍ୟ ଥିଲା ଯେ ଆମର କେତେ କାର ଥିଲା କିମ୍ବା କେତେ ବଡବଡ ଘର ଆମର ଥିଲା ତାହାକୁ ଗଣନା ନକରି ଆମ ସମୟରେ କେତେ ଲୋକଙ୍କୁ ଆମେ ଦାରୀଦ୍ର୍ୟ ସୀମାରେଖା ଉପରକୁ



ନେଇପାରିଛେ ତାହାର ବଣନା କରି ଆମର ସଫଳତାକୁ ମାପିବା। ମନମୋହନଙ୍କ ମନ୍ତବ୍ୟଥିଲା ଉଦାରୀକରଣ ଫଳରେ ଦେଶ ସମ୍ମୁଖରେ କେବଳ ଅଧିକ ଆହ୍ୱାନ ଦେଖାଦେବ ନାହିଁ, ଏଥି ସହିତ ନୂତନ ସୁଯୋଗ ମଧ୍ୟ ସୃଷ୍ଟି ହେବ। ଏହାକୁ ଆମେ କିପରି ଭାବେ ଚଳାଇ ପାରୁଛେ ତାହା ଉପରେ ଆମର ଆର୍ଥିକ ବ୍ୟବସ୍ଥା ନିର୍ଭର କରିବ।

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାପରେ ଡକ୍ଟର ସିଂହ କହିଥିଲେ ଭାରତ ହେଉଛି ଏକ ପୁରାତନ ଦେଶ। ଏଥି ସହିତ ଭାରତ ମଧ୍ୟ ଏକ ଯୁବ ରାଷ୍ଟ୍ର। କାରଣ ପୃଥିବୀର ସବୁଠାରୁ ଅଧିକ ଯୁବକ ଆମ ଦେଶରେ ବାସ କରୁଛନ୍ତି। ସେମାନଙ୍କର ପରିଶ୍ରମ ଉପରେ ଦେଶର ଆର୍ଥିକ ପ୍ରଗତି ନିର୍ଭର କରେ। ସିଂହ କହିଥିଲେ ବିକାଶ ପ୍ରକ୍ରିୟାର ସବୁ ଠାରୁ ବଡ ଶ୍ରତ୍ରୁ ହେଉଛି ଦୁର୍ନୀତି। ଏହା ଶାସନ ବ୍ୟବସ୍ଥାକୁ ମଧ୍ୟ ଦୁର୍ବଳ କରିପକାଏ। ଏହାର ନିରାକରଣ ଅତ୍ୟନ୍ତ ଆବଶ୍ୟକ। ଯେଉଁମାନେ ଜ୍ଞାନ ଆହରଣ କରୁଛନ୍ତି, ବୈଷୟିକ ଜ୍ଞାନକୌଶଳ ହାସଲ କରିବାରେ ସଫଳ ହୋଇପାରିଛନ୍ତି ଏବଂ ନୂଆନୂଆ କାମ କରିବାକୁ ଆଗ୍ରହ ରଖୁଛନ୍ତି ସେମାନଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭର କରିଥାଏ। ଦେଶରେ କିପରି ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରବର୍ତ୍ତନ କରାଯାଇପାରି ଏବଂ ସମସ୍ତେ କିପରି ଶିକ୍ଷା ଲାଭର ସୁଯୋଗ ପାଇବେ ତାହା ଉପରେ ମଧ୍ୟ ସେ ପ୍ରାଧାନ୍ୟ ଦେଇଥିଲେ। ଆମର ସାମାଜିକ ବ୍ୟବସ୍ଥା ବହୁଧା ଉପରେ ଉପରେ ଗଢି ଉଠିଛି। ବହୁ ଜାତି, ଧର୍ମ, ଭାଷା ଏବଂ ଗୋଷ୍ଠୀର ଲୋକ ଏଠାରେ ବାସ କରନ୍ତି। ବହୁଧାରେ ଏକତା ହେଉଛି ଭାରତର ଐତିହ୍ୟ। ଏଥିରେ କୁଠାର ଘାତ କରାଗଲେ ଭାରତର ପତନକୁ କେହି ରକ୍ଷା କରିପାରିବେ ନାହିଁ। ସାମ୍ପ୍ରଦାୟିକତାବାଦୀଙ୍କ ପ୍ରତି ଅତି ମାତ୍ରାରରେ ସତର୍କ ରହିବାକୁ ସେ ଦେଶବାସୀଙ୍କୁ ପରାମର୍ଶ ଦେଇ କହିଥିଲେ ସାମ୍ପ୍ରଦାୟିକତାବାଦୀ ଶକ୍ତିମାନେ ପରସ୍ପରକୁ ସାହାଯ୍ୟ ଦେଇ ନିଜର ଶକ୍ତି ବୃଦ୍ଧି କରିବା ସହିତ ସମାଜରେ ସଂଘାତ ସୃଷ୍ଟି କରନ୍ତି। ଏମାନେ ଭାରତର ବହୁଧା ସାମାଜିକ ବ୍ୟବସ୍ଥାକୁ ରକ୍ତାତ କରିବା ସହିତ ଏହାର ଭବିଷ୍ୟତ ହତ୍ୟା କରନ୍ତି। ଏମାନଙ୍କୁ ସାବଧାନ ରହିବାକୁ ତାଙ୍କର ଆବେଗଭରା ଆହ୍ୱାନ ଥିଲା। ବୈଶିକ ଜ୍ଞାନ କୌଶଳ ଏବଂ ବ୍ୟାବହାରିକ ଜ୍ଞାନର ଅଧିକାରୀ ହୋଇଥିବା ବ୍ୟକ୍ତିର ମୂର୍ତ୍ତୀ ମନ୍ତ ପ୍ରତୀକ ହେଉଛନ୍ତି ମନମୋନ ସିଂହ।ଏକବିଂଶ ଶତକର ପୃଥିବୀରେ ବିଶ୍ୱ ଆର୍ଥିକ ବ୍ୟାପାରରେ ଭାରତ ଏକ ଗୌରବମୟ ସ୍ଥାନ ଅଧିକାର କରିବା ସହିତ ଦେଶ ଆଭ୍ୟନ୍ତରୀଣ ଆର୍ଥିକ ବିକାଶ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରିପାରିବ ବୋଲି ତାଙ୍କର ଆସ୍ଥା ଥିଲା। ତାଙ୍କର ମତ ଥିଲା ଦେଶର ଆର୍ଥିକ ବିକାଶର ଫଳ ସମାଜର ସବୁଠାରୁ ତଳ ଶ୍ରେଣୀରେ ଥିବା ବ୍ୟକ୍ତଙ୍କ ପାଖରେ ପହଞ୍ଚି ପାରିଲେ ଯାଇ ଭାରତର ପ୍ରକୃତ ଆର୍ଥିକ ପ୍ରଗତି ହାସଲ ହୋଇପାରିବ। ସାମ୍ପ୍ରତିକ ଭାରତରେ ତାହା ହୋଇପାରୁଛିକି ?

ମନମୋହନଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ସରକାର ଖାଦ୍ୟ ଅଧିକାର, ଶିକ୍ଷା ଅଧିକାର, ଜାଣିବାର ଅଧିକାର ଆଦି ନାଗରୀକଙ୍କୁ ପ୍ରଦାନ କରିଥିଲେ। ସେହି ଅଧିକାର ବଳରେ ଦାରୀଦ୍ର୍ୟ ସୀମାରେଖା ତଳେ ଥିବା ୮୧ କୋଟି ଲୋକଙ୍କୁ ସରକାର ମାଗଣା ଖାଦ୍ୟ ଦେବାକୁ ବାଧ୍ୟ ହୋଇଛନ୍ତି। ବୈଜ୍ଞାନିକ ଗବେଷଣା ଏବଂ ବୈଷୟିକ ଜ୍ଞାନ କୌଶଳର ବିକାଶ ହେଉଛି ପ୍ରକୃତ ଡବଲ ଇଞ୍ଜିନ ଯାହାକି ଦେଶର ଆର୍ଥିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ପାରିବ।ଏହା ଥିଲା ମନମୋହନ ସିଂହଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟର ଡାକରା। ଏବେ କି ଡାକରା ଦିଆଯାଉଛି ? ପ୍ରକୃତ ଭାରତ ତାହାର ଗ୍ରାମରେ ବାସ କରେ। ଗାଁକୁ ବାଦ ଦେଇ କେବଳ ସହରିକରଣ ଉପରେ ପ୍ରାଧାନ୍ୟ ଦେଲେ ଭାରତ ବରବାଦ ହୋଇଯିବ ବୋଲି ତାଙ୍କର ସତର୍କ ବାଣୀଥିଲା। ସମାଜର ସାମୁହିକ ବିକାଶ, ପରିବେଶ ବନ୍ଧୁତ୍ୱ ସମ୍ପନ୍ନ ଏବଂ ବିକାଶ ଭିତ୍ତିକ ଆର୍ଥିକ ବ୍ୟବସ୍ଥାର ପ୍ରୟୋଗ କରାଯାଇପାରିଲେ ଭାରତ ଏକ ଆର୍ଥିକ ଶକ୍ତି ଭାବେ ପୃଥିବୀର ବିକାଶ ମାନଚିତ୍ରରେ ସ୍ଥାନ ହାସଲ କରପାରିବ। ମନମୋହନଙ୍କ ଭାଷାରେ ଆମର ଆଶାକୁ ସଫଳ କରିବାର ମାର୍ଗ ଆମର କାର୍ଯ୍ୟକରିବାର ପ୍ରତିଶ୍ରୁତିବଦ୍ଧତା ଉପରେ ନିର୍ଭରକରେ। ଅର୍ଥାତ ଭାରତର ବିକାଶ ଆମ ହାତରେ।

ସାମ୍ପ୍ରଦାୟିକତା ବାଦ ଏବଂ ସନ୍ତ୍ରାସବାଦର ତୀବ୍ର ସମାଲୋଚନା କରି ମନମୋହନ ସିଂହ କହୁଥିଲେ ଦୃଢ଼ତାର ସହିତ ଏକାର ନିପାତ କରାଯିବା ଆବଶ୍ୟକ। ଗଣତନ୍ତ୍ର କେବଳ ଏକ ସରକାର ଗଠନ କରିବାର ପ୍ରକ୍ରିୟା ନୁହେଁ, ଏହା ଜନତାର ଆସ୍ଥା ଉପରେ ପର୍ଯ୍ୟବେଶିତ। ତାଙ୍କୁ ପରିହାସ କରି ଯେଉଁମାନେ ମୌନ ସିଂହ କହୁଥିଲେ ସେମାନଙ୍କୁ କେବଳ ଏତିକି କୁହାଯାଇପାରେ ଯେ ମନମୋହନଙ୍କ ନୀରବତାରେ ଅନେକ ବାର୍ତ୍ତା। ତାହାକୁ ହୃଦୟଙ୍ଗମ କରିବାର ଦକ୍ଷତା ଥିବା ଆବଶ୍ୟକ। ତାଙ୍କର କର୍ମ ତାଙ୍କୁ ପୃଥିବୀର ଇତିହାସରେ ଅମର କରି ରଖିବ। ରାଜନୈତିକ ଦ୍ୱନ୍ଦଠାରୁ ସେ ବହୁତ ଉର୍ଦ୍ଧ୍ୱରେ। ଆକାଶ ଏବଂ ସାଗରକୁ କଣ କେହି କେବେ ମାପିପାରେ ?

# ଶାମ୍ବ ଦଶମୀ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଋଷି ଦୁର୍ବାସାଙ୍କ ଦ୍ୱାରା ଅଭିଶପ୍ତ ହୋଇ କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ। ଏହି ରୋଗରୁ ମୁକ୍ତି ପାଇବା ପାଇଁ ସେ ପୁରୋହିତ ଗୌରମୁଖ ଓ ଦେବରଷି ନାରଦଙ୍କ ପରାମର୍ଶ କ୍ରମେ କଳିଙ୍ଗର ସମୁଦ୍ର କୂଳରେ ଭଗବାନ ବିଷ୍ଣୁଙ୍କ ଆରାଧନା କଲେ। ସେହି ଦିନ ଥିଲା ପୌଷ ମାସ ଶୁକ୍ଳପକ୍ଷ ଦଶମୀ ତିଥି। ଶାମ୍ବ ଚନ୍ଦ୍ରଭାଗା ନଦୀ କୂଳରେ ତପସ୍ୟା କରି ସୂର୍ଯ୍ୟ ନାରାୟଣଙ୍କର ଏକ ମଣି ବିଗ୍ରହ ପାଇଲେ। ସୂର୍ଯ୍ୟଙ୍କ ସେହି ବିଗ୍ରହ ପୂଜା କରି ଶାମ୍ବ ଦୁରାରୋଗ୍ୟରୁ ମୁକ୍ତ ହେଲେ। ସେହି ଦିନଟି ଥିଲା ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି। ଶାମ୍ବ ନିଜର ମୁକ୍ତି ଯୋଗୁଁ ସମଗ୍ର କଳିଙ୍ଗରେ ସୂର୍ଯ୍ୟ ପୂଜା ବିଧିର ପ୍ରଚାର କରାଇଲେ। ପ୍ରଥମେ ସେ ଚନ୍ଦ୍ରଭାଗା ନଦୀ କୂଳରେ ଏକ ମନ୍ଦିର ତିଆରି କରାଇ ପୌଷ ଶୁକ୍ଳ ଦଶମୀ (ଶାମ୍ବ ଦଶମୀ) ତିଥିରେ ମର୍ତ୍ତ୍ୟ ଲୋକରେ ସୂର୍ଯ୍ୟ ପୂଜାର ପ୍ରଥା ପ୍ରଚଳିତ କରାଇଥିଲେ। ଏହାପରେ ସୂର୍ଯ୍ୟ ଦେବଙ୍କ ଆଦେଶକ୍ରମେ ଶାକ ଦ୍ୱୀପରୁ ମଗ ବ୍ରାହ୍ମଣଙ୍କୁ ଅଣାଇ ଶାମ୍ବ ସୂର୍ଯ୍ୟ ନାରାୟଣଙ୍କୁ ସନ୍ତୁଷ୍ଟ କରାଇଥିଲେ। ସେହି କାଳରୁ ଶାମ୍ବ ଦଶମୀରେ



ସୂର୍ଯ୍ୟଙ୍କର ବ୍ରତ ପାଳନ ଏବଂ ପୂଜାର ପ୍ରଚଳନ ରହିଛି। ଗ୍ରହ ଜାଗ ସଂସ୍କାରରେ ଗ୍ରନ୍ଥରେ ଉଲ୍ଲେଖଂ ଅଛି 'ଜାତଂ ସୂର୍ଯ୍ୟ କଳିଙ୍ଗେଷୁ'। ଅର୍ଥାତ୍ ସୂର୍ଯ୍ୟଙ୍କର ଜନ୍ମସ୍ଥାନ କଳିଙ୍ଗ ଦେଶ। କୋଣାର୍କ ସମେତ ଖିଚିଙ୍ଗର ସୂର୍ଯ୍ୟ ମନ୍ଦିର, ଗଞ୍ଜାମର ବୁଗୁଡ଼ା, ଭଦ୍ରକର ପାଳିଆ ଏବଂ ଖୋର୍ଦ୍ଧାର ବିରଞ୍ଚି ନାରାୟଣ ମନ୍ଦିର ଓଡ଼ିଶାର ପ୍ରାଚୀନ ସୂର୍ଯ୍ୟ ମନ୍ଦିର ଗୁଡ଼ିକ ମଧ୍ୟରୁ ଅନ୍ୟତମ। ଶାମ୍ବ ଦଶମୀରେ ଓଡ଼ିଶାର ଘରେ ଘରେ ସୂର୍ଯ୍ୟ ପୂଜା ହୋଇଥାଏ। ବିଶେଷ କରି ଉପକୂଳ ଓଡ଼ିଶାରେ ଏହି ପର୍ବର ଲୋକପ୍ରିୟତା ଅଧିକ। ପ୍ରତ୍ୟୁଷରୁ ଘରର ମହିଳାମାନେ ଉଠି ସୂର୍ଯ୍ୟ ପୂଜା କରିଥାନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। ଘରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଗୋଟିଏ ଲେଖାଏଁ ବ୍ୟଞ୍ଜନ ବଢ଼ାଯାଇ ପ୍ରଥମେ ସୂର୍ଯ୍ୟଙ୍କ ପାଖରେ ଭୋଗ ଲଗାଯାଇଥାଏ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ଶୀତ ଦିନେ ରୁମ ହିଟର ବ୍ୟବହାର



**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**

ଏବେ ଶୀତର ପ୍ରକୋପ ବଢ଼ିଛି। ପ୍ରାୟତଃ ଶୀତ ଦିନେ ଥଣ୍ଡାରୁ ଆରମ ପାଇବା ପାଇଁ ଅନେକ ଲୋକ ରୁମ ହିଟର ବ୍ୟବହାର କରିଥାନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ଅଛନ୍ତି ଯେଉଁମାନେ ଘଣ୍ଟା ଘଣ୍ଟା ଧରି ରୁମ ହିଟର ବ୍ୟବହାରରେ ଅଭ୍ୟସ୍ତ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଦୀର୍ଘ ସମୟର ବନ୍ଦ ରୁମ ଭିତରେ ହିଟର ବ୍ୟବହାର ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏକ ସ୍ୱାସ୍ଥ୍ୟ ଭିତ୍ତିକ ଅଧ୍ୟୟନର ରିପୋର୍ଟ ମୁତାବକ ଅଧିକ ସମୟ ଧରି ରୁମ ହିଟର ବ୍ୟବହାର ଦ୍ୱାରା ମସ୍ତିଷ୍କ ସହ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରଭାବିତ ହୋଇଥାଏ। ତେବେ ବଡ଼କଥା ହେଉଛି ଏହା ଜଣଙ୍କର ଶାରୀରିକ ଅଭିବୃଦ୍ଧି, ପାଚନ ପ୍ରକ୍ରିୟା, ନିଦ୍ରା ବ୍ୟବସ୍ଥା ଓ ଶାରୀରିକ ସନ୍ତୁଳନକୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥାଏ। ରୁମ ହିଟର ଚଳାଇବା ଦ୍ୱାରା କୋଠରୀରେ ଅମ୍ଳଜାନ ମାତ୍ରା ହ୍ରାସ ପାଏ। ମସ୍ତିଷ୍କକୁ ସଠିକ ମାତ୍ରାର ଅମ୍ଳଜାନ ମିଳିପାରୁ ନଥିବାରୁ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଥକ୍କାପଣ ଆଦି ସମସ୍ୟା ହୋଇଥାଏ। ହୃଦଘାତର କାରଣ ହୋଇପାରେ। ଦୀର୍ଘ ସମୟ ଧରି ଅମ୍ଳଜାନ କମ ଯୋଗୁଁ ମସ୍ତିଷ୍କର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇପାରେ। ସ୍ମୃତିଶକ୍ତି ହ୍ରାସ ପାଇବା ସହ ନିର୍ଣ୍ଣୟ ନେବା କ୍ଷମତା ଉପରେ ପ୍ରଭାବ ପଡ଼େ। ତ୍ୱଚା ଏବଂ ଦୃଷ୍ଟିଶକ୍ତି ଉପରେ ଏହା ପ୍ରଭାବ ପକାଇଥାଏ। ରୁମ ହିଟର ଜଳାଇବା ଦ୍ୱାରା କୋଠରୀର ଆର୍ଦ୍ରତା ନିୟନ୍ତ୍ରଣରେ ରହେନାହିଁ। ଏହାଦ୍ୱାରା ଚର୍ମକୁ କ୍ଷତି ପହଞ୍ଚିଥାଏ। ତ୍ୱଚା ଶୁଷ୍କ ହେବାସହ ଶରୀରରେ ଘା' ହୋଇପାରେ। ଆଖି ଜଳାପୋଡ଼ା, ହାଇଡ୍ରେଟ ସମସ୍ୟା ବୃଦ୍ଧି ପାଇଥାଏ। ତେଣୁ ଅଧିକ ସମୟ ରୁମ ହିଟର ପାଖେ ବସିବା ଦ୍ୱାରା ତ୍ୱଚା ଡିହାଇଡ୍ରେଟ ହୋଇପାରେ। ଏହାଫଳରେ ଶରୀର କୁଣ୍ଡାଇ ହୋଇପାରେ। ଶ୍ୱସନତନ୍ତ୍ର ଉପରେ ଏହାର କୁପ୍ରଭାବ ରହିଥାଏ। ରୁମ ହିଟରରୁ ବାହାରୁଥିବା ଗରମ ବାୟୁ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି କରିପାରେ। ଶ୍ୱସନ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହା ଅଧିକ ବିପଦ ସୃଷ୍ଟି କରେ। ଅଧିକ ସମୟ ରୁମ ହିଟର ବ୍ୟବହାର ଦ୍ୱାରା ନାକ ଏବଂ ଗଳା ଶୁଖିବାର ଆଶଙ୍କା ଥିବାରୁ ସଂକ୍ରମଣ ଆଶଙ୍କା ବଢ଼ିଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହିଟରର ଅତ୍ୟଧିକ ବ୍ୟବହାର ଯୋଗୁଁ କୋଠରୀର କାର୍ବନ ମନୋକ୍ସାଇଡ଼ସ୍ତର ବଢ଼ିଯାଏ। ଫଳରେ ମସ୍ତିଷ୍କରେ ରକ୍ତ ଅଭାବ ଦେଖାଯିବା ସହ ମସ୍ତିଷ୍କକୁ ଗୁରୁତର କ୍ଷତି ପହଞ୍ଚାଏ। ମସ୍ତିଷ୍କରେ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ବଢ଼ିଯାଏ। ଏଥିରୁ କିପରି ବର୍ତ୍ତିବେ ସେ ନେଇ ପ୍ରଥମ କଥା ହେଉଛି ରୁମ ହିଟର ଚଳାଚଳ ପାଇଁ ସାମାନ୍ୟ ବନ୍ଦୋବସ୍ତ ରଖନ୍ତୁ। ହିଟର ସହ ହ୍ୟୁମିଡ଼ିଫାୟର ବ୍ୟବହାର ଦ୍ୱାରା ଆର୍ଦ୍ରତା ବଜାୟ ରହିବ। ଏହାସହ ପର୍ଯ୍ୟାପ୍ତ ମାତ୍ରାର ପାଣି ପିଅନ୍ତୁ। ଦୀର୍ଘ ସମୟ ରୁମ ହିଟର ବ୍ୟବହାର ନକରି ମଝିରେ ମଜିରେ ବନ୍ଦ ରଖନ୍ତୁ। ରୁମକୁ ଉଷୁମ ରଖିବା ପାଇଁ ଆବଶ୍ୟକୀୟ ପ୍ରାକୃତିକ ବ୍ୟବସ୍ଥା ଆପଣାନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ।

**କନସଲ୍‌ଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

### ଦିଲ୍ଲୀ ନିର୍ବାଚନ: ପୁଣି କଂଗ୍ରେସକୁ ଝଟ୍‌କା

# ଅଖିଳେଶଙ୍କ ପରେ ଆପ୍‌କୁ ମମତାଙ୍କ ସମର୍ଥନ

**ନୂଆଦିଲ୍ଲୀ,୮।୧:** ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଇଣ୍ଡିଆ ମେଣ୍ଟ ପକ୍ଷରୁ କଂଗ୍ରେସକୁ ଜବରଦସ୍ତ ଝଟ୍‌କା ଲାଗିଛି। ପୂର୍ବରୁ ଏହି ମେଣ୍ଟର ଅନ୍ୟତମ ପ୍ରମୁଖ ଦଳ ସମାଜବାଦୀ ପାର୍ଟି ପକ୍ଷରୁ ଦଳୀୟ ମୁଖ୍ୟ ଅଖିଳେଶ ଯାଦବ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ସମର୍ଥନ ଘୋଷଣା କରିଥିଲେ। ଆଜି ଏହି କ୍ରମରେ ଆଉ ପାଦେ ଆଗେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଇଣ୍ଡିଆ ମେଣ୍ଟର ଅନ୍ୟତମ ପ୍ରମୁଖ ନେତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ମଧ୍ୟ ଆପ୍‌କୁ ସମର୍ଥନ ଘୋଷଣା କରିଛନ୍ତି। ଆସନ୍ତା ମାସ ୫ରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଦଳ ଆପ୍‌କୁ ସମର୍ଥନ କରିବ ବୋଲି ନିଜେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ଏଥିସହ ଏହି ସମର୍ଥନ ପାଇଁ ସେ ମମତାଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି। ସେ ଉକ୍ତ ପୋଷ୍ଟରେ ଲେଖିଛନ୍ତି ଯେ ଦିଲ୍ଲୀ ନିର୍ବାଚନରେ ଆପ୍‌କୁ ତୃଣମୂଳ କଂଗ୍ରେସ ସମର୍ଥନ ଘୋଷଣା କରିଛି। ଏପରି ଏକ ନିଷ୍ପତ୍ତି ସକାଶେ ବ୍ୟକ୍ତିଗତ ଭାବେ ମୁଁ ମମତା ଦିଦିଙ୍କ ନିକଟରେ କୃତଜ୍ଞ। ଧନ୍ୟବାଦ ଦିଦି। ଆମର ଉଭୟ ଖରାପ ଓ ଭଲ ସମୟରେ ସବୁବେଳେ ଆପଣ ଆମକୁ ସମର୍ଥନ ଓ ଆଶୀର୍ବାଦ କରିଛନ୍ତି ବୋଲି ଲେଖି ମମତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି କେଜ୍ରିୱାଲ। ସୂଚନାଯୋଗ୍ୟ ଯେ ଗତକାଲି ଦିଲ୍ଲୀ ନିର୍ବାଚନ ପାଇଁ ଆପ୍‌କୁ ସମାଜବାଦୀ ପାର୍ଟି ପକ୍ଷରୁ ସମର୍ଥନ ଘୋଷଣା କରାଯାଇଥିଲା। ଏଥିପାଇଁ କେଜ୍ରିୱାଲ ମଧ୍ୟ ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ଅଖିଳେଶଙ୍କୁ ଧନ୍ୟବାଦ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଲୋକସଭା ନିର୍ବାଚନରେ ବିଜେପିକୁ ମାତ୍ ଦେବା ପାଇଁ କଂଗ୍ରେସ ସହ ଅନ୍ୟ ବିଜେପି ବିରୋଧୀ ଦଳମାନେ ଇଣ୍ଡିଆ ମେଣ୍ଟ ଗଠନ କରିଥିଲେ। ଲୋକସଭାରେ ଆଶାତୀତ ଫଳ ନ ମିଳିବା ପରେ ବିଭିନ୍ନ ରାଜ୍ୟ ବିଧାନସଭାରେ ମଧ୍ୟ କଂଗ୍ରେସ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ଦିଲ୍ଲୀରେ ଆପ୍ ଏକାକୀ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲା। ଏଠାରେ ଆପ୍-ବିଜେପି-କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳୁଥିବାବେଳେ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳମାନେ ଆପ୍‌କୁ ସମର୍ଥନ ଘୋଷଣା କରିବା ନିଶ୍ଚିତ ଭାବେ କଂଗ୍ରେସ ପାଇଁ ଝଟକା ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

# ବଢ଼ିଲା ହସିନାଙ୍କ ଭିସା ଅବଧି



**ନୂଆଦିଲ୍ଲୀ,୮।୧:** ବିକ୍ଷୋଭ ଭୟରେ ଦେଶ ଛାଡ଼ି ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭିସା ଅବଧିକୁ ବଢ଼ାଯାଇଛି। ଗତ ବର୍ଷ ଅଗଷ୍ଟରୁ ଭାରତରେ ଆଶ୍ରୟ ନେଇଥିବା ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶର ଅନ୍ତରୀଣ ସରକାର ନୂଆଦିଲ୍ଲୀକୁ ବାରମ୍ବାର କହିଆସୁଛନ୍ତି। ଏପରି ସ୍ଥିତିରେ ଆଜି ଭାରତ ସରକାର ହସିନାଙ୍କ ଭିସା ଅବଧିକୁ ବଢ଼ାଇଦେଇଛନ୍ତି। ଫଳସ୍ୱରୂପ ଭିସା ଅବଧି ଶେଷ ହେବା ଯାଏ ହସିନା ଭାରତରେ ରହିପାରିବେ। ତେବେ ହସିନାଙ୍କୁ ଭାରତରେ ରାଜନୈତିକ ଆଶ୍ରୟ ଦିଆଯାଇଥିବା ଦାବିକୁ ସରକାରୀ ସୂତ୍ରରେ ଖଣ୍ଡନ କରାଯାଇଛି। ଭିସା ଅବଧି ବୃଦ୍ଧି କରିବାର ଅର୍ଥ କଦାପି ଏୟା ନୁହେଁ ଯେ କାହାକୁ ଶରଣ ଦେବା। ଏହା ସଂପୂର୍ଣ୍ଣ ଭାବେ ଏବେ ବୈଷୟିକ ଅବଧି ବୃଦ୍ଧି। ଏହାକୁ ଆଉ କୌଣସି କ୍ଷେତ୍ର ସହ ଯୋଡ଼ିବାର ଆବଶ୍ୟକ ନ ଥିବା କୁହାଯାଇଛି। ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଭୟଙ୍କର ବିକ୍ଷୋଭ ଦେଖାଯାଇଥିଲା। ବିକ୍ଷୋଭ ହିଂସାର ରୂପ ନେବାରୁ ହସିନା ଗୁପ୍ତ ଭାବେ ଭାରତ ଚାଲିଆସିଥିଲେ। ସେବେଠାରୁ ସେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଦିଲ୍ଲୀରେ ରହିଆସୁଛନ୍ତି। ଗତବର୍ଷ ଡିସେମ୍ବର ୨୩ରେ ବାଂଲାଦେଶର ଅନ୍ତରୀଣ ସରକାର ବିଧିବଦ୍ଧ ଭାବେ ହସିନାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତକୁ ଚିଠି ଲେଖିଥିଲେ। କିନ୍ତୁ ଅଦ୍ୟାବଧି ଭାରତ ସରକାର ଏହା ଉପରେ କୌଣସି ପ୍ରକାର ନିଷ୍ପତ୍ତି ନେଇନାହାନ୍ତି।

## ଭି. ନାରାୟଣନ ଇସ୍ରୋର ନୂଆ ଅଧ୍ୟକ୍ଷ



**ନୂଆଦିଲ୍ଲୀ, ୮।୧:** ଭି ନାରାୟଣନ ହେବେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋର ନୂଆ ଅଧ୍ୟକ୍ଷ। ଇସ୍ରୋ ଅଧ୍ୟକ୍ଷ ତଥା ଅନ୍ତରୀକ୍ଷ ବିଭାଗ ସଚିବ ଭାବେ ତାଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିଛନ୍ତି। ଆସନ୍ତା ୧୪ ତାରିଖରେ ସେ ଇସ୍ରୋର ବର୍ତ୍ତମାନ ଅଧ୍ୟକ୍ଷ ଏସ୍. ସୋମନାଥଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ। କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି ଏ ନେଇ ସୂଚନା ଜାରି କରିଛି। ୨ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ। ଭି ନାରାୟଣନଙ୍କ ପଖରେ ପ୍ରାୟ ୪ ଦଶନ୍ଧିର ଅନୁଭବ ରହିଛି। ସେ ଭାରତୀୟ ଅନ୍ତରୀକ୍ଷ ସଂଗଠନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହିଆସିଛନ୍ତି। ବର୍ତ୍ତମାନ ଭି. ନାରାୟଣ ଭଲିଆମାଲାରେ ଅବସ୍ଥିତ ଲିକ୍ୱିଡ୍ ପ୍ରପଲ୍ୟୁସନ୍ ସିଷ୍ଟମ୍ ସେଣ୍ଟରର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି। ୧୯୮୪ରେ ସେ ଇସ୍ରୋରେ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଇସ୍ରୋର ବର୍ତ୍ତମାନ ଅଧ୍ୟକ୍ଷ ଏସ୍. ସୋମନାଥ ୧୪ ଜାନୁଆରୀ ୨୦୨୨ରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏବେ ସେ ତାଙ୍କର ଦୁଇ ବର୍ଷ କାର୍ଯ୍ୟକାଳ ଶେଷ ହେବାକୁ ଆସିଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ISRO ସଫଳତାର ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ମିଶନକୁ କାର୍ଯ୍ୟକାରୀ କରିଛି।

## ଉତ୍ସବ ମଝିରେ ଦନ୍ତାର ଉତ୍ପାତ: ୨୦ ଆହତ

**ଥିରୁବନନ୍ତପୁରମ୍,୮।୧:** ଉତ୍ସବରେ ଭାଗ ନେଇଥିବା ହାତୀଙ୍କ ମଧ୍ୟରୁ ଅଚାନକ ଏକ ଦନ୍ତା ଉତ୍ପାତ କରିବା ଫଳରେ ୨୦ ଜଣ ଭକ୍ତ ଆହତ ହୋଇଛନ୍ତି। ହାତୀଟି ରାଗରେ ଯାହାକୁ ପାରିଲା ତାକୁ ଶୁଣ୍ଢରେ ଉଠାଇ ତଳେ କଚାଡ଼ିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେଣୁ ଲୋକମାନେ ଏଣେତେଣେ ଦୌଡ଼ାଦୌଡ଼ି ଆରମ୍ଭ କରିଦେଇଥିଲେ। କେରଳର ମଲପ୍ପୁରମରେ ଏହି ଅଘଟଣ ଘଟିଛି। ଆଜି ସକାଳେ ସ୍ଥାନୀୟ ପୁଟିୟାଙ୍ଗଡିଠାରେ ଥିବା ମନ୍ଦିରର ବାର୍ଷିକ ଉତ୍ସବ 'ନେର୍‌ଚା' ଚାଲିଥିଲା। ମଙ୍ଗଳବାର ଉକ୍ତ ଉତ୍ସବର ଶେଷଦିନ ଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ବେଶ୍ ଧୂମ୍‌ଧାମ୍‌ରେ ସହ ଏହି ଉତ୍ସବ ପାଳନ କରୁଥିଲେ। ଏଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ। ସମାପନ ଉତ୍ସବର ଶୋଭା ବଢ଼ାଇବା ପାଇଁ ପାଞ୍ଚଟି ସୁସଜ୍ଜିତ ହାତୀକୁ ଅଣାଯାଇଥିଲା। ଏକତ୍ରିତ ହୋଇଥିବା ଭିଡ଼ ଭିତରେ ହାତୀମାନଙ୍କୁ ଛିଡ଼ା କରାଯାଇଥିଲା। କିନ୍ତୁ ଏହି ସମୟରେ ସେଥିରୁ ଗୋଟିଏ ହାତୀ ରାଗିଯାଇ ଭିଡ଼ ଉପରକୁ ମାଡ଼ିଯାଇଥିଲା। ଏହାପରେ ଦନ୍ତାଟି ଲୋକଙ୍କୁ ଆକ୍ରମଣ କରିଥିଲା। ଏହି ସମୟର ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ଦନ୍ତାଟି ଜଣେ ଭକ୍ତଙ୍କୁ ଶୁଣ୍ଢରେ ଟେକି ବୁଲାଉଥିବା ଦେଖିବାକୁ ମିଳିଛି। ଉକ୍ତ ଦନ୍ତାଟିକୁ ମାହୁନ୍ତ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଶୁଣି ନଥିଲା। ଫଳରେ ସେଠାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା, ଯେଉଁଥିରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ସେମାନଙ୍କୁ କୋଟ୍ଟାକଲର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ସମଗ୍ର ଘଟଣାର ଭିଡିଓ ଦ୍ରୁତ ଗତିରେ ଭାଇରାଲ୍ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ କେରଳର ଏହି ମନ୍ଦିରରେ ପ୍ରତି ୬ ବର୍ଷରେ ଥରେ ଏହି ଉତ୍ସବ ପାଳନ କରାଯାଇଆସୁଛି। ଉତ୍ସବ ଦେଖିବା ସକାଶେ ବହୁ ସଂଖ୍ୟାରେ ଲୋକେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥାନ୍ତି। ଏହି ଉତ୍ସବ ସମୟରେ ହାତୀମାନଙ୍କୁ ସଜେଇବା ପରମ୍ପରା ମଧ୍ୟ ରହିଛି।

## କୋଇଲା ଖଣିରେ ଏବେବି ଫସିଛନ୍ତି ୬ ଶ୍ରମିକ, ବାହାରିଲାଣି ୩ ମୃତଦେହ

**ଗୌହାଟୀ, ୮।୧:** କୋଇଲା ଖଣିରେ ଫସିଛି ଜୀବନ। ଏବେବି ୬ ଶ୍ରମିକ କୋଇଲା ଖଣି ଭିତରେ ଫସି ରହିଛନ୍ତି। ଆସାମର ଦିମା ହସାଓ ଜିଲା ଉମ୍ରାଙ୍ଗସା ଅଞ୍ଚଳରେ ଥିବା କୋଇଲା ଖଣିରେ ସୋମବାର ଅଚାନକ ବନ୍ୟାପାଣି ପଶି ଯାଇଥିଲା। ଫଳରେ ଏହା ଭିତରେ ଥିବା ଶ୍ରମିକମାନେ ବାହାରି ନ ପାରି ଫସି ରହିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମଙ୍ଗଳବାର ମିଳିଥିବାବେଳେ ନିଖୋଜ ଥିବା ଅନ୍ୟ ୬ ଶ୍ରମିକଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେନା, ନୌସେନା ଓ ସ୍କୁବା ଡାଇଭର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ୩୦୦ ଫୁଟ ଗଭୀର ଖଣି ଭିତରେ ପାଣି ପ୍ରାୟ ୧୦୦ ଫୁଟ ଯାଏ ବଢ଼ି ଯାଇଛି। ଫସି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ନୌସେନା ଡାଇଭରମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରୁଛନ୍ତି। ପାଣି ବାହାର କରିବା ପାଇଁ ଦୁଇଟି ମେସିନ୍ ମଧ୍ୟ ଲଗାଯାଇଛି। ସେପଟେ ଉଦ୍ଧାର କାର୍ଯ୍ୟରେ ୩୦ ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍ ସହ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ୮ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସ୍ଥଳ ଓ ବାୟୁସେନା ଯବାନ ଉଦ୍ଧାର କାର୍ଯ୍ୟରେ ସାମିଲ ଅଛନ୍ତି। ଜାନୁଆରୀ ୬ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା।

## ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ମିଳିବ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା



**ନୂଆଦିଲ୍ଲୀ, ୮।୧:** ସଡ଼କ ଦୁର୍ଘଟଣାର ଶିକାର ହେଲେ ଏଣିକି ଆହତମାନଙ୍କୁ ମିଳିବ ମାଗଣା ଚିକିତ୍ସା। ନିଜେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ବଡ଼ ଘୋଷଣା କରିଛନ୍ତି। ସାରା ଦେଶରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ କ୍ୟାଶଲେସ୍ ଚିକିତ୍ସା ପାଇଁ ମାର୍ଚ୍ଚ ମାସ ସୁଦ୍ଧା ସରକାର ସଂଶୋଧିତ ଯୋଜନା ଆଣିବେ ବୋଲି କହିଛନ୍ତି ଗଡ଼କରୀ। ଏହି ଯୋଜନା ଅଧିନରେ ସଡ଼କ ଦୁର୍ଘଟଣାର ଶିକାର ହେଉଥିବା ପ୍ରତି ବ୍ୟକ୍ତିଙ୍କ ପାଇଁ ଦୁର୍ଘଟଣା ଘଟିବାର ସର୍ବାଧିକ ୭ ଦିନ ପର୍ଯ୍ୟନ୍ତ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ କେନ୍ଦ୍ର ସରକାର। ସମସ୍ତ ବର୍ଗର ରାସ୍ତାରେ ମୋଟର ଯାନ ଦ୍ୱାରା ଘଟୁଥିବା ସମସ୍ତ ସଡ଼କ ଦୁର୍ଘଟଣାରେ ଏହି ଯୋଜନା ପ୍ରଯୁଜ୍ୟ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପୁଲିସ, ଡାକ୍ତରଖାନା ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସମନ୍ୱୟରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏହି ଯୋଜନାର କାର୍ଯ୍ୟକାରୀ କରିବ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଇ-ଡିଟେଲ୍ଡ ଆକ୍ସିଡେଣ୍ଟ ରିପୋର୍ଟ ଜରିଆରେ ଏକ ଆଇଟି ପ୍ଲାଟଫର୍ମ ମାଧ୍ୟମରେ ଏକ ଆପ୍ଲିକେଶନ ଚାଲିବ। ପୀଡ଼ିତମାନେ କିମ୍ବା ସେମାନଙ୍କ ସଂପର୍କୀୟ ପୀଡ଼ିତଙ୍କ ଦୁର୍ଘଟଣା ପରେ ଏହି ଆପ୍ ଜରିଆରେ ପଞ୍ଜୀକରଣ କରିବେ। ଦୁର୍ଘଟଣା ଘଟିଥିବା ଦିନ ଠାରୁ ସର୍ବାଧିକ ୭ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ପୀଡ଼ିତ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇବେ। ତେବେ ମାର୍ଚ୍ଚ ୧୪ରେ ଚଣ୍ଡିଗଡ଼ରେ ପରୀକ୍ଷାମୂଳକ ଭାବେ ଏହି ଯୋଜନାକୁ ଆରମ୍ଭ କରାଯିବ। ପରେ ଅନ୍ୟ ୬ଟି ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପରେ ଧିରେ ଧିରେ ଏହା ସାରା ଦେଶରେ କାର୍ଯ୍ୟକାରୀ ହୋଇଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗଡ଼କରୀ କହିଛନ୍ତି।

### ଦିଲ୍ଲୀ ସିଏମ୍ ହାଉସ୍‌କୁ ନେଇ ବିବାଦ

# ଆପ୍ ନେତାଙ୍କୁ ଅଟକାଇଲା ପୁଲିସ



**ନୂଆଦିଲ୍ଲୀ, ୮।୧:** ଦିଲ୍ଲୀ ନିର୍ବାଚନ ଭିତରେ ମୁଖ୍ୟମନ୍ତ୍ରୀଙ୍କ ଘରକୁ ନେଇ ରାଜନୈତିକ ବିବାଦ ବଢ଼ିବାରେ ଲାଗିଛି। ଆଜି ଆପ୍‌ର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ଓ ମନ୍ତ୍ରୀ ସୌରଭ ଭରଦ୍ୱାଜ ସମେତ ଅନ୍ୟ ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ଘରେ ପହଞ୍ଚିଛନ୍ତି। ମିଡିଆ ମଧ୍ୟ ତାଙ୍କ ସହ ଥିଲା। ତେବେ ଏହି ସମୟରେ ପୁଲିସ ଦିଲ୍ଲୀ ସିଏମ୍‌ଙ୍କ ଘର ବାହାରେ ଆପ୍ ନେତାଙ୍କୁ ଅଟକାଇ ଦେଇଥିଲା। ସେମାନଙ୍କୁ ଭିତରକୁ ଛାଡ଼ି ନଥିଲା। ସିଏମ ହାଉସ ବାହାରେ ବ୍ୟାରିକେଡିଂ କରାଯାଇଥିଲା। ବ୍ୟାରିକେଡ୍ ପାର ହେବାକୁ ପୁଲିସ ଆପ୍ ନେତାଙ୍କୁ ଅନୁମତି ଦେଇନଥିଲା। ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ଆମ୍ ଆଦମୀ ପାର୍ଟିର ନେତା ଓ ପୁଲିସ ମୁହାଁମୁହିଁ ହୋଇଛନ୍ତି। ଆପ୍ ନେତାଙ୍କ କହିବା କଥା ହେଲେ, ସିଏମ୍ ହାଉସ୍‌ରେ ଲଗ୍‌ଜୁରୀ ସୁବିଧା ଥିବା ବିଜେପି କହୁଛି। ଯଦି ସେଠାରେ ଲଗ୍‌ଜୁରୀ ସୁବିଧା ଅଛି ତେବେ ଏହାକୁ ଖୋଲାଖୋଲି ଭାବେ ପ୍ରଦର୍ଶିତ କରାଯିବା ଉଚିତ। ଆମେ ମଧ୍ୟ ସେହି ସୁବିଧା ଦେଖିବାକୁ ଆସିଛୁ। ତେବେ ପୁଲିସ ଆମକୁ ଭିତରକୁ ଯିବାକୁ ଦେଇନି। ଉପରୁ ଅର୍ଡର ଅଛି କହି ତାଙ୍କୁ ଭିତରକୁ ଛଡ଼ା ଯାଉନଥିବା ଆପ୍ ନେତା ଅଭିଯୋଗ କରିଛନ୍ତି। ଏହାକୁ ବିରୋଧରେ ଆପ୍ ନେତାମାନେ ରାସ୍ତାରେ ଧାରଣାରେ ବସିଛନ୍ତି। ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଭିତରକୁ ଯିବାକୁ ଆମକୁ ଅନୁମତି ଲୋଡା ନାହିଁ। ଆମକୁ ଅଯଥାରେ ଅଟକାଯାଉଛି। ସେହିପରି ଆପ୍ ନେତା ସୌରଭ ଭରଦ୍ୱାଜ କହିଛନ୍ତି ଯେ ଆମେ ବିଜେପି ନେତାମାନଙ୍କୁ ସିଏମ ହାଉସ ଦେଖାଇବାକୁ ଚାହୁଁଛୁ। ଆମେ ପିଏମ ହାଉସକୁ ମଧ୍ୟ ଯିବା ଏବଂ ସେଠାରେ ଥିବା ସୁବିଧା ମଧ୍ୟ ଦେଖିବାକୁ ଚାହିଁବୁ। ଆପ୍ ନେତାମାନେ ମିଡିଆକୁ ଭିରତକୁ ନେବା ପାଇଁ ଜିଦ୍ ଧରି ବସିଛନ୍ତି। ସେ ସିଏମ ହାଉସକୁ ଗଣମାଧ୍ୟମକୁ ଦେଖାଇବାକୁ ଚାହୁଁଛନ୍ତି। ସିଏମ୍ ବାସଭବନ ବାହାରେ ପୋଲିସ ବ୍ୟାରିକେଡ୍ କରିଛି। କେଉଁ ନିୟମ ଅନୁଯାୟୀ ସେମାନଙ୍କୁ ଭିତରକୁ ଯିବା ବନ୍ଦ କରାଯାଇଛି ବୋଲି ଆପ୍ ନେତାମାନେ ପଚାରିଛନ୍ତି।

# କିଏ ହେବ କାନାଡ଼ା ପ୍ରଧାନମନ୍ତ୍ରୀ ?

### ଦୌଡ଼ରେ ୨ ଭାରତୀୟ



**ଅଟାୱା, ୮।୧:** କିଏ ହେବ କାନାଡାର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ। ଜଷ୍ଟିନ୍ ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦ ଓ ଲିବରେଲ ପାର୍ଟିର ନେତା ପଦରୁ ଇସ୍ତଫା ଦେଇସାରିଛନ୍ତି। ଏହାପରେ ଏବେ କାନାଡା ପ୍ରଧାନମନ୍ତ୍ରୀ ଆସନରେ କିଏ ବସିବ ତାକୁ ନେଇ ଚାଲିଛି ଚର୍ଚ୍ଚା। ଏହି ପଦବୀ ପାଇଁ ବର୍ତ୍ତମାନ ଦୁଇ ଭାରତୀୟ ବଂଶୋଦ୍ଭବ ନେତାଙ୍କ ନାଁ ସାମ୍ନାକୁ ଆସିଛି। କୁହାଯାଉଛି ଯେ, ଏହି ଦୁଇ ଜଣ ନେତା ପ୍ରଧାନମନ୍ତ୍ରୀ ରେସ୍‌ରେ ଆଗରେ ଅଛନ୍ତି।

ଭାରତୀୟ ବଂଶୋଦ୍ଭବ ଅନୀତା ଆନନ୍ଦ ଓ ଜର୍ଜ ଚହଲ ସବୁଠୁ ଆଗରେ ଥିବା କୁହାଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ଦୌଡ଼ରେ ଖ୍ରୀଷ୍ଟିଆ ଫ୍ରିଲାଣ୍ଡଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ସେପଟେ ଟ୍ରୁଡୋଙ୍କ ପରେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବ ତାହା ନିର୍ଣ୍ଣୟ କରିବା ପାଇଁ ଭାରତୀୟ ବଂଶୋଦ୍ଭବ ସଚିତ ମେହରାଙ୍କୁ ଦାୟିତ୍ୱ ଦିଆଯାଇଛି। କୁହାଯାଉଛି ଯେ, ଅନୀତା ଆନନ୍ଦ ପ୍ରଧାନମନ୍ତ୍ରୀ ରେସ୍‌ର ସବୁଠୁ ଆଗରେ ଅଛନ୍ତି। ସେ ଟ୍ରୁଡୋ ସରକାରରେ ପରିବହନ ମନ୍ତ୍ରୀ ଓ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ମନ୍ତ୍ରୀ ଅଛନ୍ତି। ଅନୀତାଙ୍କର ଭାରତର ତାମିଲନାଡୁ ଏବଂ ପଞ୍ଜାବଙ୍କ ସହ ମଧ୍ୟ ସମ୍ପର୍କ ରହିଛି। ରାଜନୀତିରେ ସେ ଜଣେ ପୋଖତ ଖେଳାଳି ହୋଇଥିବା ବେଳେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ଟ୍ରୁଡୋ ସରକାର ଅମଳରେ ଅନୀତା ବେଶ୍ ଭଲଭାବେ ମହାମାରୀ କରୋନାର ମୁକାବିଲା କରିଥିଲେ। ତାଙ୍କର ଏହି କାର୍ଯ୍ୟ ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା।

ସେହିପରି ଭାରତୀୟ ବଂଶୋଦ୍ଭବ ନେତା ଜର୍ଜ ଚହଲ ମଧ୍ୟ କାନାଡାର ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଜର୍ଜ ଗତ ସପ୍ତାହରେ ହିଁ ନିଜ କକ୍‌ସ ସହକର୍ମୀଙ୍କୁ ଚିଠି ଲେଖିଥିଲେ। ଏଥିରେ ସେ ନିଜ ପକ୍ଷ ରଖିଥିଲେ। ଜର୍ଜ ଚହଲ ଜଣେ ଓକିଲ ଓ କମ୍ୟୁନିଟି ଲିଡର୍ ଭାବେ କ୍ୟାଲଗର ସିଟି କାଉନ୍‌ସିଲର୍ ରୂପେ ବିଭିନ୍ନ କମିଟିରେ କାମ କରିଛନ୍ତି। ଚହଲ ମଧ୍ୟ ପ୍ରାକୃତିକ ଷ୍ଟାଡ୍ କମିଟିର ଚେୟାରମ୍ୟାନ୍ ଏବଂ ଶିଖ କକ୍‌ସର ଅଧ୍ୟକ୍ଷ ଅଟନ୍ତି। ଚହଲ ଏଥିପାଇଁ ମଧ୍ୟ ଚର୍ଚ୍ଚାରେ ଅଛନ୍ତି କାରଣ, ସେ ଗତ କିଛି ସମୟ ହେବ ଟ୍ରୁଡୋ ସରକାର ଓ ତାଙ୍କ ନୀତିଗୁଡ଼ିକୁ ବିରୋଧ କରି ଆସୁଥିଲେ। କାନାଡାର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ରୂପେ ଟ୍ରୁଡୋ ସରକାରରେ ଉପ-ପ୍ରଧାନମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀ ଥିବା କ୍ରିଷ୍ଟିଆ ଫ୍ରିଲ୍ୟାଣ୍ଡଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ଅଛି। ତାଙ୍କ ପାଖରେ ଥିବା ଅନ୍ତରାଷ୍ଟ୍ରୀୟ ଅଭିଜ୍ଞତା ଅନୁଯାୟୀ ତାଙ୍କୁ ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଜଣେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରାଯାଉଛି। ଟ୍ରୁଡୋ ଲିବରାଲ୍ ପାର୍ଟିର ନେତା ତଥା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସାରିଛନ୍ତି। ତେବେ ଲିବରାଲ୍ ପାର୍ଟି ତାର ନୂତନ ନେତା ବାଛିବା ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ପଦରେ ରହିବେ।

## ବିଶ୍ୱର ଉଚ୍ଚ ରେଲୱେ ବ୍ରିଜରେ ଗଡ଼ିଲା ସ୍ପିଡ୍ ଟ୍ରେନ୍

**ନୂଆଦିଲ୍ଲୀ, ୮।୧:** ଦୁନିଆର ସବୁଠୁ ଉଚ୍ଚ ରେଲୱେ ବ୍ରିଜରେ ସ୍ପିଡ୍ ଟ୍ରେନର ଫାଇନାଲ୍ ଟ୍ରାଏଲ୍। ବିଶ୍ୱର ସର୍ବୋଚ୍ଚ ରେଲୱେ ବ୍ରିଜ ଚେନାବ ଓ ପ୍ରଥମ କେବୁଲ ଷ୍ଟେ ବ୍ରିଜ ଅଞ୍ଜି ଖଡ ବ୍ରିଜ୍ ଦେଇ ଦ୍ରୁତଗାମୀ ଟ୍ରେନର ଚୂଡ଼ାନ୍ତ ଟ୍ରାଏଲ୍ କରାଯାଇଛି। ରେଲୱେ ସେଫ୍ଟି କମିଶନରଙ୍କ ଉପସ୍ଥିତିରେ ଏହି ଦୁଇ ବ୍ରିଜ ଦେଇ ଟ୍ରେନ୍ ଚଳାଚଳର ଟ୍ରାଏଲ୍ କରାଯାଇଛି। ଭାରତୀୟ ରେଲୱେର ଡ୍ରିମ୍ ପ୍ରୋଜେକ୍ଟ ଓ ବିଶ୍ୱର ସବୁଠୁ ଉଚ୍ଚ ରେଲୱେ ଚେନାବ୍ ବ୍ରିଜ। ରିଆସି ଜିଲ୍ଲାର ବକାଲ୍ ଓ କଉରି ମଧ୍ୟରେ ଥିବା ଚେନାବ ରେଲୱେ ବ୍ରିଜର ଉଚ୍ଚତା ୩୫୯ ମିଟର। ଯାହା ୩୩୦ ମିଟର ଉଚ୍ଚତା ବିଶିଷ୍ଟ ପ୍ୟାରିସର ଆଇଫିଲ୍ ଟାୱାରଠୁ ବି ଉଚ୍ଚ। ଲମ୍ବ ପ୍ରାୟ ୧ହଜାର ୩୧୫ମିଟର। ଏଥିରୁ ୫୩୦ ମିଟର ମାଟି ଉପରେ ଓ ଶେଷ ୭୮୫ ମିଟର ଚେନାବ ନଦୀ ଉପରେ ନିର୍ମାଣ ହୋଇଛି। ୧୨୦ ବର୍ଷ ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଏହା ବ୍ଲାଷ୍ଟ ପ୍ରୁଫ ଓ ଭୂକମ୍ପ ନିରୋଧୀ। ଭୂକମ୍ପ ଜୋନ୍-୪ରେ ଚେନାବ ବ୍ରିଜ ଅଞ୍ଚଳ ଆସୁଥିବାରୁ ସେଭଳି ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ସେହିପରି ପ୍ରଳୟଙ୍କରୀ ପବନ ବହିଲେ ବି ବ୍ରିଜର କୌଣସି କ୍ଷତି ହେବ ନାହିଁ। ସେହିପରି କେବୁଲରେ ଝୁଲି ରହିଥିବା ଦେଶର ପ୍ରଥମ ରେଲୱେ ବ୍ରିଜ୍ ଅଞ୍ଜି ଖଡ୍। ଅଞ୍ଜି ନଦୀ ଉପରେ ନିର୍ମାଣ ହୋଇଛି। କଟରାରୁ ରିଆସିକୁ ଯୋଡୁଥିବା ଏହି କେବୁଲ ଷ୍ଟେ ବ୍ରିଜରେ ବି ଦ୍ରୁତଗାମୀ ଟ୍ରେନର ଫାଇନାଲ୍ ଟ୍ରାଏଲ୍ ହୋଇଛି। ଏହି ବ୍ରିଜର ଲମ୍ବ ୭୨୫ ମିଟର। ଏଥିରୁ ୪୭୩ ମିଟର କେବଳ କେବୁଲରେ ଝୁଲି ରହିଛି। ଏହା ଭୂକମ୍ପ ନିରୋଧୀ ଓ ଏହି ବ୍ରିଜ୍ ଉପରେ ଶହେ କିଲୋମିଟର ବେଗରେ ଦୌଡ଼ିପାରିବ ଟ୍ରେନ୍।

# ରାତିସାରା ବିବାହ ବାର୍ଷିକୀ ପାଳିଲେ ଦମ୍ପତି, ସକାଳୁ ଜୀବନ ହାରିଦେଲେ



**ନାଗପୁର, ୮।୧:** ବିବାହର ୨୬ ବର୍ଷ ପୂର୍ତ୍ତିକୁ ବେଶ ଧୂମଧାମରେ ପାଳିଲେ। ବର-କନ୍ୟା ପୋଷାକ ପିନ୍ଧି ମଧ୍ୟରାତ୍ର ପର ଯାଏ ବନ୍ଧୁ ଓ ପରିବାର ଲୋକଙ୍କ ସହ ଉତ୍ସବ ମନାଇଲେ। ୨୬ତମ ବିବାହ ଉତ୍ସବ ପାଳନ ବେଳେ ବେଶ ଖୁସି ରହିଥିଲେ। ଏପରି କି ୨୬ ବର୍ଷ ତଳର ବିବାହ ପୋଷାକ ପିନ୍ଧି ପୁରୁଣା ସ୍ମୃତିକୁ ତାଜା କରିଥିଲେ। ହେଲେ ରାତି ସାରା ଯେଉଁ ଦମ୍ପତି ନିଜର ବିବାହ ବାର୍ଷିକ ପାଳନ କରିଥିଲେ ସକାଳୁ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଭୟଙ୍କ ମୃତଦେହ ବିବାହ ପୋଷାକରେ ସେମାନଙ୍କ ଘର ଭିତରୁ ନାଗପୁର ପୁଲିସ୍ ଉଦ୍ଧାର କରିଛି। ୫୭ ବର୍ଷୀୟ ଜେରୀ ଦାମସନ ଅସ୍କାର ମୋନିକ୍ରିଫଙ୍କ ମୃତଦେହ ରୋଷେଇ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିବା ବେଳେ ତାଙ୍କର ୪୬ ବର୍ଷୀୟ ପତ୍ନୀ ଆନ୍ନି ଡ୍ରଇଂ ରୁମରେ ଥିବା ଗୋଟିଏ ବେଡରେ ନିସ୍ତେଜ ଅବସ୍ଥାରେ ରହିଥିଲେ। ଆନ୍ନି ବେଡ ଉପରେ ୨୬ ବର୍ଷ ତଳେ ବାହାଘର ବେଳେ ପିନ୍ଧିଥିବା ପୋଷାକ ପରିଧାନ କରି ଶୋଇ ରହିଥିଲେ। ତାଙ୍କ ଦେହରେ ଧଳା କପଡ଼ା ଘୋଡ଼ା ଯାଇଥିବା ବେଳେ ଉପରେ ଫୁଲ ବିଞ୍ଚି ହୋଇ ପଡ଼ିଥିଲା। ପୁଲିସ୍ କହିଛି ଯେ ଜେରି ସମ୍ଭବତଃ ତାଙ୍କ ପତ୍ନୀଙ୍କୁ ଜୀବନ ହାରିବାକୁ ଅନୁମତି ଦେଇଥିଲେ। ସେ ବେକରେ କପଡ଼ା ଲଗାଇ ଝୁଲି ପଡ଼ିଥିଲେ। ଆନ୍ନି ଜୀବନ ହାରିବା ପରେ ଜେରି ତାଙ୍କୁ ସେଠାରୁ ବାହାର କରିଥିଲେ। ତାଙ୍କ ମୃତଦେହ ଉପରେ କପଡ଼ା ଘୋଡ଼ାଇବା ପରେ ଫୁଲ ପକାଇଥିଲେ। ଏହାପରେ ନିଜେ ଗୋଟିଏ ଗାମୁଛା ଦ୍ୱାରା ସିଲିଂରେ ଝୁଲି ପଡ଼ିଥିଲେ। ଜେରି ଓ ଆନ୍ନିଙ୍କ ଆତ୍ମହତ୍ୟା ଘଟଣା ପୂରା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବିଶେଷ କରି ମାର୍ଟିନ ନଗର ଅଞ୍ଚଳର ଲୋକମାନେ ଘଟଣା ସମ୍ପର୍କରେ ଜାଣି ପୂରା ସ୍ତବ୍ଧ ହୋଇଯାଇଛନ୍ତି। ଜେରି ଓ ଆନ୍ନି ୨୬ ବର୍ଷ ହେଲା ବାହା ହୋଇଥିଲେ ହେଁ ସେମାନଙ୍କର କୌଣସି ପିଲା ଛୁଆ ନଥିଲେ। ଜୀବନ ହାରିବା ପୂର୍ବରୁ ସେମାନେ ନିଜ ସୋଶାଲ ମିଡିଆ ଆକାଉଣ୍ଟକୁ ଅପଡେଟ କରିବା ସହ ଦୁଇଟି ସୁଇସାଇଡ ନୋଟ ଅପଲୋଡ କରିଥିଲେ। ଏହା ମଧ୍ୟରେ ଗୋଟିଏ ଷ୍ଟାମ୍ପ ପେପର ମଧ୍ୟ ରହିଥିଲା। ତେବେ ସେମାନେ ଜୀବନ ହାରିବା ପଛର କାରଣ କିଛି ବି କହି ନାହାନ୍ତି। ଆନ୍ନି ନିଜର ଶେଷ ଭିଡିଓରେ ନିଜର ପରିବାର ଲୋକଙ୍କୁ ସମ୍ପର୍କୀୟ ପିଲାଙ୍କ ଯତ୍ନ କରିବାକୁ କହିଛନ୍ତି। ସମସ୍ତଙ୍କୁ ସେ ଶୁଭେଚ୍ଛା ଜଣାଇ ଭାବବିହ୍ୱଳ ବିଦାୟ ନେଇଛନ୍ତି। ଦୁଇ ସୁଇସାଇଡ ନୋଟରେ ଜୀବନ ହାରିବା ପାଇଁ କାହାକୁ ବି ଦାୟୀ କରାଯାଇନି। ସେମାନଙ୍କ ସମ୍ପତ୍ତିକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ଦେବାକୁ ଉଭୟ ଅନୁରୋଧ କରିଛନ୍ତି। ଏହାର ଅର୍ଥ ସେମାନେ ଜୀବନ ହାରିବା ପାଇଁ ପୂର୍ବରୁ ହିଁ

### ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ


# ମାଗଣା ଯୋଜନା ଲାଗି ଟଙ୍କା ଅଛି, ହେଲେ ଜଜ୍‌ଙ୍କ ଦରମା ପାଇଁ ନାହିଁ



**ନୂଆଦିଲ୍ଲୀ, ୮।୧:** ବିଦ୍ୟୁତ ଫ୍ରି, ପାଣି ଫ୍ରି। ମାଗଣା ଶିକ୍ଷା ସହ ଏବେ ପ୍ରତି ମାସରେ ଫ୍ରିରେ ଟଙ୍କା ବାଣ୍ଟିବା ପରମ୍ପରା ମଧ୍ୟ ବଢ଼ିଲାଣି। ଏଭଳି ମାଳ ମାଳ ମାଗଣା ଯୋଜନା ଜାରି ରହିଛି। ଏହା କେବଳ ଗୋଟିଏ ରାଜ୍ୟର ନୁହେଁ, ଦେଶର ଅନେକ ରାଜ୍ୟ ଏହି ଫ୍ରି ରାବିଡି କଲଚର ବଜାୟ ରଖିଛନ୍ତି। ଯାହା ସେମାନଙ୍କୁ ନିର୍ବାଚନରେ ମଧ୍ୟ ଲାଭ ଦିଏ। ଏବେ ଏହି ରାବିଡ଼ି କଲଚରକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଜିଲ୍ଲା କୋର୍ଟର ଜଜ୍‌ଙ୍କ ଦରମା ଏବଂ ପେନସନକୁ ନେଇ ସରକାରଙ୍କ ମନୋଭାବ ସୁପ୍ରିମକୋର୍ଟଙ୍କୁ ନିରାଶ କରିଛି। ସମସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ମାଗଣାରେ ବଣ୍ଟା ଯାଉଥିବା ଟଙ୍କା ଓ ମାଗଣା ଯୋଜନାକୁ ଦର୍ଶାଇ କୋର୍ଟ କହିଛନ୍ତି, ଯେଉଁମାନେ କିଛି କାମ କରୁ ନାହାନ୍ତି ସେମାନଙ୍କ ପାଇଁ ସରକାରଙ୍କ ଟଙ୍କା ଅଛି। ହେଲେ ବିଚାରପତିଙ୍କ ଦରମା ଏବଂ ପେନସନ କଥା ଉଠିଲେ ଆର୍ଥିକ ସମସ୍ୟା ଦେଖାଦେଉଛି। ଅଲ ଇଣ୍ଡିଆ ଜଜ ଆସୋସିଏସନ ନାମକ ଏକ ସଂଗଠନ ଦ୍ୱାରା ୨୦୧୫ରେ ଦାଖଲ ହୋଇଥିବା ଆବେଦନ ଶୁଣାଣି କରି ସୁପ୍ରିମକୋର୍ଟର ଜଷ୍ଟିସ ବି.ଆର ଗୋବାଇଙ୍କ ନେତୃତ୍ୱରେ ଗଠିତ ବେଞ୍ଚ ଏହା କହିଛନ୍ତି। କୋର୍ଟ କହିଛନ୍ତି, ନିର୍ବାଚନ ଆସିବା ମାତ୍ରେ 'ଲାଡଲି ବେହେନ' ଭଳି ଯୋଜନା ଘୋଷଣା ହେଉଛି, ଯେଉଁଠାରେ ସରକାର ହିତାଧିକାରୀଙ୍କୁ ପ୍ରତିମାସରେ ୨୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ଜଜ୍‌ଙ୍କ ଦରମା ଓ ପେନ୍‌ସନ୍ କଥା ଆସିଲେ ସରକାର ଆର୍ଥିକ ସମସ୍ୟା ବାହାନା ଦେଖାଉଛନ୍ତି। ୨୦୧୫ ରେ ଦାଖଲ ହୋଇଥିବା ଏହି ଆବେଦନରେ ବିଚାରପତିଙ୍କ ସ୍ୱଳ୍ପ ବେତନ ଏବଂ ଅବସର ପରେ ଉପଯୁକ୍ତ ପେନସନ ନ ପାଇବା ବିଷୟରେ କୁହାଯାଇଛି। ସାରା ଦେଶରେ ଏ ବାବଦରେ କୌଣସି ନୀତି ନାହିଁ ବୋଲି ମଧ୍ୟ ସନ୍ଦର୍ଭ ଦିଆଯାଇଛି। ଏହି ମାମଲାରେ ସହାୟତା କରିବା ପାଇଁ ସୁପ୍ରିମକୋର୍ଟ ବରିଷ୍ଠ ଓକିଲ କେ ପରମେଶ୍ୱରଙ୍କୁ ଆମିକସ କ୍ୟୁରିଆ ଭାବରେ ନିଯୁକ୍ତ କରିଛନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ନିକଟରେ ହାଜର ହୋଇଥିବା ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟାରାମଣି କହିଛନ୍ତି ଯେ ସରକାର ଦେଇଥିବା ଫ୍ରିବିଜ (ମାଗଣା ଯୋଜନା) ଏକ ସାମୟିକ ବ୍ୟବସ୍ଥା। ଦରମା ଏବଂ ପେନସନ ବୃଦ୍ଧି ଏକ ସ୍ଥାୟୀ ଜିନିଷ। ରାଜସ୍ୱ ଉପରେ ଏହାର ପ୍ରଭାବକୁ ବିଚାର କରିବା ଜରୁରୀ ଅଟେ। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବାଜି ସାରିଛି ବିଗୁଲ। ତେବେ ନିର୍ବାଚନ ପୂର୍ବରୁ ହିଁ କିଛି ରାଜନୈତିକ ଦଳ ସତ୍ତାକୁ ଆସିଲେ ମହିଳାମାନଙ୍କୁ ପ୍ରତିମାସରେ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅମ ଆଦମୀ ପାର୍ଟି 'ମହିଳା ସମ୍ମାନ ଯୋଜନା' ଜରିଆରେ ଦିଲ୍ଲୀରେ ମହିଳାମାନଙ୍କୁ ପ୍ରତି ମାସରେ ୨୧୦୦ ଟଙ୍କା ଦେବାକୁ ଘୋଷଣା କରିଛି। ସେହିପରି କଂଗ୍ରେସ 'ପ୍ୟାରୀ ଦିଦି ଯୋଜନା' ଜରିଆରେ ପଅତିମାସରେ ୨୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛି।

# ଫେରିବେ କି ଶାମି ଓ ଜାଡେଜା ; ସୁଯୋଗ ପାଇପାରନ୍ତି ଯଶସ୍ୱୀ

## ଚାମ୍ପିୟନ୍ସ ଟ୍ରଫି: ୧୨ରେ ଭାରତୀୟ ଟିମ୍ ଘୋଷଣା







**ନୂଆଦିଲ୍ଲୀ,୮।୧:** ଆଉଟ ଅଫ ଫର୍ମ ଭେଟରାନ ରୋହିତ ଶର୍ମା ଓ ବିରାଟ କୋହଲି ଏବେ ବି ଦିନିକିଆରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌ର ମେରୁଦଣ୍ଡ ହୋଇ ରହିଛନ୍ତି। ଉଭୟ ନିକଟରେ ଶେଷ ହୋଇଥିବା ବର୍ଡର୍-ଗାଭାସ୍କର ଟ୍ରଫିରେ ନିରାଶ କରିଥିଲେ ହେଁ ଆସନ୍ତା ମାସରୁ ଆରମ୍ଭ ହେଉଥିବା ଦିନିକିଆ ଚାମ୍ପିୟନ୍ସ ଟ୍ରଫି ଖେଳିବେ। ରୋହିତ ଶର୍ମା ପୂର୍ବ ଭଳି ଭାରତର ନେତୃତ୍ୱ ମଧ୍ୟ ବଜାୟ ରଖିବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ୩ ବରିଷ୍ଠ ଖେଳାଳିଙ୍କ ଭାଗ୍ୟ ଚାମ୍ପିୟନ୍ସ ଟ୍ରଫିରେ କ'ଣ ହେବ, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆସନ୍ତା ୧୨ ପୂର୍ବରୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ବିସିସିଆଇ ଚୟନ କମିଟି ଚାମ୍ପିୟନ୍ସ ଟ୍ରଫି ପାଇଁ ଦଳ ଘୋଷଣା କରିବ। ଏହି ସମୟରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଓ ୩ଟିକିଆ ଦିନିକିଆ ସିରିଜ ପାଇଁ ମଧ୍ୟ ଦଳ ଘୋଷଣା କରାଯିବ।

ତେବେ ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷଣା ହେବାକୁ ଥିବା ଦଳରେ କେଏଲ ରାହୁଲ, ମହମ୍ମଦ ଶାମି ଓ ରବୀନ୍ଦ୍ର ଜାଡେଜା ସାମିଲ ହେବେ କି ନାହିଁ, ତା'କୁ ନେଇ ସନ୍ଦେହ ଜାରି ରହିଛି। ଏହି ୩ ଖେଳାଳି ଗତ ୨୦୨୩ ଦିନିକିଆ ବିଶ୍ୱକପ ଖେଳିଥିଲେ। ବିଶ୍ୱକପ ଫାଇନାଲ ପରଠାରୁ ଭାରତ କେବଳ ୬ଟି ଦିନିକିଆ ମ୍ୟାଚ ଖେଳିଛି। ଶାମି ଓ ଜାଡେଜାଙ୍କୁ ବିଶ୍ରାମ ମିଳିଥିବା ବେଳେ ରାହୁଲ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଦଳ ସହ ରହିଥିଲେ।

ତେବେ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରେ ରାହୁଲଙ୍କୁ ଅଧାରୁ ବାଦ୍ ଦିଆଯାଇଥିଲା। କାରଣ ସେ ମଧ୍ୟକ୍ରମରେ ଆଶାନୁଯାୟୀ ରନ ସଂଗ୍ରହ କରିବାରେ ବିଫଳ ହୋଇଥିଲେ। ସେହିପରି ୨୦୨୩ ନଭେମ୍ବର ୧୯ରେ ଖେଳଯାଇଥିବା ବିଶ୍ୱକପରେ ମଧ୍ୟ ରାହୁଲ ଅତି ମନ୍ଥର ଭାବେ ବ୍ୟାଟିଂ କରିଥିବାରୁ ତାଙ୍କୁ ଆଗାମୀ ଚାମ୍ପିୟନ୍ସ ଟ୍ରଫିରେ ସୁଯୋଗ ମିଳିବ କି ନାହିଁ, ସେନେଇ କ୍ରିକେଟ୍‌ପ୍ରେମୀ ସନ୍ଦେହରେ ଅଛନ୍ତି। କିନ୍ତୁ ଭାରତର ଦିନିକିଆ ଦଳରେ ଓପନର ଯଶସ୍ୱୀ ଜୈସୱାଲ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷକରି ଗତ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ସିରିଜ୍‌ରେ ସେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେ ଦଳରେ ସାମିଲ ହେଲେ ଟପ୍ ୪ରେ ଜଣେ ବାମହାତୀ ବ୍ୟାଟର ରହିବାକୁ ସକ୍ଷମ ହେବେ। ସେହିପରି ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ ଯଦି ଦଳର ପ୍ରଥମ ପସନ୍ଦ ୱିକେଟକିପର ଭାବେ ଦଳରେ ସାମିଲ୍ ହେବେ, ତା'ହେଲେ ରାହୁଲଙ୍କୁ ତାଙ୍କ ବ୍ୟାକଅପ ଭାବେ ରଖିବାର କୌଣସି କାରଣ ନାହିଁ ବୋଲି କ୍ରିକେଟ୍‌ପ୍ରେମୀ ମତ ଦେଉଛନ୍ତି। ଯଦି ରାହୁଲ ୱିକେଟ କିପିଙ୍ଗ୍ କରିବେ ନାହିଁ, ତା'ହେଲେ ବ୍ୟାଟର ଭାବେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନେଇ କୌଣସି ଗ୍ୟାରେଣ୍ଟି ନାହିଁ ବୋଲି କୁହାଯାଇପାରେ। ସେହିପରି ଅନ୍ୟ ଦୁଇ ସମ୍ଭାବ୍ୟ ୱିକେଟକିପର-ବ୍ୟାଟର ହେଉଛନ୍ତି ଈଶାନ କିଶନ ଓ ସଞ୍ଜୁ ସାମସନ। କିଶନ ଗତ ବିଜୟ ହଜାରେ ଟ୍ରଫିରେ ସେପରି ଆଖିଦୃଶିଆ ପ୍ରଦର୍ଶନ କରିନାହାନ୍ତି। ସଞ୍ଜୁ ମଧ୍ୟ କେରଳ ଦଳରେ ସ୍ଥାନ ପାଇନାହାନ୍ତି। କିନ୍ତୁ ଯଦି ମୁଖ୍ୟ କୋଚ୍ ଗୌତମ ଗାମ୍ଭୀର ପୁଣି ଚୟନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବେ, ତା'ହେଲେ ସେ ବ୍ୟକ୍ତିଗତ ଭାବେ ପସନ୍ଦ କରୁଥିବା ସଞ୍ଜୁ ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷଣା ହେବାକୁ ଥିବା ଦୂରେ ରହିବେ।

ଜାଡେଜାଙ୍କ ସମ୍ପର୍କରେ ଆଲୋଚନା କଲେ, ଧଳା ବଲ କ୍ରିକେଟରେ ତାଙ୍କ ବ୍ୟାଟିଂର ଚମକ ଆଉ ପୂର୍ବଭଳି ନାହିଁ। ଯେଉଁମାନେ ଚୟନ କମିଟିର ଆଭିମୁଖ୍ୟକୁ ଅନୁସରଣ କରୁଛନ୍ତି ସେମାନେ ଭଲ ଭାବେ ଜାଣିଛନ୍ତି ଯେ ଏବେ ଅକ୍ଷର ପଟେଲ ଧଳା ବଲ କ୍ରିକେଟରେ ପ୍ରଥମ ପସନ୍ଦ ଅଛନ୍ତି। ଜଣେ ଅଫ ସ୍ପିନର ଭାବେ ୱାଶିଂଟନ ସୁନ୍ଦର ଦଳରେ ରହିବାର ସମ୍ଭାବନା ରହିଛି। କିନ୍ତୁ କୁଲଦୀପ ଯାଦବଙ୍କ ଫିଟ ନ ଥିବାରୁ ବିଜୟ ହଜାରେ ଟ୍ରଫି ଖେଳିନାହାନ୍ତି। ଯଦି ସମୟ ପୂର୍ବରୁ କୁଲଦୀପ ଫିଟ ନ ହେବେ, ତା'ହେଲେ ରବି ବିଷ୍ଣୋଇ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ।

ଅନ୍ୟପକ୍ଷରେ ଫିଟନେସ ସମସ୍ୟା କାରଣରୁ ନିକଟ ଅତୀତରେ ଶାମି ଭାରତୀୟ ଦଳରୁ ଅଧିକାଂଶ ସମୟରେ ବାହାରେ ରହିଆସିଛନ୍ତି। ସେ ୨୦୨୩ ବିଶ୍ୱକପ ଫାଇନାଲ ପରଠାରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିନାହାନ୍ତି। ସେ ଫିଟ ଥିଲେ ମଧ୍ୟ ତାଙ୍କ ଆଣ୍ଠୁ ବେଳେବେଳେ ଫୁଲୁଛି। ତଥାପି ସେ ଗତ ବିଜୟ ହଜାରେ ଟ୍ରଫିର ୨ଟି ମ୍ୟାଚ୍‌ରେ ୮ ଓଭର ଲେଖାଏଁ ବୋଲିଂ କରିଛନ୍ତି। ଯଶପ୍ରୀତ ବୁମରା ଏବେ ପିଠି ଯନ୍ତ୍ରଣା ସମସ୍ୟା ଭୋଗୁଛନ୍ତି। ଯଦି ସେ ଫିଟ ନ ହେବେ, ତା'ହେଲେ ଶାମିଙ୍କ ଅଭିଜ୍ଞତା ଚାମ୍ପିୟନ୍ସ ଟ୍ରଫିରେ କାମ ଦେବ। ହେଲେ ସେ ମ୍ୟାଚ୍ ପାଇଁ କେତେ ଫିଟ ହେଉଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି। ହାର୍ଦ୍ଦିକ ପାଣ୍ଡ୍ୟା ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ଦଳରେ ରହିବା ନିଶ୍ଚିତ। ଏପରି ସ୍ଥିତିରେ ଗତ ଅଷ୍ଟ୍ରେଲିଆ ବିପକ୍ଷ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ୍ ସିରିଜ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ନୀତୀଶ କୁମାର ରେଡ୍ଡୀଙ୍କୁ ଚୟନ କରାଯାଉଛି କି ନାହିଁ, ତା' ମଧ୍ୟ ଦେଖିବାର କଥା। ରିଜର୍ଭ ବ୍ୟାଟର ଭାବେ ରିଙ୍କୁ ସିଂହ ଓ ତିଲକ ବର୍ମାଙ୍କ ମଧ୍ୟରୁ ଜଣଙ୍କୁ ନିଆଯାଇପାରେ।



## ବୁମ୍‌ରାଙ୍କୁ କ୍ୟାରିୟରର ଶ୍ରେଷ୍ଠ ରେଟିଂ, ଟପ୍ ଟେନ୍‌ରେ ବୋଲାଣ୍ଡ୍

ଦୁବାଇ,୮।୧: ଆଇସିସି ପୁରୁଷ ଟେଷ୍ଟ ଖେଳାଳି ର୍‍ୟାଙ୍କିଂ ଭାରତୀୟ ପ୍ରଶଂସକଙ୍କ ପାଇଁ ମିଶ୍ରିତ ଉତ୍ସାହ ଆଣିଛି। ଭାରତୀୟ ଟିମର ତାରକା ପେସର୍ ଯଶପ୍ରୀତ ବୁମ୍‌ରା ତାଙ୍କ କ୍ୟାରିୟରରେ ପ୍ରଥମ ଥର ପାଇଁ ୯୦୦ ପଏଣ୍ଟ୍ ଅତିକ୍ରମ କରିଛନ୍ତି। ସେ କ୍ୟାରିଅର୍‌ର ଶ୍ରେଷ୍ଠ ରେଟିଂ ୯୦୮ ପଏଣ୍ଟ ହାସଲ କରିବା ସହ ର୍‍ୟାଙ୍କିଂରେ ୧ନଂ ସ୍ଥାନରେ ନିଜର ସ୍ଥାନକ ଆହୁରି ମଜବୁତ କରିଛନ୍ତି। ଗତ ବର୍ଡର-ଗାଭାସ୍କର ଟ୍ରଫିରେ ବୁମ୍‌ରା ଦମଦାର ପ୍ରଦର୍ଶନ କରିଥିଲେ ହେଁ ଭାରତ ୧-୩ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଏଥିସହ ଦଳର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାର ସ୍ୱପ୍ନ ମଧ୍ୟ ଚୂରମାର ହୋଇଯାଇଛି। ୫ ଟେଷ୍ଟ ପୂର୍ବରୁ ବୁମ୍‌ରାଙ୍କ ରେଟିଂ ପଏଣ୍ଟ ୯୦୭ ରହିଥିଲା। ୫ମ ଟେଷ୍ଟର ପ୍ରଥମ ଇନିଂସରେ ସେ ୨ଟି ୱିକେଟ ନେବାରୁ ତାଙ୍କ ରେଟିଂ ୯୦୮ ପଏଣ୍ଟରେ ପହଞ୍ଚିଥିଲା। ତେବେ ଆହତ ସମସ୍ୟା ଯୋଗୁ ସେ ୫ମ ଟେଷ୍ଟର ଦ୍ୱିତୀୟ ଇନିଂସରେ ବୋଲିଂ କରିପାରି ନଥିଲେ। ବୁମ୍‌ରା ୧ନଂ ସ୍ଥାନରେ ସ୍ଥିର ରହିଥିବା ବେଳେ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ସ୍କଟ ବୋଲାଣ୍ଡଙ୍କୁ ଐତିହାସିକ ସଫଳତା ମିଳିଛି। ସେ ଭାରତ ବିପକ୍ଷ ୫ମ ଟେଷ୍ଟରେ ୧୦ ୱିକେଟ ଦଖଲ କରିବାରୁ ଟପ୍ ୧୦ରେ ପ୍ରବେଶ କରିଛନ୍ତି। ସେ ପ୍ରଥମ ଇନିଂସରେ ୪ଟି ଓ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ ନେଇଥିଲେ। ବୋଲାଣ୍ଡ ୨୯ଟି ସ୍ଥାନ ଉପରକୁ ଲମ୍ଫ ପ୍ରଦାନ କରି ୧୦ ନଂରେ ପହଞ୍ଚିଛନ୍ତି। ସେହିପରି ଅଷ୍ଟ୍ରେଲିଆ ଦଳର ଅଧିନାୟକ ପ୍ୟାଟ କମିନ୍ସ ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ପାକିସ୍ତାନ ବିପକ୍ଷରେ ୬ ୱିକେଟ ନେଇଥିବା ଦକ୍ଷିଣ ଆଫ୍ରିକାର କାଗିସୋ ରବାଡା ତୃତୀୟ ସ୍ଥାନ ଦଖଲ କରିଛନ୍ତି। ଅନ୍ୟପକ୍ଷରେ ବ୍ୟାଟିଂ ର୍‍ୟାଙ୍କିଂରେ ଭାରତର ୱିକେଟକିପର-ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ ୩ଟି ସ୍ଥାନ ଉପରକୁ ଉଠି ନବମ ସ୍ଥାନରେ ପହଞ୍ଚିଯାଇଛନ୍ତି।

## ହ୍ୟାଟ୍ରିକରେ ତିକ୍‌ଶାନା ସପ୍ତମ ସିଂହଳୀ



### ଭାସ ଓ ମାଲିଙ୍ଗାଙ୍କ କ୍ଲବ୍‌ରେ ସାମିଲ

**ହାମିଲଟନ୍, ୮।୧:** ଶ୍ରୀଲଙ୍କାର ପ୍ରମୁଖ ସ୍ପିନର୍ ମହୀଶ ତିକଶାନା ଦେଶ ପକ୍ଷରୁ ୭ମ ବୋଲର ଭାବେ ଦିନିକିଆ କ୍ରିକେଟରେ ହ୍ୟାଟ୍ରିକ ୱିକେଟ ନେଇଛନ୍ତି। ଆଜି ଘରୋଇ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ହାମିଲଟନ ଦିନିକିଆରେ ତିକଶାନା ଏପରି ସଫଳତା ହାସଲ କରିଛନ୍ତି। ବର୍ଷା ପ୍ରଭାବିତ ଏହି ମ୍ୟାଚ୍‌ରେ ତିକଶାନା ମୋଟ ୮ ଓଭର ବୋଲିଂ କରି ମୋଟ ୪ଟି ୱିକେଟ୍ ନେଇ ଦେଶର ଦୁଇ ପ୍ରମୁଖ ପେସର୍ ଚାମିଣ୍ଡା ଭାସ୍ ଓ ଲାସିଥ୍ ମାଲିଙ୍ଗାଙ୍କ ସମକକ୍ଷ ହୋଇଛନ୍ତି। ସେ ଇନିଂସର ୩୫ତମ ଓଭର୍‌ର ପଞ୍ଚମ ବଲ୍‌ରେ ନ୍ୟୁଜିଲ୍ୟାଣ୍ଡର ଅଧିନାୟକ ମିଚେଲ ସାଣ୍ଟନର, ପରବର୍ତ୍ତୀ ବଲ୍‌ରେ ନାଥନ ସ୍ମିଥ ଓ ଓ ୩୭ତମ ଓଭର୍‌ର ପ୍ରଥମ ବଲ୍‌ରେ ମ୍ୟାଟ ହେନରୀଙ୍କୁ ଆଉଟ କରିଛନ୍ତି। ମ୍ୟାଚ୍‌ରେ ତାଙ୍କ ସ୍ପେଲରେ ତିକଶାନା ୪୪ ରନ ବ୍ୟୟ କରିଛନ୍ତି। କିନ୍ତୁ ତାଙ୍କର ହ୍ୟାଟ୍ରିକ୍ ସଫଳତା ସତ୍ତ୍ୱେ ବର୍ଷା ପ୍ରଭାବିତ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପରାସ୍ତ ହୋଇଛି। ମ୍ୟାଚ୍‌କୁ ୩୭ ଓଭରକୁ ହ୍ରାସ କରାଯିବା ପରେ ପ୍ରଥମେ ବ୍ୟାଟିଂ ସୁଯୋଗ ପାଇ ଘରୋଇ ନ୍ୟୁଜିଲ୍ୟାଣ୍ଡ୍ ୯ ୱିକେଟ ହରାଇ ୨୫୫ ରନ କରିଥିଲା। ଏହାର ଜବାବରେ ଶ୍ରୀଲଙ୍କା ୩୦.୨ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୪୨ ରନ କରିପାରିଥିଲା। ତେବେ ନ୍ୟୁଜିଲ୍ୟାଣ୍ଡର ବିଜୟ ଅପେକ୍ଷା ତିକଶାନାଙ୍କ ହ୍ୟାଟ୍ରିକ ୱିକେଟ ପୂରା ମ୍ୟାଚ୍‌ର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେ ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ଶ୍ରୀଲଙ୍କାର ପ୍ରଥମ ବୋଲର ଭାବେ ଦିନିକିଆରେ ହ୍ୟାଟ୍ରିକ ୱିକେଟ ନେଇଛନ୍ତି। ଏଥିସହ କିମ୍ବଦନ୍ତୀ କ୍ରିକେଟର ଭାସ ଓ ମାଲିଙ୍ଗାଙ୍କ ରେକର୍ଡରେ ସମକକ୍ଷ ହୋଇଛନ୍ତି।

ଶ୍ରୀଲଙ୍କା ପକ୍ଷରୁ ଚାମିଣ୍ଡା ଭାସ ସର୍ବପ୍ରଥମେ ୨୦୦୧ରେ ଜିମ୍ବାୱେ ବିପକ୍ଷରେ ହ୍ୟାଟ୍ରିକ ନେଇଥିଲେ। ପରେ ସେ ୨୦୦୩ ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷରେ ପୁଣିଥରେ ହ୍ୟାଟ୍ରିକ ହାସଲ କରିଥିଲେ। ଏହାଛଡ଼ା ୨୦୧୦ରେ ଭାରତ ବିପକ୍ଷରେ ପରଭେଜ ମହାରୁଫ୍, ୨୦୧୧ରେ ମାଲିଙ୍ଗା କେନିୟା ଓ ଅଷ୍ଟ୍ରେଲିଆ ବିପକ୍ଷରେ, ୨୦୧୨ରେ ଥିସାରା ପେରେରା ପାକିସ୍ତାନ ବିପକ୍ଷରେ, ୱାନିନ୍ଦୁ ହସରଙ୍ଗା ୨୦୧୭ରେ ଜିମ୍ବାୱେ ବିପକ୍ଷରେ, ଦୁଷ୍ମନ୍ତ ମଧୁଶଙ୍କା ୨୦୧୮ରେ ବାଂଲାଦେଶ ବିପକ୍ଷରେ ହ୍ୟାଟ୍ରିକ୍ ୱିକେଟ୍ ନେବାରେ ସକ୍ଷମ ହୋଇଥିଲେ।

### ୧୪ରୁ ଇଣ୍ଡିଆ ଓପନ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ଭାଗନେବେ ୨୧ ଭାରତୀୟ ଖେଳାଳି




ନୂଆଦିଲ୍ଲୀ,୮।୧: ଆସନ୍ତା ୧୪ରୁ ୧୯ ତାରିଖ ମଧ୍ୟରେ ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ନୂଆଦିଲ୍ଲୀସ୍ଥିତ କେଡି ଯାଦବ ଇନ୍‌ଡୋର ହଲ୍, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ୍‌ରେ ଆୟୋଜକ ଭାରତ ପକ୍ଷରୁ ମୋଟ ୨୧ଜଣ ଖେଳାଳି ସାମିଲ୍ ହେବେ ବୋଲି ଜଣାପଡ଼ିଛି। ଏଥିରେ ଅଲିମ୍ପିକ୍ ଚାମ୍ପିଅନ୍ ଡେନମାର୍କର ଭିକ୍ଟର ଆକ୍ସେଲସେନ୍, ବିଶ୍ୱର ଏକ ନମ୍ବର ଖେଳାଳି ଚୀନର ଶି ୟୁକି ଏବଂ ଏକ ନମ୍ବର ମହିଳା ଖେଳାଳି ଦକ୍ଷିଣ କୋରିଆର ଆନ୍ ସିୟଙ୍ଗ୍ ମୁଖ୍ୟ ଆକର୍ଷଣ ସାଜିବେ। ପ୍ରତିଯୋଗିତାରେ ପୁରୁଷ ସିଙ୍ଗଲ୍ସରେ ଭାରତର ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡ୍‌ରେ ଚୀନର ୱେଙ୍ଗ୍ ହଙ୍ଗ୍‌ୟାଙ୍ଗ୍‌ଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ। ୨୦୨୨ରେ ସେ ଏହି ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇଥିଲେ। ଅନ୍ୟ ପଟରେ ପ୍ରିୟାଂଶୁ ରଜାୱତ ବିଶ୍ୱର ୮ନଂ ଖେଳାଳି ଜାପାନର କୋଡାଇ ନାରାଓକା ଏବଂ ଏସ୍‌ଏସ୍ ପ୍ରଣୟ ଚାଇନିଜ୍ ତାଇପେ'ର ସୁ ଲିୟାଙ୍ଗଙ୍କ ବିପକ୍ଷରୁ ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ଅନ୍ୟପକ୍ଷରେ ମହିଳା ବର୍ଗରେ ଡବଲ୍ ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ପ୍ରଥମ ରାଉଣ୍ଡ୍‌ରେ ଅନୁପମା ଉପାଧ୍ୟାୟଙ୍କୁ ଭେଟିବାକୁ ଥିବାବେଳେ ମାଳବିକା ବନସୋଡ଼, ଆକର୍ଷୀ କଶ୍ୟପ ମଧ୍ୟ ନିଜ ନିଜ ଭାଗ୍ୟ ପରୀକ୍ଷା କରିବେ। ତା'ଛଡ଼ା ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଉଭୟ ମାଲେସିଆର ଟି କାଇ ଉନ୍-ମାନ୍ ଚୋଙ୍ଗ ୱେଇ ଯୋଡ଼ିଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ। ଗତ ସିଜନରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ଫାଇନାଲ୍‌ରେ ପରାସ୍ତ ହୋଇ ଟାଇଟଲ୍ ହାତଛଡ଼ା କରିବା ସହ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଆହୁରି ମହିଳା ଡବଲ୍ସରେ ଭାରତରୁ ୮ଟି ଯୋଡ଼ି ଏବଂ ମିକ୍ସଡ୍ ଡବଲ୍ସରେ ୪ଟି ଯୋଡ଼ି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ-ବିଶ୍ୱ ...

ସେତୁ ନିର୍ମାଣ କରିବାରେ ପ୍ରବାସୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ଡ. ମାଣ୍ଡଭୀୟ କହିଛନ୍ତି, ଭାରତର ଭବିଷ୍ୟତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହା ଆଜାଦୀ କା ଅମୃତ ମହୋତ୍ସବ ଅଧୀନରେ ଭାରତର ସ୍ୱାଧୀନତା ପ୍ରାପ୍ତିକୁ ୭୫ ବର୍ଷ ପୂର୍ତ୍ତି ଆକାରରେ ରେଖାଙ୍କିତ ହୋଇଛି। ଏକ ବିକଶିତ ରାଷ୍ଟ୍ରର ଏହି ଲକ୍ଷ୍ୟକୁ ସାକାର କରିବାରେ ଯୁବବର୍ଗଙ୍କ କେନ୍ଦ୍ରୀୟ ଭୂମିକା ଉପରେ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଭାରତରେ ଯୁବବର୍ଗଙ୍କ ହାରାହାରି ବୟସ ୨୯ ହୋଇଥିବାରୁ ଆଗାମୀ ବର୍ଷଗୁଡ଼ିକରେ ଦେଶ ବିଶ୍ୱର ନେତୃତ୍ୱ ନେବାର ସ୍ଥିତିରେ ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ପରିବର୍ତ୍ତନକାରୀ ଯାତ୍ରାରୁ ପ୍ରେରଣା ନେଇ ଡକ୍ଟର ମାଣ୍ଡଭୀୟ କହିଥିଲେ, ଦକ୍ଷିଣ ଆଫ୍ରିକାରେ ରହଣି ସମୟରେ ଗାନ୍ଧିଜୀ ହାସଲ କରିଥିବା ଶିକ୍ଷା ଭାରତର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲା। ଭାରତର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସାରା ବିଶ୍ୱରୁ ସମାନ ଅଭିଜ୍ଞତା ଏବଂ ସର୍ବୋତ୍ତମ କାର୍ଯ୍ୟପଦ୍ଧତି ନେଇ ଆସିବା ପାଇଁ ସେ ପ୍ରବାସୀମାନଙ୍କୁ ଉତ୍ସାହିତ କରିଥିଲେ।

ସେ ଆହୁରି କହିଛନ୍ତି ଯେ ପରିବର୍ତ୍ତିତ ବିଶ୍ୱ ପରିଦୃଶ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ଭାରତର କ୍ଷମତା ଏବଂ ସାମର୍ଥ୍ୟ ରହିଛି। ଅଭିବୃଦ୍ଧି ଓ ନବସୃଜନ ପାଇଁ ଭାରତର ବଜାର, ଯୁବବର୍ଗ ଏବଂ ମାନବ ସମ୍ବଳ, ବ୍ୟାପକ ସୁଯୋଗ ପ୍ରଦାନ କରିଥାଏ। ଯୁବବର୍ଗଙ୍କୁ ସଶକ୍ତ କରିବା ଓ ସେମାନଙ୍କ ସଫଳତା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଲାଗି ସରକାର ଗତ ଦଶନ୍ଧି ମଧ୍ୟରେ ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି। ବିଶ୍ୱବ୍ୟାପୀ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ବିଶେଷ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନଙ୍କ ଅବଦାନ ଅତୁଳନୀୟ। ଗତ ୨୦୨୦ରେ ଭାରତରେ କୋଭିଡ଼୍‌ର ଭୟାବହତା ପରିପ୍ରେକ୍ଷୀରେ ଭାରତ ବିଶ୍ୱର ବିଭିନ୍ନ ଦେଶକୁ ଜରୁରି ଔଷଧ ଯୋଗାଇଥିଲା, ଯାହା ଭାରତର ନେତୃତ୍ୱ ଏବଂ ଆତ୍ମନିର୍ଭରଶୀଳତାକୁ ଦର୍ଶାଇଥାଏ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ଼ସେ ଓ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଉପସ୍ଥିତ ଥିଲେ।

### ବୁଲିଲା...

ଗ୍ରହଣ କରିପାରିନାହାନ୍ତି। କାରଣ ପ୍ରତ୍ୟେକ ସଫେଇ କର୍ମଚାରୀଙ୍କ ସୁଖଦୁଃଖରେ ଛିଡା ହେଉଥିଲେ ସହଦେବ। ତେବେ ପରିତାପର ବିଷୟ ହେଉଛି ଭୁବନେଶ୍ୱରରେ ଆରମ୍ଭ ହୋଇଛି ପ୍ରବାସୀ ଭାରତୀୟ ସମ୍ମିଳନୀ। ଭିଭିଆଇପିଙ୍କ ଗସ୍ତକୁ ଦୃଷ୍ଟିରେ ରହି ସହର ଭିତରରେ ଚେକିଂ, ବ୍ଲକିଂ ସାଙ୍ଗକୁ ନାକାବନ୍ଦୀ କରାଯାଉଛି। ଗତକାଲି ରାତିରେ ମଧ୍ୟ କମିଶନରେଟ ପୁଲିସ ପକ୍ଷରୁ କନଭୟ ପାଟ୍ରୋଲିଂ କରାଯାଇଥିଲା। କିନ୍ତୁ ସବୁ ପରେ ବି ଅପରାଧୀ ନଛୋଡ଼ବନ୍ଧା। ଖୁଲେଆମ ହତିଆର ଯୋଗେ ମୁଣ୍ଡ ଗଣ୍ଡି ଅଲଗା କରିବା ପରେ ପୁଲିସ ପାଇଁ ସୃଷ୍ଟି ହୋଇଥିଲା ବଡ଼ ଚ୍ୟାଲେଞ୍ଜ। କିନ୍ତୁ ହତ୍ୟାକାଣ୍ଡର ମାତ୍ର ୧୨ ଘଣ୍ଟା ମଧ୍ୟରେ ୩ ଜଣଙ୍କୁ ଗିରଫ କରି ପୁଲିସ ଦେଇଛି କଡ଼ା ଜବାବ। ବ୍ରାଉନସୁଗର କାରବାରକୁ ନେଇ ଏଭଳି ଗଣ୍ଡଗୋଳ ଘଟିଥିବା ଡିସିପି ପିନାକ ମିଶ୍ର କହିଥିବା ବେଳେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

### ରାଜ୍ୟ ବିକାଶରେ...

ଅସାଧାରଣ ଅବଦାନ ପାଇଁ ଖୁସି ବ୍ୟକ୍ତ କରୁଛୁ। ପ୍ରବାସୀ ଭାରତୀୟମାନେ ଆମର ସାଂସ୍କୃତିକ ରାଜଦୂତ ଓ ସେମାନେ ସବୁଠାରେ ଭାରତର ଗୌରବକୁ ପ୍ରତିଫଳିତ କରୁଛନ୍ତି। ବିଦେଶରେ ସେମାନଙ୍କ ଉତ୍କର୍ଷରେ ଆମ୍ଭେମାନେ ଗର୍ବିତ। ପ୍ରବାସୀ ଭାରତୀୟମାନେ ବିଜ୍ଞାନ ଓ କାରିଗରୀ, ବୈଶ୍ୱିକ ସହଯୋଗ ଓ ସରକାରୀ ନୀତି ନିର୍ଦ୍ଧାରଣରେ ସେମାନଙ୍କ ସଫଳତା ପ୍ରଦର୍ଶନ କରିଆସିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଉଦ୍ୟୋଗପତି ଗୋପୀଚାନ୍ଦ ହିନ୍ଦୁଜା ଓ ଏଲ୍. ଏନ୍, ମିତ୍ତଲ, କର୍ପୋରେଟ ଲିଡର ଇନ୍ଦିରା ନୁୟୀ, ସୁନ୍ଦର ପିଚାଇ ଓ ସତ୍ୟ ନାଡେଲା, ବୈଜ୍ଞାନିକ ଭେଙ୍କଟ ରାମକ୍ରିଷ୍ଣନ୍ ଏବଂ ଫେସନ ଡିଜାଇନର ବିଭୁ ମହାପାତ୍ରଙ୍କ ପରି ବ୍ୟକ୍ତିତ୍ୱବୃନ୍ଦ ବିଶ୍ୱ ସ୍ତରରେ ଭାରତର ଗୌରବ ବୃଦ୍ଧି କରିଛନ୍ତି। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ.ଏସ୍. ଜୟଶଙ୍କର କହିଲେ ଯେ, ପ୍ରବାସୀ ଭାରତୀୟମାନେ ସେମାନଙ୍କର ଜନ୍ମମାଟି ଭାରତ ସହିତ ସବୁବେଳେ ଆତ୍ମୀୟତା ରଖି ଆସିଛନ୍ତି। ବିଶ୍ୱର ଯେଉଁ ଦେଶରେ ରହିଥାନ୍ତୁ ନା କାହିଁକି ଭାରତର ବିକାଶ ପାଇଁ ସେମାନେ ସର୍ବଦା ଇଚ୍ଛୁକ ରହିଥାନ୍ତି। ପ୍ରବାସୀ ଭାରତୀୟ ମାନେ କୃତ୍ରିମ ବୁଦ୍ଧିମତା, ଇଲେକ୍ଟ୍ରୋନିକ ଯାନ, ଡ୍ରୋନ୍, ବୈଷୟିକ ଜ୍ଞାନ କୈଶଳ, କାରିଗରୀ, ମହାକାଶ ଗବେଷଣା ଆଦି ବିଭିନ୍ନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଛନ୍ତି। ଭାରତ ସହ ସେମାନଙ୍କର ସହଭାଗିତା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଉଲ୍ଲେଖନୀୟ ଯୋଗଦାନ ହେବ ବୋଲି ସେ ପ୍ରକାଶ କରିଥିଲେ।

### ଜଗନ୍ନାଥ...

ଭାରତୀୟମାନଙ୍କୁ ବିଶ୍ୱରେ ଭାରତର ପ୍ରତିନିଧି ବୋଲି ଉଲ୍ଲେଖ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଟ୍ରେଡ (ବାଣିଜ୍ୟ), ଟେକ୍ନୋଲୋଜି (କାରିଗରୀ) ଓ ଟୁରିଜିମ (ପର୍ଯ୍ୟଟନ) ଉପରେ ଗୁରୁତ୍ୱ ଦେଉଥିବା ଦର୍ଶାଇ ଓଡ଼ିଶାରେ ଶିଳ୍ପ, ବାଣିଜ୍ୟ, ପରିବହନ, ନିଯୁକ୍ତି ଆଦି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ନିମନ୍ତେ ଏପରି ଆୟୋଜନ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ଯୁବଶକ୍ତିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ କ୍ରମେ ଦକ୍ଷ ମାନବସମ୍ବଳ ସୃଷ୍ଟି କରାଯାଇପାରିବ। କେନ୍ଦ୍ର ସରକାରଙ୍କର 'ପୂର୍ବୋଦୟ ଅଭିଯାନ'ରେ ଓଡ଼ିଶାର ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସାମଗ୍ରିକ ବିକାଶ ଓ ବିପୁଳ ନିଯୁକ୍ତି ସୁଯୋଗ ପାଇଁ ଓଡ଼ିଶା ପର୍ଯ୍ୟଟନ ଶିଳ୍ପ ନିବେଶକମାନଙ୍କ ପାଇଁ ଲାଭଦାୟକ ହେବ ବୋଲି ଡ. ଜୟଶଙ୍କର କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓଡ଼ିଶାକୁ ବିଶ୍ୱ ଶିଳ୍ପ-ଶୃଙ୍ଖଳରେ ସାମିଲ କରିବା ନିମନ୍ତେ ସମସ୍ତ ପ୍ରୟାସ କରାଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂହ ପୁନିୟା ଧନ୍ୟବାଦ ଅର୍ପଣ କରିଥିଲେ।

### ଫେବୃଆରୀରେ...

ଏସ.ଅଶ୍ୱଥି, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡି.ବୃନ୍ଦା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳୁଥିବା ସୁବିଧାକୁ ଜାରି ରଖିବା ପାଇଁ ପ୍ରଚଳିତ ନିୟମରେ କୌଣସି ପରିବର୍ତ୍ତନ ନକରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । କେବଳ ନାମ ପରିବର୍ତ୍ତନ ସହ ଅନ୍ୟ ସମସ୍ତ ସୁବିଧା ଉପଲବ୍ଧ ହେବ । ପୁରୁଷଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ମହିଳାଙ୍କୁ ଅତିରିକ୍ତ ୫ଲକ୍ଷ ଟଙ୍କା ଅର୍ଥାତ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଏହି ଆସ୍ୟୁରାନ୍ସ ମଡେଲ ମାଧ୍ୟମରେ ଯୋଗାଇ ଦିଆଯିବ ।

ରାଜ୍ୟ ସରକାର ଆସନ୍ତା ଫେବୃୟାରୀରୁ ଏହାକୁ ଲାଗୁ କରିବା ସହ ଏପ୍ରିଲରୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରାଇବେ । ୭୦ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କୁ ମଧ୍ୟ ଆୟୁଷ୍ମାନ ଯୋଜନାରେ ସାମିଲ ହେବା ପାଇଁ ପ୍ରକ୍ରିୟା ଚଳିତ ମାସ ଶେଷ ସୁଦ୍ଧା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି ।

### ପହଞ୍ଚିଲେ...

ମୋଦି...' ନାରାରେ ସମଗ୍ର ପରିବେଶ କମ୍ପୁଥିଲା। ରାସ୍ତା ପାର୍ଶ୍ୱରେ ଅପେକ୍ଷାରତ ସାଧାରଣ ଲୋକଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ହାତ ହଲାଇ ସେମାନଙ୍କ ଉତ୍ସାହିତ କରିଥିଲେ। ପ୍ରଧାନମନ୍ତ୍ରୀ ବିମାନ ବନ୍ଦରରୁ ସିଧାସଳଖ ରାଜଭବନ ଯାଇଛନ୍ତି। ସେଠାରେ ରାତ୍ରିଯାପନ କରିବେ। ତେବେ ଆଜି ପ୍ରଧାନମନ୍ତ୍ରୀଙ୍କର ଅନ୍ୟ କୌଣସି କାର୍ଯ୍ୟକ୍ରମ ନଥିଲା। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ମୋଦି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ଉଦଘାଟନ କରିବା ସହ ପ୍ରବାସୀଙ୍କ ସହ କିଛି ସମୟ ବିତାଇ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ବେଶ୍ କଡ଼ାକଡ଼ି କରାଯାଇଛି।

### ପର୍ଯ୍ୟଟନ...

ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ ଦିଗରେ ଥିବା ବିଭିନ୍ନ ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ଅଧିକ ବନ୍ଦର, ବିମାନ ବନ୍ଦର, ଭିତ୍ତିଭୂମିର ବିକାଶ, ଶିଳ୍ପ ଅଭିବୃଦ୍ଧି, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଙ୍ଗକୁ ସାମାଜିକ-ଅର୍ଥନୈତିକ ସମାନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ନିମ୍ନ ଆୟକାରୀ ରାଜ୍ୟ ବର୍ଗରୁ ଉନ୍ନୀତ ହୋଇ ମଧ୍ୟମ ବର୍ଗରେ ଅନ୍ତର୍ଭୁକ୍ତ ହୋଇଥିବା ଦର୍ଶାଇ ସେ ଆଗାମୀ ଦିନରେ ରାଜ୍ୟକୁ ଉଚ୍ଚ ଆୟକାରୀ ରାଜ୍ୟ ବର୍ଗରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଅଭିନବ ବିନ୍ଦ୍ରା ଫାଉଣ୍ଡେସନର ପ୍ରତିଷ୍ଠାତା ପଦ୍ମଭୂଷଣ ଅଭିନବ ବିନ୍ଦ୍ରା ଓଡ଼ିଶାର ବିକାଶରେ କ୍ରୀଡାର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ର (ଓଡ଼ିଶା) ମୁଖ୍ୟ ଦକ୍ଷତା ଅଧିକାରୀ ବ୍ରୁକ୍ସ ପୋହ, ପାରାଦୀପ ବନ୍ଦର ଅଧ୍ୟକ୍ଷ, ପି. ଏଲ. ହରନାଧ, ଇଣ୍ଡିଆନ କାଉନ୍ସିଲ ଫର ରିସର୍ଚ୍ଚ ଅନ ଇଣ୍ଟରନ୍ୟାସନାଲ ଇକୋନୋମିକ ରିଲେସନ୍ସ (ଆଇସିଆରଆଇଇଆର)ର ନିର୍ଦ୍ଦେଶକ ଡଃ ଦୀପକ ମିଶ୍ର, ଭାରତ ବାୟୋଟେକର ମୁଖ୍ୟ ଉନ୍ନୟନ ଅଧିକାରୀ ଡଃ ରାଚେସ ଏଲା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ସାମ୍ନାକୁ...

ସ୍ୱତନ୍ତ୍ର ସଚିବ ପି.କେ ମିଶ୍ରଙ୍କ ଝିଅର ପରିଚୟ ଦେଇ କର୍ପୋରେଟ୍ ଠକେଇ ଆରମ୍ଭ କରିଥିଲେ। ଅଭିଯୋଗ ଅନୁସାରେ ସିଏ କୁଆଡେ କୋଟି କୋଟି ଟଙ୍କା ଠକେଇ କରିଥିଲେ। ଧରାପଡ଼ିବା ଭୟରେ ହର୍ଷିତା ମିଶ୍ରରୁ ସେ ପାଲଟି ଯାଇଥିଲେ ହଂସିତା ଅଭିଲିପ୍ସା। ଆଉ ବଡ଼ବଡ଼ ବିଲ୍‌ଡର, ଖଣି ବ୍ୟବସାୟୀ ଓ ଧନୀ ଶ୍ରେଣୀର ଲୋକଙ୍କୁ ଠକି ଚାଲିଥିଲେ।

କାହାକୁ ଛାଡ଼ିଲେ ନାହିଁ। ଅଭିଯୋଗ ହେଉଛି ହଂସିକା ଅଭିଲିପ୍ସା ଯେଉଁଠିକି ଯାଉଥିଲେ ସେଠାରେ ଗୋଟାଏ ଲେଖାଏଁ ସ୍ୱାମୀ ଚୟନ କରୁଥିଲେ। ଆଉ ତା'ପରେ ବଡ଼ବଡ଼ିଆଙ୍କ ସହରରେ କର୍ପୋରେଟ୍ ଅଫିସ୍ ଖୋଲି ଖୁଲମ୍‌ଖୋଲା ଠକୁଥିଲେ। ଯାହାର ହିସାବ କାହା ପାଖରେ ନାହିଁ। ବର୍ତ୍ତମାନ ସୁଦ୍ଧା ତାଙ୍କ ନାଁରେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ଅଭିଯୋଗ ଆସିଲାଣି। ସେଠାରେ ମଧ୍ୟ ସେ ଅଲଗା ଅଲଗା ସ୍ୱାମୀଙ୍କ ନାଁରେ କୋଟି କୋଟି ଟଙ୍କା ଠକିଥିବା ଅଭିଯୋଗ ହେବା ପରେ କମିଶନରେଟ ପୋଲିସର ଅକଲ ଗୁଡୁମ ହୋଇଥିବା ଚର୍ଚ୍ଚା ଏବେ ଜୋର ଧରିଛି।

## କପ୍ ତଥା ୧ମ ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ନିମାପଡ଼ା,୮।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ବାରବାଟି ମିନି ଷ୍ଟାଡିୟମରେ ଚାଲିଥିବା ୨୯ତମ ନିମାପଡ଼ା କପ୍ କ୍ରିକେଟ୍ ତଥା ୧ମ ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ରେଲୱେ ଟିମ୍ ନିମାପଡ଼ା ଆଥଲେଟିକ ଆସୋସିଏସନ୍କୁ ୩୮ ରନରେ ପରାସ୍ତ କରି ୨ୟ ସେମିଫାଇନାଲକୁ ପ୍ରବେଶ କରିଛି। ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା। ସୁଯୋଗର ଫାଇଦା ନେଇ ରେଲୱେ ଟିମ୍ ନିର୍ଦ୍ଧାରିତ ୩୦ ଓଭରରେ ବିଶାଳ ୨୭୩ ରନର ଲକ୍ଷ୍ୟ ଦେଇଥିଲା।ଦଳ ପକ୍ଷରୁ ପ୍ରଦୀପ୍ତ ଦାସ ୪୪ ବଲ ୭୩, ସମୀର ମହାନ୍ତି ୨୮ ବଲ ୬୦, ସୁଜିତ ଲେଙ୍କା ୪୭ ବଲ ୪୭ ଏବଂ ରାକେଶ ମହାନ୍ତି ୪୫ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷର ବୋଲର ପ୍ରିୟରଞ୍ଜନ ମୁଦୁଲି ଓ ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।ବିଜୟ ଲକ୍ଷ୍ୟ ନେଇ ଆୟୋଜକ ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ସଂଘର୍ଷ କରି ୨୩୫ ରନ୍ କରିବାକୁ ସକ୍ଷମ ହୋଇଥିଲା।ଦଳ ପକ୍ଷରୁ ପ୍ରିୟାଂଶୁ ପଲେଇ ୪୮, ରାମନାରାୟଣ ପଣ୍ଡା ୪୪, ଜ୍ୟୋତିରଂଜନ ବିଶ୍ୱାଳ ୩୪ ଏବଂ ବିଶ୍ୱଜିତ୍ ତ୍ରିପାଠୀ ୨୭ ରନ୍ କରିଥିଲେ। ମଳୟ ଜେନା ୩ଟି ଓ ଜୟନ୍ତ ବେହେରା ୨ଟି ୱିକେଟ୍ ନେଇଥିଲେ। ରେଲୱେ ଟିମର ପ୍ରଦୀପ୍ତ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଥିଲା।ଆଜିର ଏହି ରୋମାଞ୍ଚକର ମ୍ୟାଚକୁ ନିର୍ମଳ ମିଶ୍ର ଓ ସମ୍ବିତ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଓମ୍ ରଞ୍ଜନ ପ୍ରଧାନ ଓ ରୋଶନଜିତ୍ ରାୟ ସ୍କୋରର୍ ଭାବେ ଦାୟିତ୍ୱ ତୁଲାଇଥିଲେ ଏବଂ ଜ୍ୟୋତିରଂଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଆଇଟିଇଆର କ୍ୟାମ୍ପସ୍ ପରିସରରେ ନୂତନ କ୍ୟାଂଟିନ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) କ୍ୟାମ୍ପସର ବିଏଚ୍‌୭ ଛାତ୍ର ନିବାସ ଡାଇନିଂ ରୁମ୍‌ରେ ସୋଡେକ୍ସୋ ଫୁଡ୍ ସର୍ଭିସେସ୍ ଆଣ୍ଡ ଫ୍ୟାସିଲିଟି ମ୍ୟାନେଜମେଣ୍ଟ ଦ୍ୱାରା ଏକ ନୂତନ କ୍ୟାଂଟିନ୍ ବୁଧବାର ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଟିଇଆର କମ୍ପ୍ୟୁଟର ସାଇନସ୍ ଆଣ୍ଡ ଇଞ୍ଜିନିୟରିଂ (ସିଏସ୍‌ଇ) ବିଭାଗର ମୁଖ୍ୟ ପ୍ରଫେସର (ଡକ୍ଟର) ଦେବାହୁତି ମିଶ୍ର ଯୋଗ ଦେଇଥିଲେ। ସେହିପରି ସୋଡେକ୍ସୋ କମ୍ପାନୀର ନିର୍ଦ୍ଦେଶକ ଶ୍ରୀ ମନ୍‌ଜିତ୍ ସିଂ ଅହଲାୱାତ ଯୋଗଦେଇ କହିଥିଲେ ଯେ ଏଠାକାର ଉତ୍ତମ ପରିବେଶରେ ଖାଦ୍ୟ ପ୍ରସ୍ତୁତ କରିବା ତାଙ୍କୁ ଅତ୍ୟନ୍ତ ଆନନ୍ଦଦାୟକ ଲାଗୁଛି। ଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟକର, ସୁସ୍ୱାଦୁ ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯିବ ବୋଲି ଶ୍ରୀ ଅହଲାୱାତ କହିଥିଲେ। ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯିବା ସହିତ ଏଠାରେ ଇଣ୍ଡିଆନ୍ ଓ ଚାଇନିଜ ପରି ବିଭିନ୍ନ ପ୍ରକାର ଖାଦ୍ୟ ପରିବେଷଣ କରାଯିବ ବୋଲି ସେ କହିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ଆଇଟିଇଆରର ଟ୍ରିପଲ୍ ଇ' ର ଆସୋସିଏଟ୍ ପ୍ରଫେସର ଡକ୍ଟର ରଞ୍ଜନ କୁମାର ମଲ୍ଲିକ୍ ଏବଂ ସୋଡେକ୍ସୋ କମ୍ପାନୀ ପକ୍ଷରୁ ଶ୍ରୀ ଯୁବରାଜ ଆୱେଟ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଏଫଏକ୍ୟୁ ନହେବା ଯୋଗୁଁ ଉଠିଲାନି ଧାନ

## ନୟାଗଡ଼ରେ ବାଚସ୍ପତିଙ୍କ ଦ୍ୱାରା ଧାନମଣ୍ଡି ଉଦଘାଟନ



**ନୟାଗଡ଼,୮।୧(ସଂଚାର ବ୍ୟୁରୋ):** ଧାନ ସଂଗ୍ରହ ପାଇଁ ନୟାଗଡ ଜିଲ୍ଲାପ୍ରଶାସନ ପକ୍ଷରୁ ଆଜି ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି। ଜିଲ୍ଲା ଯୋଗାଣ ବିଭାଗ ତରଫରୁ ବାହାଡାଝୋଲା ନିୟନ୍ତ୍ରିତ ବଜାର କମିଟି ପରିସରରେ ବାଚସ୍ପତି ସୁରମା ପାଢୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ମହାନ୍ତି, ବଜାର କମିଟିର ସମ୍ପାଦକଙ୍କ ସମେତ ମିଲର ଏବଂ ଚାଷୀ ଯୋଗଦେଇଥିଲେ। ଆଜିଠାରୁ ଜିଲ୍ଲାରେ ଥିବା ୧୫୩ଟି ସେବା ସମବାୟ ସମିତିର ୧୬୮ଟି ଧାନ ସଂଗ୍ରହ କେନ୍ଦ୍ରରେ ପଞ୍ଜିକୃତ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଚଳିତବର୍ଷ ଜିଲ୍ଲାରେ ୫୩ ହଜାର ୮୩୯ ଜଣ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କ ନାମ ପଞ୍ଜିକୃତ କରିଛନ୍ତି। ପ୍ରଥମ ପରର୍ଯ୍ୟାୟରେ ଜିଲ୍ଲାରେ ୧୨ଲକ୍ଷ ୯୦ହଜାର ୨୯୪ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରିବାକୁ ଟାର୍ଗେଟ୍ ମିଳିଛି। ଏଥିପାଇଁ ୧୫ଜଣ ମିଲର୍‌ଙ୍କ ସହିତ ଚୁକ୍ତିନାମା ହୋଇଥିବା ଜିଲ୍ଲା ଯୋଗାଣ ଅଧିକାରୀ କହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଚଳିତବର୍ଷ ଚାଷୀ ନିଜର ଉତ୍ପାଦିତ ସମସ୍ତ ଧାନକୁ ମଣ୍ଡିରେ ବିକ୍ରୟ କରିପାରିବେ। ଚାଷୀଭାଇମାନେ କଳା ବେପାରୀ ମାନଙ୍କ କଥାରେ ନପଡି ଏଫ୍.ଏ.କ୍ୟୁ ମାନର ଧାନ ସମବାୟ ସମିତିକୁ ଦେଇ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ୩୧୦୦ଟଙ୍କା ନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଅଦିନିଆ ବର୍ଷାରେ ବହୁ ଧାନ ନଷ୍ଟ ହୋଇଯାଇଥିବାରୁ ଚାଷୀ ଧାନକୁ ଶୁଖାଇ ମଣ୍ଡିକୁ ଆଣିବାକୁ ସମୟ ଦରକାର ଥିବାରୁ ସରକାର ଜିଲ୍ଲାରେ ମଣ୍ଡି ଖୋଲିବାରେ ବିଳମ୍ବ କରିଥିଲେ ବୋଲି ବାଚସ୍ପତି କହିଛନ୍ତି। ଚାଷୀମାନେ ଏଫ୍.ଏ.କ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ବାଚସ୍ପତି ଅନୁରୋଧ କରିଛନ୍ତି। ଏହାସହିତ ମିଲରମାନେ ତୁରନ୍ତ ଚାଷୀଙ୍କ ଧାନ ଉଠାଇବାକୁ ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଛନ୍ତି। ତେବେ ଆଜି ଧାନ ମଣ୍ଡି ଉଦଘାଟନ ହୋଇ ଥିଲେ ମଧ୍ୟ ଚାଷୀ ଧାନ ବିକ୍ରି କରିପାରିନଥିବା ଜଣାପଡିଛି। ମହିଳା ଚାଷୀ ନିରାଶ ହୋଇଥିବା ଜଣାପଡିଛି। ନବଘନପୁର ଅଞ୍ଚଳ ମହିଳା ଚାଷୀ କସ୍ତୁରିକା ବେହେରା ଶୁଖିଲା ଧାନ ନେଇ ମଣ୍ଡିକୁ ଯାଇଥିଲେ। ତେବେ ଉଦଘାଟନ ପରେ ଧାନ ବିକ୍ରୟ ପାଇଁ ଧାନର ମାନ ପରୀକ୍ଷଣ କରାଯାଇଥିଲା। ତେବେ ଏଫ୍.ଏ.କ୍ୟୁ ମାନର ଧାନହୋଇନଥିବା ଯୋଗୁଁ ମଣ୍ଡିରେ ଧାନ ପଡ଼ି ରହିଛି ଆସନ୍ତାକାଲି ଧାନ କ୍ଲିନ କଲା ପରେ ଧାନ ଏଫ୍.ଏ.କ୍ୟୁ ମାନର ହେବ କି ନାହିଁ ଏବଂ ଧାନ ସରକାର କିଣିବେ କି ନାହିଁ ସ୍ଥିର କରାଯିବ ବୋଲି ଜଣାପଡିଛି। ତେବେ ସରକାରୀ ସ୍ତରରେ ଏହି ଧାନ ମଣ୍ଡି ଉଦଘାଟନ କରାଯାଉଥିବା ବେଳେ ସରକାରୀ ଲୋଗୋ ଲାଗିଥିବା ଏବଂ ଭାରତୀୟ ଜନତା ପାର୍ଟିର ଦଳୀୟ ଚିହ୍ନରେ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯିବା ସହ ଜିଲ୍ଲାପାଳ ଦଳୀୟ ପ୍ରିତିରୁ ନିବୃତ ରହିବା ପାଇଁ ଦାବି କରାଯାଇଛି।

- ପ୍ରଥମ ଦିନରୁ ବିଭ୍ରାଟ
- ମଣ୍ଡିରେ ରହିଲା ମହିଳା ଚାଷୀଙ୍କ ଧାନ
- ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ବ୍ୟାନର

● ବିବାହିତା ମହିଳାଙ୍କୁ ବଳାତ୍କାର ମାମଲାରେ

## ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଜୋରିମାନା

**ବାରିପଦା,୮।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ଗୋରୁମହିଷାଣୀ ଥାନା ଅଞ୍ଚଳରେ ଘଟିଥିବା ଜୋନୈକ ବିବାହିତା ମହିଳାଙ୍କୁ ବଳାତ୍କାର ମାମଲାର ବିଚାର କରି ରାଇରଙ୍ଗପୁର କୋର୍ଟରେ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ଅନାଦେୟ ୧ ବର୍ଷ କାରାଦଣ୍ଡ ଶୁଣାଣି ହୋଇଛି। ସୂଚନାଯୋଗ୍ୟ ଜାରକାଣି ଗ୍ରାମର ମହେନ୍ଦ୍ର ନାଏକ(୪୬) ଜନୈକ ବିବାହିତା ମହିଳା(୪୦) (ତାଙ୍କ ସ୍ୱାମୀ ତାମିଲନାଡୁରେ କାମ କରନ୍ତି) ଘରେ ଏକୁଟିଆ ରହୁଥିବା ସୁଯୋଗ ନେଇ ୨୮/୦୯/୨୦୨୩ ତାରିଖ ରାତିରେ ଘରେ ପଶି ଧମକ ଦେଇ ବଳାତ୍କାର କରିଥିଲେ। ଏହାକୁ ନେଇ ପିଡିତା ତା' ପରଦିନ ମହେନ୍ଦ୍ରଙ୍କ ପତ୍ନୀକୁ ସବିଶେଷ ଘଟଣା ବିଷୟରେ ଜଣାଇଥିଲେ। କିନ୍ତୁ କିଛି ଫଳ ହେଲା ନାହିଁ ।ତା' ପରଦିନ ପୁଣି ଥରେ ଘରେ ପଶି ବଳାତ୍କାର କରିଥିବା ନେଇ ପଡିତା ୧/୧୦/୨୩ ତାରିଖରେ ଗୋରୁମହିଷାଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ପୋଲିସ ଘଟଣାକୁ ନେଇ ଏକ କେଶ୍ ମାମଲା ୮୯/୨୩ ରୁଜୁ କରି ଆସାମି ମହେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ରାଇରଙ୍ଗପୁର କୋର୍ଟର ଏଡିଜେ ଡଃ ଭି ସୁଜାତା ପୋଲିସ ରିପୋର୍ଟ,୧୪ ଜଣ ସାକ୍ଷୀଙ୍କ ବୟାନ ଏବଂ ପାରିପାର୍ଶ୍ୱିକ ଘଟଣାକୁ ନେଇ ଅଭିଯୁକ୍ତ ମହେନ୍ଦ୍ର ନାଏକ ଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ଏବଂ ଅନାଦେୟ ୧ ଓ୍ୱର୍ଷ କାରାଦଣ୍ଡ ଶୁଣାଣି କରିଛନ୍ତିୟ। ସରକାରୀ ଏପିପି ପଙ୍କଜ ଦାସ ପରିଚାଳନା ରେ ସହଯୋଗ କରିଥିଲେ।

## ଜନ ରାଜ୍ୟ ଦିବସ ପାଳନର ପ୍ରସ୍ତୁତି ବୈଠକ




**ନୀଳଗିରି,୮।୧(ସଂଚାର ବ୍ୟୁରୋ):** ନୀଳଗିରି ସଦର ମହକୁମାରେ ଆସନ୍ତା ଜାନୁଆରି ୨୬ ରିଖରେ ୭୬ ତମ ଜନ ରାଜ୍ୟ ଦିବସ ପାଳନ ନିମନ୍ତେ ବୁଧବାର ପୂର୍ବାହ୍ନ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉପ-ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏସ.ଡି.ପି.ଓ ସରୋଜ କୁମାର ଉପାଧ୍ୟାୟ, ତହସିଲଦାର ତଥା ଏନ.ଏ.ସି ନିର୍ବାହି ଅଧିକାରି ସୋନମ ଦାସ, ଏନ.ଏ.ସି କାର୍ଯ୍ୟନିର୍ବାହି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା ପ୍ରମୁଖ ମଞ୍ଚାସିନ ରହି ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସହରର ମାନ୍ୟ ଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବି, ସମାଜସେବୀ, ବିଭିନ୍ନ ବିଭାଗୀୟ ପଦାଧିକାରି, ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା ସମେତ ଗଣମାଧ୍ୟମର ପ୍ରତିନିଧି ଗଣ ସାମିଲ ହୋଇଥିଲେ। ଉପ-ଜିଲ୍ଲାପାଳ ଶ୍ରୀମତୀ ରଥ ଜାତୀୟ ଦିବସ ପାଳନ ପରୀପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ଆଲୋଚନା ଏବଂ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାଙ୍କ ପରାମର୍ଶକ୍ରମେ କାର୍ଯ୍ୟକାରି କରାଯିବା ପାଇଁ ସ୍ଥିର କରାଯାଇଥିଲା। ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ପ୍ରତ୍ୟୁଷ ୪ଘଟିକା ସମୟରେ ଡ଼ାକବାଜି ଯନ୍ତ୍ର ଯୋଗେ ରାମଧୁନ ପ୍ରଚାର କରାଯିବ। ଏହି ଦିବସ ପାଳନ ଅବସରରେ ପିଲା ମାନଙ୍କ ମଧ୍ୟରେ ୪ ଗୋଟି ସ୍ତରରେ ପ୍ରାଥମିକ, ଉଚ୍ଚ ପ୍ରଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, କୁଇଜ୍, ଦେଶାତ୍ମକ ବୋଧ ସଙ୍ଗୀତ, ତର୍କ, ବକ୍ତୃତା ସହିତ ଚିତ୍ରାଙ୍କନ ମଧ୍ୟ ସାମିଲ କରାଯାଇଛି।

## ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୬୭ତମ ବାର୍ଷିକ ଉତ୍ସବ



**ବାଲିଅନ୍ତା,୮।୧(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପଶାସନ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୬୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଟାଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା ସଭାପତିତ୍ୱ କରିଥିଲେ। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ସନ୍ତୋଷ ମହାନ୍ତି, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲ୍ଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ସ୍ଥାନୀୟ ସରପଞ୍ଚ ରୀନାରାଣୀ ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି, ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ କୁମାର ମୁଦୁଲି, ଆଲୁମିନି କମିଟି ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆଲୁମିନି ସଭାପତି ପ୍ରଶାନ୍ତ କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## କେବେ ଦୂର ହେବ ଡୁଡୁସାପାଲ୍ଲାବାସୀଙ୍କ ସମସ୍ୟା ?

### ଶୁଖିବାରେ ଲାଗିଛି କୂପ ଓ ନାଳ, ଚିନ୍ତାରେ ଲୋକେ



**ବୋରିଗୁମ୍ମା,୮।୧(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ପଞ୍ଚାୟତର ଡୁଡୁସା ପାଲ୍ଲା ଗ୍ରାମରେ ବର୍ଷ ବର୍ଷ ଧରି ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ ଏନେଇ ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତ ଙ୍କୁ ବାରମ୍ବାର ଗୁହାରି କରିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଲୋକଙ୍କ ସମସ୍ୟା ବୁଝିବାରେ ପ୍ରଶାସନ ଫେଲ ମାରିଛି। ନିର୍ବାଚନ ସମୟ ରେ ନେତା ପ୍ରତିଶୃତି ଦେଇ ପରବର୍ତ୍ତି ସମୟ ରେ ଭୁଲି ଯାଇଛନ୍ତି। ବର୍ଷ ବର୍ଷ ଧରି ଗ୍ରାମବାସୀ ଙ୍କ ଦୁଃଖ ବୁଝିବା ପାଇଁ ସରକାରୀ କର୍ମଚାରୀଙ୍କ ଅବହେଳିତ କାରଣରୁ ଲୋକେ ପାଣି ନପାଇ ନାହିଁ ନଥିବା ହଇରାଣ ହେଉଛନ୍ତି ।ଏହି ଗ୍ରାମରେ ୩୦୦ ରୁ ଉଧ୍ୱ ପରିବାର ବସବାସ କରୁଛନ୍ତି ।ଏହି ଗ୍ରାମରେ ବସୁଧା ଯୋଜନା ସାତସପନ, ଦୁଇଟି ମାତ୍ର ନଳକୂପ ହିଁ ସେମାନଙ୍କ ସାହା ଭରସା ରହିଛି, ତାହାମଧ୍ୟ ବର୍ତ୍ତମାନ ଅଚଳ ଅବସ୍ଥାରେ। ଘଣ୍ଟାଏରେ ଗୋଟିଏ ହାଣ୍ଡି ପାଣି ବାହାରିବା ପରେ ପାଣି ବାହାରିବା ବନ୍ଦ ହୋଇଯାଉଛି। ଏଥିପାଇଁ ଗ୍ରାମବାସୀ ୨ କିଲୋମିଟର ଦୂରରେ ଥିବା ନାଳ ପାର୍ଶ୍ୱ ଚୁଆ ଉପରେ ନିର୍ଭର କରି ଆସୁଛନ୍ତି। ତାହାମଧ୍ୟ ସନ୍ଧ୍ୟା ସମୟ ରୁ ଚୁଆ ଖୋଳି ରାତିସାରା ପାଣି ଝରି ହାଣ୍ଡି ପାଣି ବାହାରୁଛି ।ସକାଳ ହେଲେ ନାଳ ନିକଟରେ ଲାଗିଥାଏ ଲମ୍ବା ଲାଇନ। ଆଗକୁ ଖରା ଦିନ ଆସୁଥିବା ବେଳେ ଶୀତ ଦିନରୁ କୂପ ମଧ୍ୟରୁ ଜଳସ୍ତର କମିବାରେ ଲାଗିଛି।ଏପରି ସ୍ଥିତିରେ ଗ୍ରାମବାସୀ ପାଣି ସମସ୍ୟା ଉପରେ ବାରମ୍ବାର ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଇଥିବା ଗ୍ରାମବାସୀ କହିଛନ୍ତି। କିନ୍ତୁ ପଞ୍ଚାୟତ ଅଧିକାରୀ ପ୍ରାୟ ଦିନ ଅନୁପସ୍ଥିତ ରହୁ ଥିବାରୁ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ ପତ୍ର ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ପଞ୍ଚାୟତରେ ମାଳ ମାଳ ସମସ୍ୟା ରହିଥିବା ବେଳେ ଏଠାରେ ବିକାଶ ଶୂନ ଏବେ ନୂତନ ସରକାରଙ୍କ ଉପରେ ନଜର। ଆଗାମୀ ଦିନରେ ଗ୍ରାମବସୀ କେତେ ଶୀଘ୍ର ପାଣି ସୁବିଧାରେ ପାଉଛନ୍ତି ତାକୁନେଇ ସ୍ଥାନୀୟ ଅଞ୍ଚଳ ବାସୀ ଆଶା ରଖିଛନ୍ତି।

● ଟ୍ରାଫିକ୍ ଉଲ୍ଲଙ୍ଘନ କରୁଛି ଟ୍ରାଫିକ୍ ଥାନା !

## ରାସ୍ତା ଉପରେ ଜବତ ଗାଡ଼ି , ସୃଷ୍ଟି ହେଉଛି ଟ୍ରାଫିକ୍ ସମସ୍ୟା




**ବ୍ରହ୍ମପୁର,୮।୧(ସଂଚାର ବ୍ୟୁରୋ):** ସହରର ପୁରୁଣା ବସଷ୍ଟାଣ୍ଡ ଠାରେ ରହିଛି ଟ୍ରାଫିକ୍ ଥାନା। ପ୍ରମୁଖ ଛକ ଉପରେ ଏହି ଥାନା କୋଠା ରହିଥିବା ବେଳେ ଚାରି ପାଖରେ ଜବତ୍ ଗାଡି ଗୁଡିକ ବର୍ଷ ବର୍ଷ ଧରି ପଡିରହିଛି। କହିବାକୁ ଗଲେ ଶହ ଶହ ପୁରୁଣା ଗାଡ଼ି ଗୁଡିକ ଖତ ଖାଇବାକୁ ବସିଲାଣି। ଦୀର୍ଘ ବର୍ଷ ଧରି ଗାଡ଼ି ଗୁଡ଼ିକ ପଡ଼ି ରହିଥିବା ଯୋଗୁଁ ବର୍ଷା ଖରାରେ ଧିରେ ଧିରେ ନଷ୍ଟ ହେବାକୁ ବସିଲାଣି। ବହୁ ମୂଲ୍ୟବାନ ଗାଡ଼ି ଗୁଡ଼ିକ ମଧ୍ୟରୁ କିଛି ଗାଡ଼ି ମାମଲାରେ ଜଡ଼ିତ ରହିଛି ତ ଆଉ କିଛି ଗାଡ଼ିର କେହି ଦାବିଦାର ନାହାନ୍ତି। ଥାନା ପରିସରରେ ଜବତ କରାଯାଇଥିବା ଗାଡ଼ି ଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ। ଟ୍ରାଫିକ ଥାନାରେ ଜବତ ଗାଡ଼ିକୁ ରଖିବା ନିମନ୍ତେ କୌଣସି ସ୍ଥାନ ନଥିବା ଯୋଗୁଁ ରାସ୍ତା ଉପରେ ପଡ଼ିରହିଛି ବହୁ ସଂଖ୍ୟାରେ ଗାଡି। ଯାହାଫଳରେ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ତେଣୁ ଯେଉଁ ଗାଡ଼ି ଗୁଡ଼ିକ କୌଣସି ମାମଲାରେ ଜଡ଼ିତ ନାହିଁ ସେଗୁଡ଼ିକୁ ତୁରନ୍ତ ନିଲାମ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଦୀର୍ଘ ମାସ ଧରି ଥାନା ପରିସରରେ ଗାଡ଼ି ପଡ଼ିରହିବା ଯୋଗୁଁ ଥାନା ଭିତରୁ ଗାଡ଼ିର ଯନ୍ତ୍ରାଂଶ ମଧ୍ୟ ଚୋରି ହୋଇଥିବା ନଜର ରହିଛି। ଦୁର୍ଘଟଣା ହେଉ ଅଥବା ଚୋରି, ଡ଼କାୟତି, ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ମାନଙ୍କ ସହ ଗାଡ଼ିକୁ ମଧ୍ୟ ଜବତ କରିଥାଏ ପୁଲିସ। ଆଉ ସେହି ଗାଡ଼ି ଗୁଡ଼ିକୁ ଥାନା ପରିସରରେ ରଖାଯାଇଥାଏ। କିନ୍ତୁ ବର୍ଷ ବର୍ଷ ଧରି ଏହି ଗାଡ଼ି ଗୁଡ଼ିକ ଥାନା ପରିସରରେ ରଖାଯାଇଛି କିନ୍ତୁ ତାହାକୁ ନିଲାମ କରାଯାଉନାହିଁ। ଯାହାଫଳରେ ଖତ ଖାଉଛି ମୂଲ୍ୟବାନ ଗାଡ଼ି। କେବଳ ଟ୍ରାଫିକ୍ ଥାନା ନୁହେଁ ବରଂ ବ୍ରହ୍ମପୁର ପୁଲିସ ଜିଲାର ବିଭିନ୍ନ ଥାନା ପରିସରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ବିଶେଷ କରି ଟ୍ରାଫିକ ଥାନା ପରିସ୍ଥିତି ଉତ୍କଟ ହେଲାଣି। ଗାଡ଼ି ରଖିବା ପାଇଁ ଆଉ ଜାଗା ବି ନାହିଁ। ଶହ ଶହ ଗାଡ଼ି ଗୁଡ଼ିକ ରାସ୍ତା ପାର୍ଶ୍ୱରେ ହିଁ ରହିଛି। ଯାହାଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ସହରବାସୀ। କେବଳ ଟ୍ରାଫିକ ଥାନା ନୁହଁ, ଅନ୍ୟ ଥାନା ଗୁଡିକରେ ମଧ୍ୟ ସମାନ ପରିସ୍ଥିତି। ବିଭିନ୍ନ ମାମଲାରେ ଗାଡ଼ି ଜବତ ହେବା ପରେ କେଉଁ ମାମଲାରେ ଜଡ଼ିତ କେଉଁ ଗାଡ଼ି ତାହାକୁ କୋର୍ଟକୁ ଅବଗତ କରିଥାଏ ପୋଲିସ।

## ଗୋଚର ଜମିରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ କଟା



**କୁଜଙ୍ଗ,୮।୧(ସଂଚାର ବ୍ୟୁରୋ):** କୁଜଙ୍ଗ ତହସିଲ ଅନ୍ତର୍ଗତ ମହ୍ଲାସାହି ଗ୍ରାମରେ ଥିବା ଗୋଚର ଜମି ରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ ବେଆଇନ୍ ଭାବେ କଟା ଯାଉଥିବା ଦେଖିବାକୁ ମିଳିଛି। ଏହାକୁ ସାଧାରଣରେ ନାପସନ୍ଦ କରିବା ସହ ସ୍ଥାନୀୟ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।ତେବେ ସରକାରୀ ସମ୍ପତିରୁ ଏହି ମୂଲ୍ୟବାନ ଗଛ କିଏ ଓ କେଉଁ ଉଦ୍ଦେଶ୍ୟରେ କାଟୁଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ କୁଜଙ୍ଗ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ଫଳରେ ତାଳଦଣ୍ଡା ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ବେଆଇନ୍ ଗଛ କଟାକୁ ବନ୍ଦ କରିବା ସହ ଗଛ କ୍ରୟ କରୁଥିବା ବ୍ୟବସାୟୀ ଙ୍କୁ ତାଗିଦ୍ କରିଛନ୍ତ। ସୂଚନା ଅନୁସାରେ, ମହ୍ଲାସାହି ଗ୍ରାମରେ ବିପୁଳ ପରିମାଣରେ ସରକାରୀ ସମ୍ପତି ଯଥା, ଗୋଚର, ଅନାବାଦୀ, ସଂରକ୍ଷିତ ଜମି ରହିଛି।ତେବେ କିଛି ପ୍ରଭାବଶାଳୀ ବ୍ୟକ୍ତି ମାନେ ଏହି ଜମିକୁ ନିଜ ଅକ୍ତିଆର ରେ ରଖିଛନ୍ତି।ଏହାକୁ ନେଇ ବିଗତ ଦିନରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ମାନ୍ୟବର ଉଚ୍ଚ ନ୍ୟାୟାଳୟ ରେ ଦାୟର କରାଯାଇଥିଲା।ଉଚ୍ଚ ନ୍ୟାୟାଳୟ ଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ତହସିଲ ପ୍ରଶାସନ ସରକାରୀ ସମ୍ପତି କୁ ଜବରଦଖଲ କରି ଥିବା ଜବରଦଖଲକାରୀ ମାନଙ୍କୁ ଉଚ୍ଛେଦ କରିଥିଲେ। ତେବେ ସମୟ ଅଭାବରୁ କିଛି ଜମିରୁ ଜବରଦଖଲ ଉଚ୍ଛେଦ ହେବା ସମ୍ଭବ ହୋଇ ପାରିନଥିଲା। ତେବେ ଉକ୍ତ ସରକାରୀ ସମ୍ପତିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ ରହିଛି।ଏହି ଜମିକୁ କିଛି ଲୋକ ନିଜ ଅକ୍ତିଆର ରେ ରଖିଛନ୍ତି।ଫଳରେ ଏହାର ସୁଯୋଗ ନେଇ କିଛି ବ୍ୟକ୍ତି ଉକ୍ତ ଜମିରୁ ମୂଲ୍ୟବାନ ଗଛ ବେଆଇନ୍ ଭାବେ ଆଜି କାଟୁଥିବା ଦେଖିବାକୁ ମିଳିଥିଲା।ତେବେ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିବା ସହ ସ୍ଥାନୀୟ ତହସିଲଦାର ସୁରୂପା ନନ୍ଦନ ବେହେରା ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ତୁରନ୍ତ ତହସିଲଦାର ଶ୍ରୀ ବେହେରା ଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବିଜୟଲକ୍ଷ୍ମୀ ସାହୁ ଘଟଣା ସ୍ଥଳରେ ପହଞ୍ଚି ବେଆଇନ୍ ଭାବେ କଟା ଯାଉଥିବା ଗଛ କୁ ବନ୍ଦ ରଖିବାକୁ ତାଗିତ କରି ଫେରିଥିବା ଜଣାପଡିଛି।

## ଅଗ୍ନିକାଣ୍ଡରେ ଧାନଗଦାରେ ଛାରଖାର



**ଛତ୍ରପୁର,୮।୧(ସଂଚାର ବ୍ୟୁରୋ):** ଅଦିନିଆ ବର୍ଷାରେ ଚାଷୀର ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ପୁଣି ଧାନଗଦାରେ ନିଆଁ ଲାଗି ଚାଷୀ ସର୍ବସ୍ୱାନ୍ତ ହୋଇପଡ଼ିଛି। ଏପରି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମରେ। ବୁଧବାର ଅପରାହ୍ନରେ ହଠାତ୍ ଧାନଗଦାରେ ନିଆଁ ଲାଗିଥିବା ଚାଷୀମାନେ ଦେଖିବା ଫଳରେ ସଙ୍ଗେ ସଙ୍ଗେ ଛତ୍ରପୁର ଫାୟାର ଷ୍ଟେଶନକୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ଧାନଗଦାରେ ଲାଗିଥିବା ନିଆଁ ଲିଭାଇବା ସହିତ ଅନ୍ୟାନ୍ୟ ଧାନଗଦାରେ ଲାଗିବା ପୂର୍ବରୁ ନିଆଁକୁ ଆୟତ କରିଥିଲେ। କିଛି ଧାନ ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ଆଉ କିଛି ଚାଷୀଙ୍କ ଧାନଗଦା ରକ୍ଷା ପାଇଯାଇଛି।

## ଜଳିଗଲା ଗୁହାଳ, ୩ ଗାଈ ଜୀବନ୍ତ ଦଗ୍ଧ

**ଦିଗପହଣ୍ଡି,୮।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୌଡ଼ଗାଁ ବଡ଼ସାହିରେ ଅଗ୍ନିକାଣ୍ଡ ଘଟି ସନ୍ତୋଷ ସାହୁ, ସଦାନନ୍ଦ ସାହୁ ଏବଂ କାଲୁ ସାହୁଙ୍କ ଗାଈ ଗୁହାଳ ସମ୍ପୂର୍ଣ୍ଣ ଜଳିଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ସନ୍ତୋଷଙ୍କ ୩ଟି ଗାଈ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବୁଧବାର ସକାଳେ ରାଜସ୍ୱ ବିଭାଗ କ୍ଷେତ୍ର ଅଧିକାରୀ ବୃନ୍ଦ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରି ଦିଗପହଣ୍ଡି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡିଛି। ଚାଷୀ ପ୍ରକାଶଙ୍କ ଦୁଧିଆଳି ଗାଈ ମୃତ୍ୟୁବରଣ କରିଥିବାରୁ ସେ ମ୍ରିୟମାଣ ହୋଇ ପଡ଼ିଛନ୍ତି। ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ପବ୍‌ଜି ଗେମ୍ ସେଣ୍ଟର ପାଲଟିଛି ମିନିପାର୍କ



**ହିଞ୍ଜିଳିକାଟୁ,୮।୧(ସଂଚାର ବ୍ୟୁରୋ):** ତାସ୍ ଖେଳିବାକୁ ଇଚ୍ଛା ହେଉନି । ଲୁଡୁ ଖେଳରେ ମନ ଲାଗୁନି । ଆଉ ଦୌଡା-ଦୌଡି, କବାଡି, ଚୋର ପୁଲିସ୍ ଖେଳ ଖେଳିଲେ ଲାଜ ଲାଗୁଛି । ସେଥିପାଇଁ ମୋବାଇଲ୍ ଧରି ବସି ପଡୁଛନ୍ତି ଏବେ ଯୁବଗୋଷ୍ଠୀ। 'ପବ୍-ଜି' ଗେମ୍‌ରେ ମାତୁଛନ୍ତି । ଏହି ଖେଳ ପାଇଁ ତ ଅଧିକାଂଶ ଯୁବକ ଦାମୀ ମୋବାଇଲ୍ କିଣୁଥିବା ଜଣାପଡିଛି । ତେବେ ହିଞ୍ଜିଳିକାଟୁ ସହରରେ ଥିବା ପ୍ରାୟ ୧୫ ରୁ ଉର୍ଦ୍ଧ କୋଚିଂ ସେଣ୍ଟରକୁ ଉକ୍ତ ସହର ସମେତ ଏହାର ଆଖପାଖର ଛାତ୍ରଛାତ୍ରୀ କୋଚିଂ ପାଇଁ ଆସୁଛନ୍ତି। ପ୍ରାୟ ୨୦୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ କୋଚିଂ ପାଇଁ ଆସୁଥିବା ବେଳେ ପ୍ରାୟ କେତେ ଛାତ୍ର ମାନେ କୋଚିଂ ନ ଯାଇକି ବସଷ୍ଟାଣ୍ଡ ସମେତ ପାର୍କ , କଲେଜ ପଡିଆ, ମିନି ଷ୍ଟାଡିୟମରେ ବସିକି ଆଡ୍ଡା ଜମାଇ ମୋବାଇଲ ଖେଳରେ ମାତୁଥିବାର ନେଇ ନଜିର ରହିଛି । କୋଚିଂ ସେଣ୍ଟରର ସମୟ ସକାଳ ୭ ଘଣ୍ଟରେ କୋଚିଂ ଥିବା ବେଳେ କେତେ ଛାତ୍ର ୧ ଘଣ୍ଟା ଆଗରୁ ଆସି ମିନି ପାର୍କରେ ଅଡ୍ଡା ଜମାଇ ଦିଅନ୍ତି । କୋମଳମତି ନାବାଳକମାନେ ଏବେ ପାଠ ଛାଡ଼ି ଏକଲୟରେ ମୋବାଇଲ ମାଧ୍ୟମରେ ପବଜି ଓ ଫ୍ରି- ଫାୟାର ନାମକ ୨ଟି ଗେମକୁ ଅଧିକ ମାତ୍ରାରେ ଖେଳୁଥିବା ଦେଖିବାକୁ ମିଳିଛି।

● ଭାରତର ପ୍ରଥମ ଅନ୍ତର୍ଜାତୀୟ କଂକ୍ରିଟ୍ ଭେଲୋଡ୍ରୋମ୍

## କିଟ୍‌ରେ ମିନତି ମହାପାତ୍ର ସାଇକଲ ଭେଲୋଡ୍ରୋମ୍ ଉଦ୍‌ଘାଟିତ





**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** କିଟ୍ ରେ ଭାରତର ପ୍ରଥମ ଅନ୍ତର୍ଜାତୀୟସ୍ତରର ସାଇକ୍ଲିଂ ଭେଲୋଡ୍ରୋମ୍ ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଯାଇଛି। ଭାରତର ପ୍ରଥମ ମହିଳା ସାଇକ୍ଲିଷ୍ଟ, ସାଇକ୍ଲିଂରେ ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା ସ୍ୱନାମଧନ୍ୟ ସାଇକ୍ଲିଷ୍ଟ ମିନତି ମହାପାତ୍ରଙ୍କ ନାମରେ ଏହି ଭେଲୋଡ୍ରୋମ ନାମିତ କରାଯାଇଛି। ୨୫୦ ମିଟର ବିଶିଷ୍ଟ ଏହି କଂକ୍ରିଟ୍ ଭେଲୋଡ୍ରୋମ ଭାରତର ପ୍ରଥମ ଅନ୍ତର୍ଜାତୀୟ ଭେଲୋଡ୍ରୋମ୍ ବୋଲି କୁହାଯାଉଛି। ଭେଲୋଡ୍ରୋମ୍‌କୁ ଉଦ୍‌ଘାଟନ କରି କେନ୍ଦ୍ର ମନ୍ତ୍ରୀ ଡ. ମାଣ୍ଡବ୍ୟ କହିଲେ, ମୁଁ କିଟ୍ ଓ କିସ୍ ପରିଦର୍ଶନ କରିବା ପରେ ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହୋଇଥିବା ଦେଖିବାକୁ ପାଉଛି। ଚାଣକ୍ୟଙ୍କ ଉକ୍ତିର ଉଦାହରଣ ଦେଇ ସେ ଦେଶର ଭବିଷ୍ୟତ ଗଠନରେ ଶିକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ହେଉଛନ୍ତି ଏ ଦେଶର ଭବିଷ୍ୟତ। ଦେଶର ଏହି ଭବିଷ୍ୟତମାନଙ୍କୁ ଗଢ଼ିବାରେ ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ଦକ୍ଷ ଓ ନିଷ୍ଠାପର ଶିକ୍ଷାବିତ୍‌ଙ୍କ କାର୍ଯ୍ୟଧାରାରେ ଆନନ୍ଦିତ ବୋଲି ସେ କହିଥିଲେ। ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ ଧ୍ୟାନ ଦେଉଛନ୍ତି। ସେମାନଙ୍କୁ ଦେଶର ଜଣେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଏଠାରେ ଗଢ଼ି ତୋଳାଯାଉଛି। ମୁଁ ଯେଉଁଠିକୁ ବି ଯିବି ସେଠାରେ କିସ୍ ରେ ଯେଉଁ ସବୁ କାର୍ଯ୍ୟଧାରା ଚାଲୁରହିଛି ଓ କିସ୍‌ର ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଜ୍ଞାନ ସମ୍ପର୍କରେ ନିଶ୍ଚିତ ଭାବେ କହିବି। ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍ ସବୁବେଳେ ଶିକ୍ଷା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। ଏଠାରେ ଗୋଟିଏ ସ୍ଥାନରେ ଥିବା କ୍ରୀଡ଼ା ଭିତ୍ତିଭୂମି ଦେଶର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନଥାଏ।

## ସୂର୍ଯ୍ୟମନ୍ଦିର କଳାକୃତି ଦେଖି ଆତ୍ମବିଭୋର ପ୍ରବାସୀ



**କୋଣାର୍କ,୮।୧(ସଂଚାର ବ୍ୟୁରୋ):** ବୁଧବାର ଦିନତମାମ ପ୍ରବାସୀ ଭାରତୀୟ ସୂର୍ଯ୍ୟମନ୍ଦିର ପରିଭ୍ରମଣରେ ଆସି ବିଶ୍ୱ ଐତିହ୍ୟ ପ୍ରାଚୀନ କୀର୍ତୀରାଜି ବିଶ୍ୱ ସମୁଦାୟର ସ୍ମାରକୀ କୋଣାର୍କ ସୂର୍ଯ୍ୟ ମନ୍ଦିରର କଳାକୃତି ବୁଲି ଦେଖିବା ସହିତ ଆତ୍ମା ବିଭୋର ହୋଇଥିବା ଦେଖିବାକୁ ମିଳିଛି। ଓଡ଼ିଶାର ଜନତା ମଇଦାନରେ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସହାୟତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ଏହି ସମାବେଶରେ ବିଶ୍ୱର ବିଭିନ୍ନ ଦେଶରୁ ପ୍ରବାସୀ ମାନେ ଯୋଗଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସମାବେଶ ଆୟୋଜନ ହେବା ଦ୍ୱାରା ଓଡିଶାରେ ନୂତନ ଶିଳ୍ପ ପ୍ରତିଷ୍ଠା, ଶିଳ୍ପର ଦୃତ ଅଭିବୃଦ୍ଧି, କର୍ମ ସଂସ୍ଥାନ ସୃଷ୍ଟି ସହିତ ଯୁବକ ମାନଙ୍କୁ ଆତ୍ମ ନିଯୁକ୍ତି ପ୍ରଦାନ ଉଦ୍ଦେଶ୍ୟରେ ଏହି ପ୍ରବାସୀ ଭାରତୀୟ ସମାବେଶ ଅନୁଷ୍ଠିତ ହେଉଛି।



ପ୍ରବାସୀ ଭାରତୀୟଙ୍କୁ ଆକୃଷ୍ଟ କରିବା ସକାଶେ ରାଜଧାନୀରେ ଅପୂର୍ବ ସାଜସଜ୍ଜା

ଫଟୋ- ଚନ୍ଦ୍ରଶେଖର

# ଇଡି ଓ ସିବିଆଇର ସମାନ୍ତରାଳ ଚଢ଼ାଉ

**ଭୁବନେଶ୍ୱର,୮।୧ (ସଂଚାର ବ୍ୟୁରୋ):** କିଛି ଦିନର ନିରବତା ପରେ ପୁଣି ଥରେ ଓଡିଶାରେ ସକ୍ରିୟ ହୋଇଛନ୍ତି ଇଡି ଓ ସିବିଆଇ। ଆଜି ଗୋଟିଏ ଦିନରେ ଉଭୟ ଇଡି ଓ ସିବିଆଇ ଦୁଇଟି ଭିନ୍ନ ଭିନ୍ନ ଘଟଣାରେ ଦୁଇଟି ସ୍ଥାନରେ ଚଢାଉ କରିଛନ୍ତି। ଢେଙ୍କାନାଳରେ ଜଣେ ଖଣି ବ୍ୟବସାୟୀଙ୍କ ଘରେ ଇଡି ଚଢାଉ କରିଥିବା ବେଳେ ସୁନ୍ଦରଗଡରେ ସେଲ ଅଧିନରେ ଥିବା ବରସୁଆଁ ଲୁହା ଖଣିର ଦୁଇ ଅଧିକାରୀଙ୍କ ଘରେ ସିବିଆଇ ଚଢାଉ କରିଛି।



ଢେଙ୍କାନାଳରେ ଖଣି ବ୍ୟବସାୟୀଙ୍କ ଘରେ ପଶିଛି ଇଡି । ବ୍ୟବସାୟୀ ରତିକାନ୍ତ ରାଉତଙ୍କ ପତଳା ଗାଁରେ ଥିବା ବାସଭବନରେ ହୋଇଛି ରେଡ୍ । ଅର୍ଥନୈତିକ ହେରଫେରର ଖିଅ ଖୋଜୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ୬ଜଣିଆ ଟିମ୍। ତାମେଡା ଫାର୍ମ ହାଉସରେ ମଧ୍ୟ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଉଛି । ସକାଳୁ ସକାଳୁ ୬ ଜଣିଆ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ ଆସିଛନ୍ତି ସିଆରପିଏଫ ଯବାନ । ଭୁବନେଶ୍ୱର ପଟିଆରେ ଥିବା ଘର ସମେତ ୧୨ଟି ସ୍ଥାନରେ ଚଢ଼ାଉ କରାଯାଉଛି । କେତେ ଟଙ୍କା ହେରଫେର ହୋଇଛି ? କେଉଁ କେଉଁ ସ୍ଥାନରେ କେତେ ସମ୍ପତ୍ତି ରହିଛି ତାର ତଦନ୍ତ ଚାଲିଛି। ତେବେ ଏନେଇ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହିଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ।

ସୁନ୍ଦରଗଡ଼ ବରସୁଆଁ ଲୌହଖଣି ଦୁର୍ନୀତିର ତଦନ୍ତ କରୁଛି ସିବିଆଇ । ଆଜି ଦୁଇ ପ୍ରବନ୍ଧକ ସୁନନ୍ଦ ପରିଡ଼ା ଓ ସରୋଜ ପଟ୍ଟନାୟକଙ୍କ ଟେନସାସ୍ଥିତ କ୍ୱାର୍ଟରରେ ଚଢ଼ାଉ କରାଯାଇଛି । ଉଚ୍ଚମାନର ଷ୍ଟାକକୁ କିଭଳି ନିମ୍ନମାନର ଦର୍ଶାଇ ବିଭିନ୍ନ କ୍ରେତାଙ୍କୁ ବିକ୍ରି କରାଯାଉଥିଲା, ତାର ପୋଲ ଖୋଲିବାକୁ ଯାଉଛି । ଶହ ଶହ କୋଟିର ଦୁର୍ନୀତି ହୋଇଥିବା ଜଣାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ୨୦୨୪ ସେପ୍ଟେମ୍ବର ୪ ତାରିଖରେ ସିବିଆଇର ଏକ ଟିମ୍ ୧୪ଦିନ ଧରି ସେଲ୍ କାର୍ଯ୍ୟାଳୟରେ ରେଡ୍ କରିଥିଲା । ୪ ମାସ ପରେ ଆଜି ପୁଣି ଥରେ ୧୫ ଜଣିଆ ଟିମ୍ ଖଣିର ଦୁଇ ପ୍ରବନ୍ଧକଙ୍କ ଘରେ ଚଢ଼ାଉ କରିବା ସହ ପଚରାଉଚରା କରିଛନ୍ତି ।

ରାଜ୍ୟରେ ଖଣି ଦୁର୍ନୀତିର ପୋଲ ଖୋଲିବାକୁ ଚାଲିଛି ତନାଘନା । ଭିଜିଲାନ୍ସଠାରୁ ନେଇ ଇଡି ଓ ସିବିଆଇ ପକ୍ଷରୁ କରାଯାଉଛି ଚଢ଼ାଉ । ବ୍ୟବସାୟୀ ଓ ଖଣି ଅଧିକାରୀଙ୍କୁ ଜେରା କରୁଛନ୍ତି ଟିମ୍ । ଖୁବଶୀଘ୍ର କଳା ସାମ୍ରାଜ୍ୟର ଗୁମର ଖୋଲିବ ତଦନ୍ତକାରୀ ସଂସ୍ଥା ।

ମଣପ୍ପୁରମ୍ ଫାଇନାନ୍ସରୁ ଚୋରି ମାମଲା

## ମୁଖ୍ୟ ଅଭିଯୁକ୍ତକୁ ଧରାଇଦେଲେ ଲକ୍ଷେ ପୁରସ୍କାର

**ସମ୍ବଲପୁର,୮।୧(ସଂଚାର ବ୍ୟୁରୋ):** ସମ୍ବଲପୁର ସହରର ମଣପ୍ପୁରମ ଫାଇନାନ୍ସ ଲିମିଟେଡ଼ରୁ ହୋଇଥିବା ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଧରାଇଦେଲେ ଲକ୍ଷେ ଟଙ୍କାର ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଛି। ସୂଚନାଦାତାଙ୍କ ନାମ ମଧ୍ୟ ଗୋପନ ରଖାଯିବ ବୋଲି ସମ୍ବଲପୁର ପୁଲିସ ପକ୍ଷରୁ କୁହାଯାଇଛି। ଏନେଇ ସମ୍ବଲପୁର ଅତିରିକ୍ତ ଏସପି, 'ପୁଲିସ ମିଡ଼ିଆ' ହ୍ୱାଟ୍ସଆପ୍ ଗ୍ରୁପରେ ଅଭିଯୁକ୍ତର ଫଟୋ ଜାରି କରିବା ସହ ଏହି ପୁରସ୍କାର ରାଶି ଘୋଷଣା କରିଛନ୍ତି। ସମ୍ବଲପୁର ସହର ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢ଼ାରଜାସ୍ଥିତ ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ଼୍‌ରୁ ସଶସ୍ତ୍ର ଡକାୟତି ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇପାରିନାହିଁ। ଅବଶ୍ୟ ପୁଲିସର ତଦନ୍ତ ଏବେ ବି ଜାରି ରହିଛି ଓ ପୁଲିସ୍ ଜଣେ ଅଭିଯୁକ୍ତକୁ ଚିହ୍ନଟ କରିଥିବା ସୂଚନା ମିଳିଛି । ଏହି ଅଭିଯୁକ୍ତକୁ ଧରିବା ପାଇଁ ଲକ୍ଷେ ଟଙ୍କା ପୁରସ୍କାର ରାଶିର ଘୋଷଣା କରାଯାଇଥିବା ଜିଲ୍ଲା ଗୁଇନ୍ଦା ବ୍ୟୁରୋ ଅତିରିକ୍ତ ଏସପି ଶେଖର ବେଉରା ସୂଚନା ଦେଇଛନ୍ତି। ଏନେଇ ୮୯୨୬୯୮୭୬୯୫ କିମ୍ବା ୮୯୨୬୯୮୭୬୯୩ ନମ୍ବରରେ ଯୋଗାଯୋଗ କରିବାକୁ କହାଯାଇଛି । ତେବେ ଅଭିଯୁକ୍ତ ଜଣକ କିଏ ଏବଂ ତାଙ୍କ ନାମ କିମ୍ବା ଠିକଣା ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଇନାହିଁ। ସେ ବିହାର ରାଜ୍ୟର ହୋଇଥିବା ଅନୁମାନ କରାଯାଉଛି । ତା'ର ନାମ ମଧ୍ୟ ଭିନ୍ନ ଭିନ୍ନ ଥିବା ଜଣାପଡ଼ିଛି । ଡକାୟତି ଘଟଣା ପରେ ସେ ରାଜ୍ୟ ବାହାରକୁ ନ ଯାଇ ସମ୍ବଲପୁର, ଝାରସୁଗୁଡ଼ା କିମ୍ବା ସୀମାବର୍ତ୍ତୀ ଅଞ୍ଚଳରେ ଘୂରି ବୁଲୁଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି ।



ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭବ୍ୟ ସ୍ୱାଗତ

## ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଦ୍ୱିତୀୟ ଦିନ

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ରବୀନ୍ଦ୍ର ମଣ୍ଡପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଆଜି ଦ୍ୱିତୀୟ ଦିନରେ କଳାକାରଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକମାନଙ୍କ ମନ ମୋହିନେଇଛି। ଅଷ୍ଟାଦଶ ଭାରତୀୟ ପ୍ରବାସୀ ଦିବସ ଉପଲକ୍ଷେ ରାଜ୍ୟ ଓ ଦେଶ ବାହାରୁ ଆସିଥିବା ଅତିଥିମାନେ ଏହି ଉତ୍ସବରେ ବହୁ ମାତ୍ରାରେ ଅଂଶଗ୍ରହଣ କରି ଓଡ଼ିଶୀ ନୃତ୍ୟର ବିଭିନ୍ନ ଶୈଳୀର ଆନନ୍ଦ ନେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପୂର୍ବାହ୍ନ ୧୦ଟାରୁ। ପ୍ରଥମେ ପୁରୀରୁ ଆସିଥିବା ବାବା ଆଖଣ୍ଡଳମଣୀ ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ଅଭିନୟ ମେଢ ନୃତ୍ୟ-ପୁତନା ପରିବେଷିତ ହୋଇଥିଲା। ପରେ ପରେ ରୁପା ପାଲ୍ ଓ ଚିନ୍ମୟ ତ୍ରିପାଠୀ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ଏହାଛଡ଼ା ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଅଭିପ୍ସା ବିଶ୍ୱାଳ ଓ ସୁଦୀପା ରାଉତଙ୍କ ଅଭିନୟ ଚମତ୍କାର ହୋଇଥିଲା। ସୋନମ୍ ପୃଷ୍ଟିଙ୍କ ଅଭିନୟ, ସୁମିତ୍ କୁମାର ଚକ୍ରବର୍ତ୍ତୀ-ଅଭିଷେକ ସାନ୍ୟାଲଙ୍କ ଦ୍ୱୈତ ଅଭିନୟ, ଲଳିତ ଚନ୍ଦ୍ରମୂର୍ତ୍ତୀଙ୍କ ଏକକ ନୃତ୍ୟ, ଏନ୍. ବାଣିଶ୍ରୀଙ୍କ ବାଗେଶ୍ରୀ ପଲ୍ଲବୀ ଓ ଶେଷରେ ସଞ୍ଚାରୀ ଏନ୍‌ସେମ୍ବୁଲର ଶିଳ୍ପୀମାନଙ୍କ ଅଭିନୟ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

ଅପରାହ୍ନ ଅଧିବେଶନରେ ପ୍ରଥମେ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ଅନୁଷ୍ଠାନର ଶିଳ୍ପୀ ରାବଣ କୃତ ଶିବ ତାଣ୍ଡବ ପରିବେଷଣ କରିଥିଲେ। ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଶୁଭେନ୍ଦୁ କୁମାର ଦାଶ ଓ ଦେବାଶିଷ ମହାପାତ୍ରଙ୍କ ଅଭିନୟ ଶିଖଣ୍ଡି, ରୂପାଲୀ ପଣ୍ଡା ଓ ନିବେଦିତା ସିଂହ ରାଗେଶ୍ରୀ ପଲ୍ଲବୀ ପରିବେଷଣ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ଏକକ ନୃତ୍ୟ ପର୍ଯ୍ୟାୟରେ ଇଟାଲୀର ଲୁକ୍ରିଜିୟା ଓଟ୍ଟବନୀଙ୍କ ଦ୍ୱାରା ଅଭିନୟ ମହାକାଳୀ, ଶୃତିକା ବେହେରାଙ୍କ ଦ୍ୱାରା ଅଭିନୟ କଦାଚିତ୍ କାଳନ୍ଦୀ ତଟ ବିପିନେ ଏବଂ ଶେଷରେ ବିଶ୍ୱନାଥ ସଙ୍ଗୀତାଳୟର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ନମାମି ରାମ ରାଘବମ୍ ପରିବେଷିତ ହୋଇଥିଲା। ନୂଆଦିଲ୍ଲୀର ବିଶିଷ୍ଟ ନୃତ୍ୟାଙ୍ଗନା ତଥା ଗୁରୁ କେଳୁଚରଣଙ୍କ ଶିଷ୍ୟା ଗୁରୁ ସାରୋନ୍ ଲୋଏନ୍‌ଙ୍କ ଅଷ୍ଟପଦୀ କୁରୁ ଯଦୁନନ୍ଦନ, ୱାଇ.ଆସା କୁମାରୀଙ୍କ ମୋହନ ମୂରତି ଛଇଲୋ, ଦିପ୍ତୀ ପ୍ରକାଶ ଚମ୍ପତି ଓ ସଞ୍ଜନା ଗଡଡ଼ ଦ୍ୱୈତ ନୃତ୍ୟ, ବିଦ୍ୟା ବିଶ୍ୱଜୀତଙ୍କ ଦ୍ୱାରା ହେ ବନଗିରି ହେ ଲତାଗିରି, ଲୋପାମୁଦ୍ରା ନାୟକଙ୍କ ଦ୍ୱାରା ଶ୍ୟାମକୁ ଜୁହାର ଓ ଲିଜା ନାୟକ ଓ ପୂଜାରାଣୀ ସାହୁଙ୍କ ଦୈତ୍ୟ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବିଶିଷ୍ଟ ସାହିତ୍ୟ ସାଧକ ଶାନ୍ତନୁ ରଥ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ।



## ଡମ୍ଫରର ଚାପାରେ ଜଣେ ମୃତ, ହତ୍ୟା ଅଭିଯୋଗ

**ବୈଶିଙ୍ଗା,୮।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତ ବୈଶିଙ୍ଗା ଥାନା ଅଧୀନସ୍ଥ ଆମ୍ବଗଡିଆ ପଞ୍ଚାୟତ ମନ୍ତ୍ରୀଡାହିର ଏଫସିଆଇ ଗୋଦାମ ନିକଟରେ ଗତକାଲି ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଡମ୍ଫରର ଧକ୍କାରେ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲେ ହେଁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି କୁହାଯାଉଛି। ମାଟି ମାଫିଆମାନଙ୍କ ବିରୋଧରେ ଉକ୍ତ ବ୍ୟକ୍ତି ଜଣଙ୍କ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କୁ ରାସ୍ତାରୁ ହଟାଇଦେବା ସକାଶେ ଡମ୍ଫର ଚପାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ରୁପସା ଥାନା ଅଞ୍ଚଳର ବାବୁଆ ଓରଫ ଗଙ୍ଗାଧର ବିଶ୍ୱାଳ (୫୨) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବାଲେଶ୍ୱରର ରୁପସା ନିକଟସ୍ଥ ବୈଶିଙ୍ଗା ଥାନାର ମନ୍ତ୍ରୀଡାହିର ଏଫସିଆଇ ଗୋଦାମ ନିକଟ ବିସ୍ତୀର୍ଣ୍ଣ ସରକାରୀ ଜାଗାରୁ ଦିନରାତି ବେଆଇନ ଭାବେ ମାଟି ଚାଲାଣ ହେଉଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଥିବା ବେଳେ ଏନେଇ ଗଙ୍ଗାଧର ଏକାଧିକ ବାର ଅଭିଯୋଗ କରିଥିଲେ। ଏହି କ୍ରମରେ ଗତକାଲି ବିଳମ୍ବିତ ରାତିରେ ଡମ୍ଫର ମାଡ଼ିଯିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ରୁପସା ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। କିନ୍ତୁ ତାଙ୍କୁ ପ୍ରଥମେ ମାଡ଼ ମାରି ହତ୍ୟା କରିବା ପରେ ମାଫିଆମାନେ ଏହାକୁ ଦୁର୍ଘଟଣା ରୂପ ଦେବାକୁ ଉଦ୍ୟମ କରିଥିବା ଚର୍ଚ୍ଚା ହେଉଛି। ସମସ୍ତଙ୍କ ଆଖି ଆଗରେ ବୈଶିଙ୍ଗା-ରୂପସା ମୁଖ୍ୟ ରାସ୍ତା ପାର୍ଶ୍ୱରୁ ଦିନରାତି ମାଟି ପଡ଼ୋଶୀ ବାଲେଶ୍ୱର ଜିଲ୍ଲାକୁ ଚାଲାଣ ହେଉଥିଲେ ହେଁ ସ୍ଥାନୀୟ ପ୍ରଶାସନ ସବୁ ଜାଣି ବି ଅଜଣା ରହିଆସିଛି।

## ଲାଞ୍ଜିଗଡ଼ ବେଦାନ୍ତକୁ ବକ୍ସାଇଟ୍ ଯୋଗାଣ ଦାବି

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅଞ୍ଚଳବାସୀ

**ଲାଞ୍ଜିଗଡ଼,୮।୧(ତଥ୍ୟ):** କଳାହାଣ୍ଡିର ବିକାଶ ପାଇଁ ତୁରନ୍ତ ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀକୁ ବକ୍ସାଇଟ୍ ଖଣି ଯୋଗାଇ ଦେବା ସହ ଗ୍ରାମସଭା କରିବା ସକାଶେ ଲାଞ୍ଜିଗଡ଼ ବାସିନ୍ଦା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ କଳାହାଣ୍ଡି ଜିଲ୍ଲାପାଳ ଓ ବିଡିଓଙ୍କ ଜରିଆରେ ଦିଆଯାଇଥିବା ନିବେଦନପତ୍ରରେ ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀକୁ ବକ୍ସାଇଟ୍ ଖଣି ବା କଞ୍ଚାମାଲ ଯୋଗାଇ କଳାହାଣ୍ଡି ଜିଲ୍ଲାରେ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ ଉପରେ ଗୁରୁତ୍ୱାରୋପ କରାଯାଇଛି। ଲାଞ୍ଜିଗଡ ଖଣି ଖନନ ସପକ୍ଷରେ ହୋଇଥିବା ଏକ ଶୋଭାଯାତ୍ରା ବିଶ୍ୱନାଥପୁରସ୍ଥିତ ଉଦ୍ୟାନ କୃଷି ଦପ୍ତର ନିକଟରୁ ବାହାରି ଲାଞ୍ଜିଗଡ ବ୍ଲକ ଅଫିସରେ ପହଞ୍ଚିଥିଲା। ଏଥିରେ ଲାଞ୍ଜିଗଡ଼ ୱାର୍କର୍ସ ଆସୋସିଏସନ, ମର୍ଚ୍ଚାଣ୍ଟ ଆସୋସିଏସନ, ଲାଞ୍ଜିଗଡ ଡ୍ରାଇଭର ସଂଘ, ମୋଟର ଯାନ ମାଲିକ ସଂଘ ସହ କଳାହାଣ୍ଡି ଓ ରାୟଗଡାର ବିଭିନ୍ନ ରାଜନୈତିକ ଓ ସାମାଜିକ ସଂଗଠନ ଯୋଗ ଦେଇଥିଲେ। ଏଥିରେ ଲାଞ୍ଜିଗଡ଼ ଅଞ୍ଚଳ ବିକାଶ ପରିଷଦର ସଭାପତି ଶ୍ରୀଧର ପେସନିଆ, ଅବିଭକ୍ତ କଳାହାଣ୍ଡି କ୍ଷତ୍ରୀୟ ପାଇକ ସମାଜ କୁଳାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ଚନ୍ଦ୍ରଶେଖର ବେହେରା, ଏମ.ଡି ଆୟୁବ, ନବୀନ ପାତ୍ର, ରାଜେନ୍ଦ୍ର ପ୍ରତାପ ସିଂହଦେଓ, ମୀନକେତନ ପରିଛା, ସୁବାସ ଅଗ୍ରୱାଲଙ୍କ ସମେତ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଗତ ୨୦୦୩ରେ ଲାଞ୍ଜିଗଡ଼ ଆଲୁମିନା ବିଶୋଧନାଗାର ପ୍ରତିଷ୍ଠା ପରଠାରୁ କଳାହାଣ୍ଡି ଜିଲ୍ଲାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଏକଦା ଭାରତର ଅନ୍ୟତମ ଗରିବ ଅଞ୍ଚଳ ଭାବେ ପରିଚିତ କଳାହାଣ୍ଡି ଏବେ ଭାରତ ସରକାରଙ୍କ ଆକାଂକ୍ଷୀ ଜିଲ୍ଲା ଏକ ଅଂଶ ହୋଇଥିବାବେଳେ ବିଶୋଧନାଗାର ଦ୍ୱାରା ବିକାଶ ଅଭିଯାନ ଚଳାଯାଉଛି । କଳାହାଣ୍ଡି ଜିଲ୍ଲାରେ ଉପଲବ୍ଧ ବକ୍ସାଇଟ୍ ଖନନ ହେଉନଥିବାରୁ କଳାହାଣ୍ଡିର ବିକାଶ ପ୍ରଭାବିତ ହୋଇଛି ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି ।

ପଡ଼ୋଶୀ ଜିଲ୍ଲା ରାୟଗଡ଼ା ଓ କୋରାପୁଟ ଉପଲବ୍ଧ ବକ୍ସାଇଟ୍ ଭଣ୍ଡାରକୁ ଖନନ କରି ନିଜର ସାମର୍ଥ୍ୟର ଉପଯୋଗ କରୁଥିବା ବେଳେ କଳାହାଣ୍ଡି ଜିଲ୍ଲାରେ କିନ୍ତୁ ଶିଳ୍ପ ପ୍ରତିଷ୍ଠାର ୨୦ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ବି କଞ୍ଚାମାଲ ଆବଶ୍ୟକତା ପୂରଣ ପାଇଁ ସଂଘର୍ଷ କରୁଛି । କଳାହାଣ୍ଡିବାସୀ ସେମାନଙ୍କ ଉଦବେଗ ପ୍ରକାଶ କରିବା ସହିତ ଦାବି କରିଛନ୍ତି ଯେ ସରକାର ତୁରନ୍ତ ଲାଞ୍ଜିଗଡ଼ ବେଦାନ୍ତକୁ ରାଜ୍ୟରେ ବକ୍ସାଇଟ୍ ଖଣି ଯୋଗାଇବା ସହ ତାହାର ଖନନ ପାଇଁ ଗ୍ରାମସଭା ଆୟୋଜନ କରି କଳାହାଣ୍ଡିର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରନ୍ତୁ । କଳାହାଣ୍ଡିର ଲାଞ୍ଜିଗଡ଼ରେ ଶିଳ୍ପ ପ୍ରତିଷ୍ଠା ସମୟରେ ଅନେକ ଶକ୍ତି ଓ ବିଦେଶୀ ଶିଳ୍ପସଂସ୍ଥା ଅଞ୍ଚଳର ବିକାଶକୁ ରୋକିବାକୁ ଚେଷ୍ଟା କରିଥିଲେ ମଧ୍ୟ କଳାହାଣ୍ଡିର ସାମଗ୍ରିକ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜିଲ୍ଲା ଓ ରାଜ୍ୟ ପ୍ରଶାସନର ସହଯୋଗରେ ଲୋକମାନେ ଏହି ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିଥିଲେ। ଲାଞ୍ଜିଗଡ଼ ବେଦାନ୍ତକୁ କଳାହାଣ୍ଡିରେ ବକ୍ସାଇଟ୍ ଉପଲବ୍ଧ ହେଲେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ସକାଶେ ସାମାଜିକ-ଅର୍ଥନୈତିକ ପରିବେଶ ସୃଷ୍ଟି ହୋଇପାରିବ ବୋଲି କୁହାଯାଇଛି।




## ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ୍ ଲୁଟ୍

**ମାଲକାନଗିରି,୮।୧(ସଂଚାର ବ୍ୟୁରୋ):** କାନ୍ଥରେ କଣା କରି ମୋବାଇଲ ଦୋକାନରୁ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ ନେଇଯାଇଛନ୍ତି ଲୁଟେରା। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଏପରି ଏକ ବଡ଼ ଧରଣର ଲୁଟ୍ ହୋଇଥିବା ନେଇ ସୂଚନା ମିଳିଛି। ଏହି ଚୋରି ସମୟର ଚିତ୍ର ସିସିଟିଭି କ୍ୟାମେରାରେ ମଧ୍ୟ କଏଦ ହୋଇଛି। ମିଳିଥିବା ସୂଚନାନୁସାରେ, ମାଲକାନଗିରି ଟାଉନ୍‌ରେ ଦୀପଙ୍କର ମଣ୍ଡଳଙ୍କ ମୋବାଇଲ୍ ଦୋକାନ ରହିଛି। ସବୁଦିନ ପରି ଗତକାଲି ରାତିରେ ଦୀପଙ୍କର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତେବେ ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତମାନେ ଉକ୍ତ ଦୋକାନର ପଛ ପାର୍ଶ୍ୱ କାନ୍ଥ କଣା କରି ଭିତରେ ପଶିବା ସହ ଦୋକାନରେ ଥିବା ବିଭିନ୍ନ ଦାମୀନାମୀ କମ୍ପାନୀର ମୋବାଇଲ୍ ଲୁଟି ନେଇଯାଇଥିଲେ। ଚୋରିର ପୂରା ଚିତ୍ର ଦୋକାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିଲେ ହେଁ ମୁହଁରେ ମାସ୍କ ଥିବାରୁ ଲୁଟେରାମାନଙ୍କୁ ଚିହ୍ନିବା କଷ୍ଟକର ହେଉଛି। ଅପରପକ୍ଷରେ ଦୁର୍ବୃତ୍ତମାନେ ମୋବାଇଲ୍ ଲୁଟ୍ କରି ଦୋକାନ ପଛ ପଟରେ ଥିବା ଜଙ୍ଗଲକୁ ଚାଲିଯାଇ ସେଠାରେ ସମସ୍ତେ ବସି ଖୋଳରୁ ମୋବାଇଲ୍ ବାହାର କରିଥିଲେ। ପରେ ସବୁ ମୋବାଇଲକୁ ବସ୍ତାରେ ପୂରାଇ ସେମାନେ ସେଠାରୁ ଚାଲିଯାଇଥିଲେ। ଆଜି ସକାଳେ ଚୋରି ସମ୍ପର୍କରେ ଜଣାପଡ଼ିବା ପରେ ଟାଉନ୍ ଥାନା ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ମିଳିତ ଭାବେ ଘଟଣାର ତଦନ୍ତ ଚଳାଇଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚୋରଙ୍କ ସମ୍ପର୍କରେ ପୁଲିସ୍ କୌଣସି ପ୍ରକାର ତଥ୍ୟ ପାଇପାରିନାହିଁ। ଚୋରି ହୋଇଥିବା ମୋବାଇଲର ମୂଲ୍ୟ ଦେଢ଼ କୋଟିରୁ ଅଧିକ ଟଙ୍କା ହେବ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର



**ଟିଟିଲାଗଡ଼,୮।୧(ସଂଚାର ବ୍ୟୁରୋ):** ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ଟିମନଭାଟି ଗାଁରେ ଏପରି ଅଘଟଣ ଘଟିଛି। ମୃତ ଶ୍ରମିକ ଜଣଙ୍କ ଉଦ୍ଧବ ପୋଢ଼ ବୋଲି ଜଣାପଡ଼ିଥିବା ବେଳେ ଆହତ ଶ୍ରମିକଙ୍କ ନାମ ମକରନ୍ଦ ପୋଢ଼। ମିଳିଥିବା ସୂଚନାନୁସାରେ, ଟିମନଭାଟି ଗାଁରେ ଜଣେ ବ୍ୟକ୍ତିଙ୍କ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଉଦ୍ଧବ ଓ ମକରନ୍ଦ ସେଠାରେ କାର୍ଯ୍ୟ କରୁଥିଲେ। ଅନ୍ୟ ଦିନ ଭଳି ଆଜି ମଧ୍ୟ ସେମାନେ ସେଠାରେ କାମ କରୁଥିଲେ। ତେବେ ସେମାନେ ଘରର ଛାତ ଉପରେ କାମ କରୁଥିବା ସମୟରେ ଅଚାନକ ତା' ଉପର ଦେଇଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଉଦ୍ଧବଙ୍କୁ ମୃତ ଘୋଷଣ କରିଥିବା ବେଳେ ମକରନ୍ଦଙ୍କ ଚିକିତ୍ସା ଜାରି ରହିଛି ।

● ଅଦିନିଆ ବର୍ଷାଜନିତ ଫସଲ କ୍ଷତି

## ଜୀବନ ହାରିଲେ ଯୁବଚାଷୀ



**ଜଗତସିଂହପୁର,୮।୧(ସଂଚାର ବ୍ୟୁରୋ):** ଅଦିନିଆ ବର୍ଷାରେ ଫସଲ ନଷ୍ଟ ଯୋଗୁ ଆଜି ଜଣେ ଯୁବ ଚାଷୀ ଆତ୍ମହତ୍ୟା କରିଛନ୍ତି। ଉକ୍ତ ଚାଷୀ ଜଣଙ୍କ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ତଂଅରା ଗାଁର ଅଶୋକ କୁମାର ପରିଡ଼ା ( ୩୮ ) ବୋଲି ଜଣାପଡ଼ିଛି। ସେ ତାଙ୍କର ୬ ଏକର ଜମିରେ ଧାନ ଚାଷ କରିଥିଲେ। ଏଥିସହ ସେ ୪ ଏକର ଜମିରେ ଭାଗ ଚାଷ ମଧ୍ୟ କରିଥିଲେ। ଅଦିନିଆ ବର୍ଷାରେ ତାଙ୍କର ଅଧାରୁ ଅଧିକ ଫସଲ ନଷ୍ଟ ହୋଇଯାଇଥିଲା। ଋଣ ନେଇ ଚାଷ କରିଥିବାରୁ କିପରି ଭାବେ ଋଣ ଶୁଝିବେ, ସେ ଚିନ୍ତାରେ ଅଶୋକ ଶେଷରେ ମାନସିକ ଭାରସାମ୍ୟ ତାଙ୍କ ବେଡ୍ ରୁମ୍‌ରେ ହରାଇ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଅଶୋକଙ୍କ ବଡ଼ ଭାଇ ପ୍ରସନ୍ନ କହିଛନ୍ତି ଯେ ଚାଷରେ ହୋଇଥିବା କ୍ଷତି ସହି ନପାରି ଆଜି ସକାଳ ପ୍ରାୟ ୭ଟା ସମୟରେ ଅଶୋକ ଆତ୍ମହତ୍ୟା କରିଛନ୍ତି। ଅଶୋକ ପାଖାପାଖି ୫ ଲକ୍ଷ ଟଙ୍କା ଋଣ କରି ଚାଷ କରିଥିଲେ। ତେଣୁ ମାନସିକ ଭାରସାମ୍ୟ ହରାଇ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଇଥିବା ପ୍ରସନ୍ନ କହିଛନ୍ତି। ଅଶୋକଙ୍କ ପରିବାରରେ ତାଙ୍କ ମା', ପତ୍ନୀ ଓ ୭ ବର୍ଷର ଝିଅ ଅଛନ୍ତି। ଅଶୋକ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ତେଣୁ ତାଙ୍କ ମୃତ୍ୟୁ ପରେ ପରିବାର ପୂରାପୂରି ଭାବେ ଅସହାୟ ହୋଇପଡ଼ିଛି। ଅଶୋକଙ୍କ ଆତ୍ମହତ୍ୟା ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୁଲିସ୍ ଯାଞ୍ଚ୍ କରିଥିବା ଜଣାପଡ଼ିଛି।

## ପ୍ରୀତୀଶ ନନ୍ଦୀଙ୍କ ପରଲୋକ




**ମୁମ୍ବାଇ,୮।୧:** ଜଣାଶୁଣା କବି, ଲେଖକ ଓ ଚଳଚ୍ଚିତ୍ର ନିର୍ମାତା ପ୍ରୀତୀଶ ନନ୍ଦୀଙ୍କର ଆଜି ୭୩ ବର୍ଷ ବୟସରେ ପରଲୋକ ହୋଇଛି। ତେବେ ତାଙ୍କ ମୃତ୍ୟୁର ସଠିକ୍ କାରଣ ନେଇ କୌଣସି ସୂଚନା ମିଳିପାରିନାହିଁ। ଏନେଇ ପ୍ରୀତୀଶଙ୍କ ବନ୍ଧୁ ତଥା ଜଣାଶୁଣା ବଲିଉଡ୍ ଅଭିନେତା ଅନୁପମ ଖେର୍ ଓ ବିଶିଷ୍ଟ ଲେଖକ ସୁହେଲ୍ ସେଠ୍ ସୋସାଲ୍ ମିଡିଆ ମାଧ୍ୟମରେ ସେମାନଙ୍କ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ଅମିତାଭ ବଚ୍ଚନ, ଶବାନା ଆଜମୀ, ଅନୁରାଗ କଶ୍ୟପଙ୍କ ସମେତ ବଲିଉଡ୍ ସହ ଜଡ଼ିତ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରୀ ନନ୍ଦୀଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିବା ସହ ଏହା ବଲିଉଡ୍ ଚଳଚ୍ଚିତ୍ର ଜଗତ ପାଇଁ ଏକ ବଡ଼ କ୍ଷତି ବୋଲି ମତ ଦେଇଛନ୍ତି। ଶ୍ରୀ ନନ୍ଦୀ ଝଙ୍କାର୍ ବିଟ୍ସ୍, କାଣ୍ଟେ, ହଜାରୋଁ ଖ୍ୱାହିସେଁ ଐସୀ, ପ୍ୟାର୍ କେ ସାଇଡ୍ ଇଫେକ୍ଟସ, ଅଗ୍‌ଲି ଔର୍ ପଗଲି ଓ ଚମେଲି ପରି ଚଳଚ୍ଚିତ୍ରର ପ୍ରଯୋଜକ ଥିଲେ। ଶ୍ରୀ ନନ୍ଦୀଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ଗତ ୧୯୭୭ରେ ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଶ୍ରୀରେ ଭୂଷିତ ହୋଇଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଚବିଶରେ ୨.୬ କୋଟି ଗାଡ଼ି ବିକ୍ରି



**ନୂଆଦିଲ୍ଲୀ, ୮।୧:** ନିକଟରେ ଶେଷ ହୋଇଥିବା ବର୍ଷ ୨୦୨୪ରେ ଦେଶରେ ୨ କୋଟି ୬୧ ଲକ୍ଷରୁ ଅଧିକ ଗାଡ଼ି ବିକ୍ରି ହୋଇଛି। ୨୦୨୩ରେ ୨.୩୯ କୋଟି ଗାଡ଼ି ବିକ୍ରି ହୋଇଥିଲା। ତାହା ତୁଳନାରେ ୨୦୨୪ରେ ୯ ପ୍ରତିଶତ ଅଧିକ ଗାଡ଼ି ବିକ୍ରି ହୋଇଥିବା ଗାଡ଼ି ଡିଲରଙ୍କ ମହାସଂଘ ଏଫ୍ଏଡିଏ ତଥ୍ୟରୁ ଜଣାପଡ଼ିଛି। ୨୦୨୪ରେ ଅତ୍ୟଧିକ ଗରମ, ଲୋକସଭା ନିର୍ବାଚନ, ବିଭିନ୍ନ ରାଜ୍ୟର ନିର୍ବାଚନ ଓ ଅସ୍ଥିର ମୌସୁମୀ ଭଳି ଆହ୍ୱାନ ସତ୍ତ୍ୱେ ଗାଡ଼ି ଶିଳ୍ପ ଆଗକୁ ବଢ଼ିବାରେ ସଫଳ ହୋଇଥିବା ଏଫ୍ଏଡିଏର ସଭାପତି ସିଏସ୍ ବିଗ୍ନେଶ୍ୱର କହିଛନ୍ତି। ଇଲେକ୍ଟ୍ରିକ୍ ଯାନ (ଇଭି)ଠାରୁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ପେଟ୍ରୋଲ୍ ଚାଳିତ ଦୁଇଚକିଆ ବିକ୍ରି ଉତ୍ସାହଜନକ ରହିଛି। ଉତ୍ପାଦନ ମୂଲ୍ୟ ବୃଦ୍ଧି ଲାଗି ଏକାଧିକ ଥର ଦରବୃଦ୍ଧି ସତ୍ତ୍ୱେ କାର୍ ବିକ୍ରି ବଢ଼ିଛି।

ନିର୍ବାଚନକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଓ ଭିତ୍ତିଭୂମି ଖର୍ଚ୍ଚ କମ୍ ରହିବା କାରଣରୁ ବାଣିଜ୍ୟିକ ଯାନ ବିକ୍ରି ପ୍ରଭାବିତ ହୋଇଛି।୨୦୨୪ରେ ୪୦,୭୩,୮୪୩ କାର୍, ୧,୮୯,୧୨,୯୫୯ ଦୁଇଚକିଆ ଯାନ, ୧୨,୨୧,୯୦୯ ତିନିଚକିଆ ଯାନ ଓ ୮,୯୪,୧୧୨ ଟ୍ରାକ୍ଟର ବିକ୍ରି ହୋଇଛି। ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଆୟ ବୃଦ୍ଧି, ବଜାରରେ ନୂଆ ମଡେଲ୍ ଓ ଇଭି ବଜାରରେ ସ୍ଥିରତା ଫେରିବା ଦ୍ୱାରା ଦୁଇଚକିଆ ଯାନ ବଜାର ଆହୁରି ବ୍ୟାପକ ହେବ ବୋଲି ଏଫ୍ଏଡିଏ ପକ୍ଷରୁ କୁହାଯାଇଛି। ଗତବର୍ଷର ଶେଷ ମାସ ଡିସେମ୍ବରରେ କିନ୍ତୁ ଗାଡ଼ି ବିକ୍ରିରେ ୧୨ ପ୍ରତିଶତ ହ୍ରାସ ଘଟିଥିଲା। ଏହି ମାସରେ ସାରା ଦେଶରେ ୧୭,୫୬,୪୧୯ ଗାଡ଼ି ବିକ୍ରି ହୋଇଛି। ଦୁଇଚକିଆ ଯାନ ବିକ୍ରି ୧୮ ପ୍ରତିଶତ ହ୍ରାସ ପାଇ ୧୪,୫୪,୩୫୩କୁ ହ୍ରାସ ପାଇଛି। କାର୍ ବିକ୍ରି ୨ ପ୍ରତିଶତ ହ୍ରାସ ପାଇ ୨,୯୩,୪୬୫ ହୋଇଛି।

# ରିଲାଏନ୍ସ ପକ୍ଷରୁ ନୂତନ ଏନର୍ଜି ଡ୍ରିଙ୍କ 'ରସକିକ ଗ୍ଲୁକୋ ଏନର୍ଜି'




**ବେଙ୍ଗାଲୁରୁ,୭।୧:** ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟ ଲିମିଟେଡ୍ (ଆର୍‌ସିପିଏଲ୍) ସୋମବାର ଏହାର ରସକିକ୍ ଗ୍ଲୁକୋ ଏନର୍ଜି ଡ୍ରିଙ୍କ୍ ଶୁଭାରମ୍ଭ ଘୋଷଣା କରିଛି। ଶରୀର ପାଇଁ ପୁଷ୍ଟିକର ପାନୀୟ ଭାବରେ ଗ୍ଲୁକୋଜ ସହିତ, ରସକିକ୍ ଗ୍ଲୁକୋ ଏନର୍ଜି ତତକ୍ଷଣାତ୍ ଶକ୍ତି ବୃଦ୍ଧି ପ୍ରଦାନ କରିଥାଏ, ଯାହାଦ୍ୱାରା ଏହା ପାନ କରୁଥିବା ବ୍ୟକ୍ତି ଆକ୍ଟିଭ୍ ଏବଂ ସ୍ମାର୍ଟ ରହିଥାନ୍ତି ବୋଲି ମତ ପ୍ରକାଶ ପାଇଛି। କ୍ଲାନ୍ତ ଅନୁଭବ ସମୟରେ ଏହାକୁ ପିଇବା ଦ୍ୱାରା ଏହା ଦିନସାରା ସୁସ୍ଥ ରକ୍ତ ଶର୍କରା ସ୍ତର ବଜାୟ ରଖିବାରେ ସହାୟକ ହୋଇଥାଏ ବୋଲି କୁହାଯାଇଛି।

ଇଲେକ୍ଟ୍ରୋଲାଇଟ୍, ଗ୍ଲୁକୋଜ୍ ଏବଂ ପ୍ରକୃତ ଲେମ୍ବୁ ରସରେ ଭରପୂର, ଏହି ସତେଜ ପାନୀୟ ଗୋଟିଏ ପ୍ୟାକେଜ ୧୦ ଟଙ୍କା ମୂଲ୍ୟରେ ଉପଲବ୍ଧ। ରସକିକ୍ ଗ୍ଲୁକୋ ଏନର୍ଜିର ଶୁଭାରମ୍ଭ ସହିତ ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟ ଲିମିଟେଡ୍ ରିହାଇଡ୍ରେସନ୍ ବର୍ଗରେ ପ୍ରବେଶ କରୁଛି, ଯାହା ସତେଜ ରହିବାରେ ସହାୟକ ହେବ। ରସକିକ୍ ଗ୍ଲୁକୋ ଏନର୍ଜି ବ୍ୟକ୍ତିକୁ ଶକ୍ତିଶାଳୀ ଏବଂ ସତେଜ ଅନୁଭବ କରିବାରେ ସହାୟକ ହେବ ବୋଲି କୁହାଯାଇଛି। ଏହା ଯେତିକି ସ୍ୱାଦିଷ୍ଟ ସେତିକି ସ୍ଫୁର୍ତ୍ତିଦାୟକ ହୋଇଥାଏ ଏବଂ ଏହା ଦ୍ୱାରା ବ୍ୟକ୍ତି ହାଇଡ୍ରେଟ୍ ରହିବ ସହିତ ଏଥିରେ ଥିବା ଲେମ୍ବୁ ରସ ପ୍ରାକୃତିକ ସ୍ୱାଦର ଏକ ସତେଜ ଅନୁଭବ ଦେଇଥାଏ। ଜୁସ ଏବଂ ମୃଦୁ ପାନୀୟ ବର୍ଗରେ ମାଷ୍ଟର ବ୍ରାଣ୍ଡ ଭାବରେ ରସକିକ୍ ଶୁଭାରମ୍ଭ ସହିତ ଆରସିପିଏଲ ନିଜକୁ ଏକ ସାମଗ୍ରିକ ପାନୀୟ ଏବଂ ଉପଭୋକ୍ତା ଉତ୍ପାଦ କମ୍ପାନୀ' ଭାବରେ ଉପସ୍ଥାପିତ କରିଛି। ଯାହାକି ଭାରତୀୟ ଗ୍ରାହକଙ୍କ ଦୈନନ୍ଦିନ ଆବଶ୍ୟକତା ଅନୁଯାୟୀ ଗ୍ରାହକ-କେନ୍ଦ୍ରିକ ଉତ୍ପାଦ ପ୍ରସ୍ତୁତ କରିବା ପାଇଁ ଉତ୍ସର୍ଗୀକୃତ। ବିଶ୍ୱ ସ୍ତରର ମାନକ ଏବଂ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଅଭିନବ ଉତ୍ପାଦ ପ୍ରଦାନ କରିବାକୁ ପ୍ରତିବଦ୍ଧ, ରସକିକ୍ ବର୍ତ୍ତମାନ ବିଭିନ୍ନ ପ୍ରକାରର ସୁଲଭ ତଥା ସର୍ବୋତ୍ତମ ଗୁଣବତ୍ତା ସମ୍ପନ୍ନ ଫଳ ଭିତ୍ତିକ ପାନୀୟ, ଜୁସ୍ ଏବଂ କାର୍ଯ୍ୟକ୍ଷମ ପାନୀୟ ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇଛି। ରସକିକରେ ଆମ୍ବ, ସେଓ, ମିଶ୍ରିତ ଫଳ, ପଇଡ / ନଡ଼ିଆ ପାଣି ଏବଂ ଲେମ୍ବୁ ପାଣି ଭଳି ବିବିଧ ପ୍ରକାର ପାନୀୟ ଉତ୍ପାଦ ପ୍ରସ୍ତୁତ କରୁଛି। ଏହା ଭାରତୀୟ ଆଞ୍ଚଳିକ ଫଳଗୁଡିକର ବିବିଧତା ଏବଂ ସ୍ୱାଦ ଦ୍ୱାରା ଅନୁପ୍ରାଣିତ ହୋଇ ଏହାର ପୋର୍ଟଫୋଲିଓକୁ ଆହୁରି ବିସ୍ତାର କରିବ। ରସକିକ୍ ଗ୍ଲୁକୋ ଏନର୍ଜି ମଧ୍ୟ ଶୀଘ୍ର ୭୫୦ ମିଲି ଘିରୋଇ ବ୍ୟବହାର ପ୍ୟାକରେ ଉପଲବ୍ଧ ହେବ।

ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେତନ ମୋଦୀ କହିଛନ୍ତି, "ଏକ କମ୍ପାନୀ ଭାବରେ ଆମେ ଭାରତୀୟ ପରମ୍ପରାକୁ ଗଭୀର ଭାବରେ ବୁଝିପାରୁଛୁ ଏବଂ ଆମର ବ୍ରାଣ୍ଡ ମାଧ୍ୟମରେ ଭାରତୀୟ ଗ୍ରାହକଙ୍କୁ ନୂତନ ପରମ୍ପରା ପ୍ରଦାନ କରୁଛୁ। ରସକିକ୍ ଗ୍ଲୁକୋ ଏନର୍ଜି କେବଳ ଏକ ପାନୀୟ ନୁହେଁ। ଏହା ଭାରତୀୟ ଗ୍ରାହକଙ୍କୁ ସତେଜ ଏବଂ ଶକ୍ତିବାନ କରିବା ସହିତ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ସ୍ୱଚ୍ଛତା, ଗୁଣବତ୍ତା ଏବଂ ସୁବିଧାଜନକ ପାନୀୟ ପ୍ରଦାନ କରିଥାଏ। ଯେତେବେଳେ ଆମେ ଏକ ସମ୍ପୂର୍ଣ୍ଣ ପାନୀୟ ଏବଂ ଉପଭୋକ୍ତା ଉତ୍ପାଦ କମ୍ପାନୀ ହେବା ଦିଗରେ ଆମର ଯାତ୍ରାରେ ଆମର ପୋର୍ଟଫୋଲିଓକୁ ବିସ୍ତାର କରୁଛୁ ଏବଂ ଏକ ବିବିଧ ବର୍ଗର ପାନୀୟ ଅନ୍ତର୍ଭୁକ୍ତ କରୁଛୁ, ଗ୍ଲୁକୋ ଏନର୍ଜି ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ବିଷୟରେ ଆମର ଗଭୀର ଅଭିଜ୍ଞତା ଏବଂ ସେମାନଙ୍କର ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବାନେଇ ଆମର ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି।"

# ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୨୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୮୨୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୨୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮, ୮୨୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୨୫୦ ଟଙ୍କା ଓ ୭୮, ୮୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୨,୪୦୦ ଟଙ୍କା ଓ ୭୮, ୯୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୨୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮, ୮୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୨,୨୫୦ ଟଙ୍କା ଓ ୭୮, ୮୨୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୧,୫୦୦ ହଜାର ଟଙ୍କା ହୋଇଛି।

# ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୫୫ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୭୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ୪୦ କୋଟି ଲୋକଙ୍କ ନାହିଁ ସ୍ୱାସ୍ଥ୍ୟ ବୀମା ୬ କୋଟି ଲୋକଙ୍କ ନିଜସ୍ୱ ସ୍ୱାସ୍ଥ୍ୟ ବୀମା




ଭୁବନେଶ୍ୱର: ସ୍ୱାସ୍ଥ୍ୟଜନିତ ବିପଦ ଏତେମାତ୍ରାରେ ବଢ଼ିଯାଇଛି ଯେ ଲୋକଙ୍କୁ ଯେକୌଣସି ସମୟରେ ହସ୍ପିଟାଲ୍‌ରେ ଭର୍ତ୍ତି ହେବାର ଆଶଙ୍କା ରହୁଛି। ବିଶେଷ କରି ଦୁର୍ଘଟଣା ଓ ସଂକ୍ରାମକ ରୋଗ ଉପରେ କାହାର ନିୟନ୍ତ୍ରଣ ନାହିଁ। କିନ୍ତୁ ଦେଶରେ ହସ୍ପିଟାଲ୍‌ରେ ଚିକିତ୍ସିତ ହେବା କେତେ ବ୍ୟୟବହୁଳ ତାହା ଯେଉଁମାନେ ଭର୍ତ୍ତି ହୋଇଥିବେ ଜାଣିଥିବେ। ତେଣୁ ସେହି ଜରୁରୀକାଳୀନ ଖର୍ଚ୍ଚ ଲାଗି ଦେଶର ଅଧିକାଂଶ ଲୋକ ପ୍ରସ୍ତୁତ ନାହାନ୍ତି। ୪୦ କୋଟି ଲୋକଙ୍କ ପାଖରେ ସେଥିପାଇଁ ବୀମା ସୁରକ୍ଷା ନାହିଁ। ମାତ୍ର ୬ କୋଟି ଲୋକଙ୍କ ନିଜସ୍ୱ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ରହିଛି ବୋଲି ଏଚ୍‌ଡିଏଫ୍‌ସି ଆର୍‌ଗୋ ଜେନେରାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନିର ନିର୍ଦ୍ଦେଶକ ପାର୍ଥନୀଲ ଘୋଷ କହିଛନ୍ତି। ସେ କହିଲେ, କୋଭିଡ୍ ମହାମାରୀ ପରେ ସ୍ୱାସ୍ଥ୍ୟ ବୀମାକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଛି। ସେଥିପାଇଁ କୋଭିଡ୍ ସମୟ ତୁଳନାରେ ନୂଆ ସ୍ୱାସ୍ଥ୍ୟ ବୀମା ବ୍ୟବସାୟ ଦୁଇଗୁଣା ବଢ଼ିଛି। ଚଳିତ ଆର୍ଥିକ ବର୍ଷରେ ମଧ୍ୟ ସେହି ଧାରା ବଜାୟ ରହିଛି। ଅଣ ଜୀବନ ବୀମା କ୍ଷେତ୍ର ୨୦୨୪ ସେପ୍ଟେମ୍ବର ସୁଦ୍ଧା ଶେଷ ୬ ମାସରେ ୭ ପ୍ରତିଶତ ହାରରେ ଆଗକୁ ବଢ଼ିଛି। କିନ୍ତୁ ଖୁଚୁରା ସ୍ୱାସ୍ଥ୍ୟ ବୀମା କ୍ଷେତ୍ର ୧୮ ପ୍ରତିଶତ ଭଳି ଉଚ୍ଚ ଅଭିବୃଦ୍ଧି ହାସଲ କରିଛି।

# ରଣନୈତିକ ନିବେଶ ପୋର୍ଟଫୋଲିଓକୁ ଉନ୍ନତ କରିବ

**ନୂଆଦିଲ୍ଲୀ,୮।୧:** ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ(ଏନ୍‌ଭିସିଏଲ)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ଭଦ୍‌ରାଜ ସିମେଣ୍ଟ ଲିମିଟେଡ (ଭିସିଏଲ୍)ର ଏସ୍‌ଆର୍‌ଏ ଭାବେ ଉଭା ହୋଇଛି। ଯାହା ବର୍ତ୍ତମାନ କର୍ପୋରେଟ ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ ପ୍ରୋସେସର ସମ୍ମୁଖୀନ ହେଉଛି। ଅପରପକ୍ଷରେ ନୁଭୋକୋ ପକ୍ଷରୁ ଦାଖଲ କରାଯାଇଥିବା ରିଜୋଲ୍ୟୁଶନ ପ୍ଲାନକୁ କମିଟି ଅଫ୍ କ୍ରେଡିଟର୍ସ (ସିଓସି) ଦ୍ୱାରା ଅନୁମୋଦନ କରାଯାଇଛି ଏବଂ ଏକ ଲେଟର ଅଫ୍ ଇଣ୍ଟେଟ (ଏଲ୍‌ଓଆଇ) ଜାରି କରାଯାଇଛି। ସେହିଭଳି ଏହି କାରବାରକୁ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ଏକ ନିଜସ୍ୱ ସହାୟକ ସଂସ୍ଥା ବନ୍ୟା କର୍ପୋରେଶନ ପ୍ରାଇଭେଟ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଏପରିକି ନୁଭୋକୋ ଏହାର ମୋଟ ଋଣ ସ୍ତରରେ ଅଧିକ ବୃଦ୍ଧି ବିନା ଏହି ପାଣ୍ଠି ପ୍ରଦାନ କରିବାକୁ ଚାହୁଁଛି। ଫଳରେ ସମ୍ପତ୍ତିଗୁଡ଼ିକର ନବୀକରଣ ଦିଗରେ ଏବଂ ଭିସିଏଲ୍ ପ୍ଲାଣ୍ଟଗୁଡ଼ିକରେ ପରିଚାଳନାଗତ ସୁଧାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ୧୫ମାସରେ ପର୍ଯ୍ୟାୟକ୍ରମେ ଏହି ନିବେଶ କରାଯିବ। ରିଜୋଲ୍ୟୁଶନ ପ୍ଲାନ ପାଇଁ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ଅନୁମୋଦନ ଅନୁଯାୟୀ ଉତ୍ପାଦନ ଆରମ୍ଭ କରିବାର ଆନୁମାନିକ ସମୟ ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ରହିଛି। ଏ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡର ଏମଡି ଜୟକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି , ଏହି ଚୁକ୍ତି ନୁଭୋକୋର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହୋଇଥିଲାବେଳେ ଭାରତୀୟ ସିମେଣ୍ଟ ଶିଳ୍ପରେ ୫ମ ସର୍ବବୃହତ କମ୍ପାନୀ ଭାବେ ଆମର ସ୍ଥିତିକୁ ସୁଦୃଢ଼ କରୁଛି।

# ଓପିଜି ମୋବିଲିଟିର ଅନାବରଣ

ନୂଆଦିଲ୍ଲୀ,୮।୧: ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଇଲେକ୍‌ଟ୍ରିକ ଭେଇକିଲ (ଇଭି) ବ୍ରାଣ୍ଡ 'ଓକାୟା ଇଭି'ର ନୂତନ ବ୍ରାଣ୍ଡ ପରିଚୟ (ରିବ୍ରାଣ୍ଡିଙ୍ଗ) 'ଓଟିଜି ମୋବିଲିଟି'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଏହି ରିବ୍ରାଣ୍ଡିଙ୍ଗ୍ ଭାରତର ଗତିଶୀଳ ଉପଭୋକ୍ତାଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ଅତ୍ୟାଧୁନିକ ଡିଜାଇନ, ଭବିଷ୍ୟତ ପ୍ରସ୍ତୁତ ଟେକ୍ନୋଲୋଜି, ମଜବୁତ ଓ ସୁରକ୍ଷିତ ଉପତ୍ପାଦଗୁଡିକ ପ୍ରତି କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ସେହିଭଳି ବଜାରରେ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଓପିଜି ମୋବିଲିଟି ଦେଶବ୍ୟାପୀ ଏକ ବିସ୍ତୃତ ଡିଲର ନେଟ୍‌ୱର୍କର ଉପଯୋଗ କରିବ। ଏପରିକି ଏହି ନୂତନ ବ୍ରାଣ୍ଡ ଦୁଇଟି ସବ୍-ବ୍ରାଣ୍ଡ ପ୍ରିମିୟମ ଇଲେକ୍‌ଟ୍ରିକ ମୋଟରସାଇକେଲ ଏବଂ ସ୍କୁଟରଗୁଡିକ ପାଇଁ ଉତ୍ସର୍ଗୀକୃତ 'ଫେରାଟୋ' ଏବଂ ଯାତ୍ରୀବାହୀ ଓ କାର୍ଗୋ ତିନିଚକିଆ ଯାନଗୁଡିକ ଉପରେ ଗୁରୁତ୍ୱ ଦେଉଥିବା 'ଓଟିଟିଓପିଜି'କୁ ମଧ୍ୟ ବ୍ରାଣ୍ଡରେ ଅନ୍ତର୍ଭୁକ୍ତ କରିବ। ସେହିପରି ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ-୨୦୨୫ରେ 'ଓପିଜି ମୋବିଲିଟି' ବ୍ରାଣ୍ଡିଙ୍ଗ୍ ଅଧିନରେ ବ୍ରାଣ୍ଡର ପ୍ରଥମ ଉପତ୍ପାଦକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯିବ ଏବଂ ବ୍ରାଣ୍ଡର ଉନ୍ନତ ଇଲେକ୍‌ଟ୍ରିକ ଯାନଗୁଡିକର ସମ୍ପୂର୍ଣ୍ଣ ରେଞ୍ଜକୁ ମଧ୍ୟ ମେଳାରେ ପ୍ରଦର୍ଶିତ କରାଯିବ। ଏଥିରେ ବର୍ଦ୍ଧିତ ଉପତ୍ପାଦ ଦକ୍ଷତା ସହିତ ବିଦ୍ୟମାନ ମଡେଲଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ ରହିବ। ଯେଉଁଥିରେ ଓପିଜି ମୋବିଲିଟି ଲୋଗୋ ରହିବ। ଏ ସମ୍ପର୍କରେ ଓପିଜି ମୋବିଲିଟିର ଏମଡି ଅଂଶୁଲ ଗୁପ୍ତା କହିଛନ୍ତି, ବ୍ୟାଟେରୀ ଓ ଇଲେକ୍‌ଟ୍ରୋନିକ୍ସ ସେକ୍ଟରରେ ଦୀର୍ଘ ବର୍ଷର ନେତୃତ୍ୱ ପରେ ଆମେ ଓକାୟା ଇଭିରୁ ଓପିଜି ମୋବିଲିଟିକୁ ବିକଶିତ ହୋଇ ଉତ୍ସାହିତ ଅଛୁ, ଯାହା ସମ୍ପୂର୍ଣ୍ଣ ଇଲେକ୍‌ଟ୍ରିକ ଭେଇକିଲ ସଲ୍ୟୁଶନଗୁଡିକର ଏକ ସାମଗ୍ରିକ ପ୍ରଦାତା ହୋଇପାରିଛି। ଏହି ରିବ୍ରାଣ୍ଡିଙ୍ଗ କେବଳ ଏକ ନୂତନ ନାମ ସମ୍ପର୍କିତ ନୁହେଁ ବରଂ ଏହା ଭାରତର ଦ୍ରୁତ ବିକଶିତ ଇଭି ବଜାରରେ ସର୍ବାଗ୍ରେ ରହିବା ପାଇଁ ଏକ ରଣନୈତିକ ପଦକ୍ଷେପ ବୋଲି କୁହାଯାଉଛି।

# ୧୧ରେ ଡ୍ରିମ୍‌ସର ସମାବର୍ତ୍ତନ ଉତ୍ସବ



ଭୁବନେଶ୍ୱର,୮।୧: ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକ ନିକଟସ୍ଥ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ୨୦୨୫ ଜାନୁୟାରୀ ୧୧ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା (ସମନ୍ୱୟ) ଚିନ୍ମୟୀ ରଥ, ବୋର୍ଡ ଅଫ୍ ଗଭର୍ନର ସଦସ୍ୟ ବିଧାୟକ ଛବି ମଲ୍ଲିକ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ. ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ଡ. ବିଜୟାନନ୍ଦ ସିଂ, ଇଂ. ଅଶୋକ କୁମାର ବାସାଙ୍କ ସମେତ ବୋର୍ଡ ଅଫ୍ ମ୍ୟାନେଜମେଣ୍ଟ ଏବଂ ଏକାଡେମିକ୍ କାଉନ୍‌ସିଲର ସମସ୍ତ ସଦସ୍ୟ ମଧ୍ୟ ଯୋଗ ଦେବେ। ଏହି ଅବସରରେ ସମାଜ ଓ ରାଷ୍ଟ୍ର ନିର୍ମାଣରେ ଉତ୍ସର୍ଗୀକୃତ ଜୀବନବ୍ୟାପୀ ସାଧନା ନିମନ୍ତେ ବିଶିଷ୍ଟ ଗାନ୍ଧିବାଦୀ ତଥା ସମାଜସେବୀ କୃଷ୍ଣା ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସମ୍ମାନସୂଚକ ଡକ୍ଟରେଟ୍' ଉପାଧି ପ୍ରଦାନ କରାଯିବ। ଏଥିସହିତ ବିଭିନ୍ନ ବିଭାଗରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ସର୍ବୋଚ୍ଚ ନମ୍ବର ରଖିଥିବା ଶିକ୍ଷାର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ବିୟୋଗରେ ରାଷ୍ଟ୍ରୀୟ ଶୋକ ପାଳନ ଯୋଗୁ ଡିସେମ୍ବର ୨୭ରେ ଅନୁଷ୍ଠିତ ହେବାକୁ ଥିବା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ସ୍ଥଗିତ ରହିଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ଆମେରିକା ଦଖଲ ପରେ ଦୁନିଆ ପାଇଁ ବଡ କଣ୍ଟା ସାଜିଲେ ଏଲନ



**ନୂଆଦିଲ୍ଲୀ ୭।୧:** ଦୁନିଆର ସବୁଠାରୁ ଧନୀ ବ୍ୟବସାୟୀ ଏଲନ୍ ମସ୍କ। ଯେଉଁ ବେଗରେ ଆଗକୁ ବଢୁଛନ୍ତି, ତାଙ୍କ ପାଇଁ ସାରା ବିଶ୍ୱ ଏବେ ଚିନ୍ତାରେ। ଏହାର କାରଣ ବି ଅଛି। ଯେପରି ଆମେରିକାର ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟରେ ଏଲନ୍ ମସ୍କ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ପରେ ସେ ଟ୍ରମ୍ପ ସରକାରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇଛନ୍ତି। ବର୍ତ୍ତମାନ ଅନେକ ବିଶ୍ୱ ନେତାଙ୍କ ଏଲନ୍ ମସ୍କଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ବାସ୍ତବରେ, ବିଶ୍ୱର ବିଭିନ୍ନ ଦେଶର ମୁଖ୍ୟ ବିଶ୍ୱାସ କରନ୍ତି ଯେ ଟ୍ରମ୍ପ ସରକାରରେ ଏଲନ୍ ମସ୍କଙ୍କ ଏଣ୍ଟ୍ରି ସହ ସେମାନଙ୍କ ଦେଶରେ ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀଙ୍କ ହସ୍ତକ୍ଷେପ ବୃଦ୍ଧି ପାଇଛି।

ନଭେମ୍ବର ମାସରେ, ଯେତେବେଳେ ଟ୍ରମ୍ପ ନିର୍ବାଚନରେ ଜିତିଥିଲେ। କାନାଡା ଉପରେ ଶୁଳ୍କ ବୃଦ୍ଧି ହେବାର ଆଲୋଚନା ହୋଇଥିଲା। ସେତେବେଳେ ଏଲନ୍ ମସ୍କ ମଧ୍ୟ ଏହା ପଛରେ ଥିବା ବୋଲି କୁହାଯାଉଥିଲା। ଏଥି ସହିତ, ନିର୍ବାଚନରେ ଜଷ୍ଟିନ ଟ୍ରୁଡୋଙ୍କ ପରାଜୟର ଏଲୋନ ମସ୍କ ମଧ୍ୟ ପୂର୍ବାନୁମାନ କରିଥିଲେ। ବର୍ତ୍ତମାନ ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ ଏବଂ ନରୱେରୁ ମଧ୍ୟ ଏଲନ୍ ମସ୍କକୁ ତୀବ୍ର ସମାଲୋଚନା ଆସିବା ଆରମ୍ଭ ହୋଇଛି। ସେପଟେ, ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ଚୀନ୍ ମଧ୍ୟ ଏଲନ୍ ମସ୍କଙ୍କୁ ଅନାଇ ବିସିଛି। ଏହାର ମୁଖ୍ୟ କାରଣ ହେଉଛି ଚାଇନାରେ ଏଲନ୍ ମସ୍କର ବଡ ବିନିଯୋଗ। ଯଦି ଏଲନ୍ ମସ୍କ ସେଠାରୁ ବାହାରିଆସନ୍ତି, ତେବେ ଚୀନ୍‌ର ଅର୍ଥନୀତି ଅଧିକ ଅସ୍ଥିର ହୋଇଯିବ। ଭାରତରେ ମଧ୍ୟ ଷ୍ଟାରଲିଙ୍କରୁ ଏଲନ୍ ମସ୍କଙ୍କ ବ୍ୟବସାୟ ଆରମ୍ଭ ହୋଇଛି। ସଟକମ୍ ସ୍ପେକ୍ଟ୍ରମ୍ ସମ୍ବନ୍ଧରେ ଭାରତ ସରକାର ଗ୍ରହଣ କରିଥିବା ପ୍ରକ୍ରିୟା ଉଭୟ ଜିଓ ଏବଂ

## ୧୨ ବର୍ଷରେ ବଢ଼ିଗଲା ସମ୍ପତ୍ତି

ଏୟାରଟେଲ୍ ଦ୍ୱାରା ସମାଲୋଚିତ ହୋଇଥିଲେ ମଧ୍ୟ କୌଣସି ଶୁଣାଣି ହୋଇପାରିଲା ନାହିଁ। ଏପରିକି ଭାରତ ସରକାରଙ୍କ ବୈଦ୍ୟୁତିକ ଯାନ ନୀତି ମସ୍କଙ୍କ ଟେସଲା ପାଇଁ ପରିବର୍ତ୍ତନ କରାଯାଇଥିଲା। ଯେଉଁ କାରଣରୁ ସ୍ଥାନୀୟ ଇଭି ବ୍ୟବସାୟୀଙ୍କୁ ଆଗାମୀ ବର୍ଷରେ ବହୁତ କ୍ଷତି ସହିବାକୁ ପଡିପାରେ। ଏହାର ଅର୍ଥ ସ୍ପଷ୍ଟ ଯେ ଆଗାମୀ ଦିନରେ ଏଲୋନ୍ ମସ୍କ ଧନୀ ହେଲେ ମଧ୍ୟ ସେ ବିଶ୍ୱର ଅବଶିଷ୍ଟ ଦେଶ ତଥା ସେମାନଙ୍କ ଅର୍ଥନୀତି ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରନ୍ତି। ଦୁନିଆର ଅନ୍ୟ ଦେଶର ମୁଖ୍ୟମାନେ ନିଜ ଦେଶର ରାଜନୀତିରେ ହସ୍ତକ୍ଷେପ କରୁଥିବା ଅଭିଯୋଗରେ ଏଲନ୍ ମସ୍କଙ୍କୁ ଲଗାତାର ସମାଲୋଚନା କରାଯାଉଛି। ନିକଟରେ ସପ୍ତାହେ ଧରି ମସ୍କକୁ ଟାର୍ଗେଟ କରୁଥିବା ବ୍ରିଟିଶ ପ୍ରଧାନମନ୍ତ୍ରୀ କିର ଷ୍ଟାରଲମର ଚେତାବନୀ ଦେଇଛନ୍ତି ଯେ ସ୍ପେସ୍ ଏକ୍ସ ମାଲିକ ଏହି ସୀମା ପାର୍ କରିଛନ୍ତି। ଅନ୍ୟପକ୍ଷରେ, ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ମସ୍କଙ୍କୁ ଏକ ନୂତନ ଆନ୍ତର୍ଜାତୀୟ ପ୍ରତିକ୍ରିୟାଶୀଳ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ଏବଂ ନିର୍ବାଚନରେ ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଛନ୍ତି। ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗହର ଷ୍ଟୋରୀ ମଧ୍ୟ ଏଲୋନ୍ ମସ୍କଙ୍କୁ ସମାଲୋଚନା କରିବା ଠାରୁ ଦୂରେଇ ରହି ନାହାଁନ୍ତି। ନିକଟରେ ସେ କହିଛନ୍ତି ଯେ ଏହା ଚିନ୍ତାଜନକ ଯେ ଏପରି ଶକ୍ତିଶାଳୀ ବ୍ୟକ୍ତି ଅନ୍ୟ ଦେଶର କାର୍ଯ୍ୟରେ ସିଧାସଳଖ ଜଡିତ ଥିଲେ। ଏଭଳି ପରିସ୍ଥିତିରେ, ଆପଣ କଳ୍ପନା କରିପାରିବେ ଯେ ଏଲନ୍ ମସ୍କ ଦୁନିଆର ବଡ ଦେଶ ପାଇଁ କେତେ କ୍ଷତିକାରକ ହୋଇପାରେ।

ବର୍ତ୍ତମାନ ସବୁଠୁ ବଡ ପ୍ରଶ୍ନ ହେଉଛି ଯଦି ଏଲନ୍ ମସ୍କ ଅନ୍ୟ ଦେଶର ରାଜନୀତିରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଏହା ପଛରେ ତାଙ୍କର ରଣନୀତି କ'ଣ? ସେ ସେହି ଦେଶରେ ଟ୍ରମ୍ପଙ୍କ ନୀତି କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି କି? କିମ୍ବା ମସ୍କ ସେହି ଦେଶରେ କିଛି ଲାଭଜନକ ଜମି ଖୋଜୁଛି କି? ବାସ୍ତବରେ, ଏଲୋନ୍ ମସ୍କ ଏହି ଦୁଇଟି ଜିନିଷ ହାସଲ କରିବାକୁ ଚେଷ୍ଟା କରୁଛନ୍ତି। ଉଭୟ ଟ୍ରମ୍ପ ଏବଂ ମସ୍କ ବିଶ୍ୱ ଅର୍ଥନୀତି ଉପରେ ସେମାନଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛନ୍ତି। ଉଭୟ ଟ୍ରମ୍ପଙ୍କ ଇମିଗ୍ରେସନ ନୀତି ଏବଂ ଏଫଟିଏକୁ ବିରୋଧ କରିବା ଏହାର ଜୀବନ୍ତ ଉଦାହରଣ। ତେଣୁ, ସେମାନେ ଏହି ଦେଶଗୁଡିକରେ ଏହିପରି ଦଳଗୁଡିକୁ ସମର୍ଥନ କରୁଥିବା ଦେଖାଯାଉଛି, ଯାହାର ଇମିଗ୍ରେସନ ଏବଂ ଏଫଟିଆର ନୀତି ଟ୍ରମ୍ପଙ୍କ ନୀତି ସହିତ ମେଳ ଖାଉଛି।

# ନକ୍ସଲଙ୍କ ଟାର୍ଗେଟ୍‌ରୁ ବର୍ତ୍ତିଗଲେ ଯବାନ



କନ୍ଧମାଳ,୮।୧(ସଂଚାର ବ୍ୟୁରୋ): ଯବାନଙ୍କୁ ଟାର୍ଗେଟ କରି ନକ୍ସଲମାନେ ଆଇଇଡି ଖଞ୍ଜିଥିଲେ। କିନ୍ତୁ ସର୍ଚ୍ଚ ଅପରେସନ୍ ବେଳେ ଅଳ୍ପକେ ଯବାନମାନେ ଏଥିରୁ ବର୍ତ୍ତିଯାଇଛନ୍ତି। ନକ୍ସଲଙ୍କ ଗତିବିଧି ଥିବା ଜାଣିପାରି ସିଆରପିଏଫ୍ ଓ ଏସ୍‌ଓଜି ଯବାନ ମିଳିତ ଭାବେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଥାନା ମାରଦୁଲି ଜଙ୍ଗଲରେ କମ୍ବିଂ ଅପେରସନ କରୁଥିଲେ। ଜଙ୍ଗଲରେ ସର୍ଚ୍ଚ ଅପରେସନ୍ କରୁଥିବା ବେଳେ ଦୁଇଟି ଆଇଇଡି ବୋମା ଓ ନକ୍ସଲ କ୍ୟାମ୍ପ ଠାବ ହୋଇଥିଲା। କ୍ୟାମ୍ପରୁ ଗୋଟିଏ ଦେଶୀ ବନ୍ଧୁକ ଓ ମାଓବାଦୀମାନେ ବ୍ୟବହାର କରୁଥିବା ବହୁ ସାମଗ୍ରୀ ଜବତ ହୋଇଛି। ବୋମା ନିଷ୍କ୍ରିୟକାରୀ ଦଳ ଦୁଇଟି ଆଇଇଡି ବୋମାକୁ ନିଷ୍କ୍ରିୟ କରିଛି। ତେବେ କ୍ୟାମ୍ପରୁ ମିଳିଥିବା ସାମଗ୍ରୀରୁ ସେଠାରେ ପ୍ରାୟ ୧୫ ଜଣ ନକ୍ସଲ ରହୁଥିବା ଅନୁମାନ କରାଯାଉଛି। ଛତ୍ରଭଙ୍ଗ ଦେଇଥିବା ନକ୍ସଲମାନେ କେକେବିଏନ୍ ସଙ୍ଗଠନର ବୋଲି କନ୍ଧମାଳ ଏସ୍‌ପି ହରିଶ ବି. ସି ସୂଚନା ଦେଇଛନ୍ତି।

# ପ୍ରବାସୀ ଶ୍ରମିକ ନା 'ଭୂତ ହିତାଧିକାରୀ?

## ରାସନ କାର୍ଡ ଇ -କେୱାଇସି କରିନାହାନ୍ତି ଅସ୍ତରଙ୍ଗ ରେ ୮୭୩୮ଜଣ ଓ କାକଟପୁର ରେ ୧୨, ୨୦୪ଜଣ

କାକଟପୁର /ଅସ୍ତରଙ୍ଗ,୮।୧(ସଂଚାର ବ୍ୟୁରୋ): ରାସନ କାର୍ଡ କଟିବା ଭୟରେ ଇ -କେୱାଇସି କରୁନାହାନ୍ତି ହିତାଧିକାରୀ। ପ୍ରାୟ ୪ମାସ ହେଲା ଯାଞ୍ଚ କରାଯାଉଥିଲେ ହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମାତ୍ର ୮୭. ୩ପ୍ରତିଶତ ଓ କାକଟପୁର ବ୍ଲକ ରେ ୮୫. ୯ ପ୍ରତିଶତ ଯାଞ୍ଚ କରାଇଛନ୍ତି। ଅସ୍ତରଙ୍ଗ ରେ ଆହୁରି ୮ହଜାର ୭ଶହ ୩୮ଜଣ ହିତାଧିକାରୀ ଓ କାକଟପୁର ବ୍ଲକରେ ୧୨ହଜାର ୨ଶହ ୪ଜଣ ଇ -କେୱାଇସି ଯାଞ୍ଚ କରାଉନାହାନ୍ତି। ନଭେମ୍ବର ସୁଦ୍ଧା ଯାଞ୍ଚ ଶେଷ କରି ଅଯୋଗ୍ୟଙ୍କୁ ବାଦ ଦେବା ସହ ନୂତନ ହିତାଧିକାରୀ ଯୋଡିବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଥିବା ବେଳେ ଏବେ ହଜାର ହଜାର ହିତାଧିକାରୀ ଇ -କେୱାଇସି ନ କରିବା ଆଶ୍ଚର୍ଯ୍ୟ କରିଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏମାନେ ଇ -କେୱାଇସି ଅପଡେଟ ନ କଲେ ରାସନ କାର୍ଡରୁ ବାଦ ପଡିବେ ନା ରହିବେ ସେ ନେଇ ଆଶଙ୍କା ପ୍ରକାଶ ପାଇଛି।ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କୁ ସରକାର ମୁଣ୍ଡ ପିଛା ୫କେଜି ଲେଖାଏଁ ଚାଉଳ ଯୋଗାଇ ଦେଉଛନ୍ତି। ରାଜ୍ୟରେ ପ୍ରକୃତ ହିତାଧିକାରୀଙ୍କ ବଦଳରେ ଭୁତ ହିତାଧିକାରୀ



ରାସନ ସାମଗ୍ରୀ ଲୁଟି ନେଉଥିବା ଅଭିଯୋଗ ପରେ ସରକାର ରାସନକାର୍ଡ ଇ -କେୱାଇସି ପ୍ରକ୍ରିୟା ୪ମାସ ତଳୁ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟା ଶେଷଦିନ ଡିସେମ୍ବର ୩୧ରହିଥିଲା। ଏହାକୁ ଜାନୁୟାରୀ ୧୫କ୍ରମେ ବୃଦ୍ଧି ପାଇଁ ଜାନୁୟାରୀ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୮୭୩୮ଜଣ ହିତାଧିକାରୀ ଇ -କେୱାଇସି ପ୍ରକ୍ରିୟାରେ ସାମିଲ ହୋଇନଥିବା ବେଳେ କାକଟପୁର ବ୍ଲକରେ ୧୨, ୨୦୪ଜଣ ଜଣାପଡିଛି। ପୁରୀ ଜିଲ୍ଲା କାକଟପୁର ବ୍ଲକ ରେ ୧୬ଗୋଟି ପଂଚାୟତ ରେ ୪୮ଟି ରିଟେଲର ପଏଣ୍ଟ ଥିବା ବେଳେ ହିତାଧିକାରୀ ୮୬ହଜାର ୪ଶହ ୨୮ଜଣ ସେଥି ମଧ୍ୟରୁ ୭୪ହଜାର ୨ଶହ ୨୪ଜଣ ଇ -କେୱାଇସି କରିଛନ୍ତି ଅଥବା ୮୫. ୯ପ୍ରତିଶତ କରିଛନ୍ତି।ଅସ୍ତରଙ୍ଗ ବ୍ଲକ ୧୫ଗୋଟି ପଂଚାୟତ ରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୬୯ହଜାର ୪ଶହ ୨୯ଜଣ ହିତାଧିକାରୀ ରାସନ କାର୍ଡରେ ଅନ୍ତର୍ଭୁକ୍ତ ହୋଇ ରାସନ ସାମଗ୍ରୀ ପାଉଛନ୍ତି। ନୂଆ ସରକାର ଆସିବା ପରେ ରାସନ କାର୍ଡରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବାକୁ ଇ -କେୱାଇସି ଯାଞ୍ଚ ଆରମ୍ଭ ହୋଇଥିଲା। ଅଗଷ୍ଟ ୨୨ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୪ମାସ ହେଲା ଇ -କେୱାଇସି ଚାଲିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମୋଟ ହିତାଧିକାରୀଙ୍କ ମଧ୍ୟରୁ ୮୭. ୩ପ୍ରତିଶତ ଅର୍ଥାତ ୬୦ହଜାର ୬ଶହ ୯୨ଜଣ ହିତାଧିକାରୀ ଅପଡେଟ କରିସାରିଛନ୍ତି। ଅନ୍ୟପକ୍ଷରେ, ଏହା ଶେଷ କରି ଅଯୋଗ୍ୟଙ୍କୁ ବାଦ ଦେବା ସହ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ନଭେମ୍ବର ସୁଦ୍ଧା ନୂଆ କାର୍ଡ ଯୋଗାଇଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଥିଲେ।କିନ୍ତୁ ଏହାର ଅବଧି ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଏବେ ସବୁଠି ଆଶଙ୍କା ପ୍ରକାଶ ପାଇଛି।

● ନୟାଗଡ଼ ପେକ୍ସ ଉଦଘାଟିତ

# ଯଦୁମଣିଙ୍କ ଜୟନ୍ତୀରେ ଭାରତୀୟ ଡାକ ବିଭାଗର ଉପହାର



ନୟାଗଡ଼,୮।୧(ସଂଚାର ବ୍ୟୁରୋ): ଭାରତୀୟ ଡାକ ବିଭାଗ ନୟାଗଡ଼ ଡ଼ାକ ମଣ୍ଡଳ ପକ୍ଷରୁ ଦୁଇ ଦିନିଆ ପ୍ରଥମ ଜିଲ୍ଲା ସ୍ତରୀୟ ଡ଼ାକ ଟିକେଟ ପ୍ରଦର୍ଶନୀ 'ନୟାଗଡ଼ ପେକ୍ସ - ୨୦୨୫' ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ନିର୍ଦ୍ଦେଶକ ମୁଖ୍ୟାଳୟ ଅମିତ୍ କୁମାର ଝା, ଓଡିଶା ପରିମଣ୍ଡଳ,ସମ୍ମାନିତ ଅତିଥି ଭାବେ ଫିଲାଟେଲଇଷ୍ଟ ଅନିଲ କୁମାର ଧିର, ଫିଲାଟେଲିଇଷ୍ଟ ଅଜୟ କୁମାର ବାରିକ, ନୟାଗଡ ଡାକ ମଣ୍ଡଳ ଅଧିକ୍ଷକ ଖଗେଶ୍ୱର ମଲ୍ଲିକ, ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରଦର୍ଶନି ୧୦୦ରୁ ଉର୍ଦ୍ଧ୍ୱ ଫ୍ରେମରେ ଉଭୟ ଭାରତୀୟ ଏବଂ ବିଦେଶୀ ଡାକ ଟିକେଟ,ବିରଳ ଡାକ ଟିକେଟ, ଡାକ ଉପକରଣ, ଜିଲ୍ଲା ଓ ରାଜ୍ୟ ସଂଗ୍ରାହକ ମାନଙ୍କ ଦ୍ୱାରା ସଂଗୃହୀତ ଡାକ ଟିକେଟ ଇତ୍ୟାଦି ପ୍ରଦର୍ଶନ କରାଯାଇଛି । ସ୍ଥାନୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକର ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଏହି ପ୍ରଦର୍ଶନୀକୁ ପରିଦର୍ଶନ କରିବା ସହ ଅନେକ କିଛି ଉପାଦେୟ ବିଷୟ ଜାଣିଥିବା ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଡ଼ାକ ବିଭାଗ ପକ୍ଷରୁ ଅନୁଷ୍ଠିତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଜୁନିଅର ଓ ସିନିଅର ବର୍ଗରେ ୬୦୦ ରୁ ଅଧିକଏବଂ ନିମନ୍ତ୍ରିତ ବର୍ଗରେ ୧୬ ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ । ତେବେ ନୟାଗଡ଼ ଡାକ ମଣ୍ଡଳର ଡାକ ଅଧିକ୍ଷକ ଖଗେଶ୍ୱର ମଲ୍ଲିକ ଗଣମାଧ୍ୟମକୁ ଏହି ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ବିଷୟରେ ସୂଚନା ଦେଇ କହିଛନ୍ତି ଡାକ ଟିକେଟ ସଂଗ୍ରହ ଦ୍ୱାରା ଜ୍ଞାନର ବିକାଶ ତଥା ଯୋଗଯୋଗର ବିସ୍ତାର ହୋଇ ପାରୁଛି, ତେଣୁ ପ୍ରଥମ ଥର ପାଇଁ ନୟାଗଡ଼ରେ ଅନୁଷ୍ଠିତ ଏହି ଡ଼ାକ ଟିକେଟ ପ୍ରଦର୍ଶନୀ ଦେଖିବାକୁ ବହୁ ଜନସମାଗମ ହେଉଛି । ଅନ୍ୟ ମାନଙ୍କ ମଧ୍ୟରେ ଡ଼ାକ ମଣ୍ଡଳର ସହ ଅଧିକ୍ଷକ ସପନ କୁମାର ପାଣିଗ୍ରାହୀ, ନୟାଗଡ଼ ଡାକଘରର ପୋଷ୍ଟ ମାଷ୍ଟର ପ୍ରମୋଦ କୁମାର ସେଠୀ ଏବଂ ଡ଼ାକ ଟିକେଟ ସଂଗ୍ରାହକ ଅଜିତ କୁମାର ରାଉତ ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ସୁନ୍ଦରଗଡ, ୮।୧(ସଂଚାର ବ୍ୟୁରୋ): ଯଶୋଦା ବିଷ୍ଣୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗୀମାଲ ରେ ବାର୍ଷିକ ପୁରସ୍କାର ବିତରଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଗୋଲବତି ପଟେଲ ଯୋଗଦାନ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ସୁବ୍ରତ କୁମାର ପାଣିଗ୍ରାହି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷ କିଶୋର କୁମାର ରାଉତ ସଭାପତିତ୍ୱ କରିଥିଲେ। ସମସ୍ତ ବିଭାଗର ବିଜୟୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି, ମେଡାଲ ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଥିଲା । ପରେ ବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ସୁମନ୍ତ କୁମାର ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିବା ବେଳେ ତୀର୍ଥବାସୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଠାବ

ପୁରୀ, ୮।୧(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳ ଦେବୀ ମୁହାଁଣ ନାସିର ଡାହାଣ ପାର୍ଶ୍ୱରେ ମଙ୍ଗଳବାର ଅପରାହ୍ନରେ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ଶବକୁ ପୁଲିସ ଠାବ କରିଛି। ଅଚିହ୍ନା ଯୁବକ ଜଣକ ନୀଳ ରଙ୍ଗର ହ୍ୟାଫ ପ୍ୟାଣ୍ଟ ଓ ସବୁଜ ରଙ୍ଗର ଗଞ୍ଜି ପରିଧାନ କରିଛନ୍ତି।



ଶରୀରରୁ ଚମଡା ଛାଡିଯାଇଛି। ସାଇଣ୍ଟିଫିକ ଅଫିସର ଆଦିତ୍ୟ ରଞ୍ଜନ ନାୟକ, ଫୋଟ ଗ୍ରାଫର ରମେଶ ବାରିକି, ରାଜେଶ ପ୍ରଧାନ ଓ ନୂଆଗଡ ସାମୁଦ୍ରିକ ଥାନା ଏ ଏସ ଆଇ ଯୁଧିଷ୍ଠିର ସାହୁ ଙ୍କ ଉପସ୍ଥିତ ରେ ତଦନ୍ତ ସରିବା ପରେ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିଲା। ଯାହା ସୂଚନା ମିଳିଛି

ପୁଲିସ ସୂଚନା ଅନୁସାରେ ମଙ୍ଗଳବାର କେତେକ ଲୋକ ଶବ ପଡ଼ିଥିବା ଦେଖି ସୂଚନା ଦେଇଥିଲେ। ଖବର ପାଇଁ ନୂଆଗଡ ସାମୁଦ୍ରିକ ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ଅନ୍ଧାର ହେବାରୁ ଶବ ଉଦ୍ଧାର କରାଯାଇ ପାରିନଥିଲା। ବୁଧବାର ମଧ୍ୟାହ୍ନ ରେ ପୁରୀ ସାଇଣ୍ଟିଫିକ ଦଳ ପହଂଚିବା ପରେ ମୃତ ଯୁବକ କୁ ଦେଖିଥିଲେ। ଅଚିହ୍ନା ମୃତ ଯୁବକ ସଢ଼ିଯାଇଥିବା ବେଳେ ଶରୀର ଅନେକାଂଶ ଜଙ୍ଗଲୀ ଜନ୍ତୁ ଖାଇଦେଇଥିବା ଅନୁମାନ କରାଯାଇଛି, ଏହା ସହ ଅଚିହ୍ନା ଯୁବକଙ୍କ ମୃତ ଦେହ ପୁରୀ ମେଡିକାଲ ରେ ୭୨ଘଣ୍ଟା ରଖାଯିବ। ନୂଆଗଡ଼ ସାମୁଦ୍ରିକ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ୧/୨୫ରୁଜୁ କରି ତଦନ୍ତ ଜାରୀ ରଖିଛି। ତଦନ୍ତ ସମୟରେ ଅସ୍ତରଙ୍ଗ ଥାନା ପୁଲିସ ଓ ନୂଆଗଡ ସାମୁଦ୍ରିକ ଥାନା ପୁଲିସ ଉପସ୍ଥିତ ଥିଲେ।ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ହତ୍ୟା ନାଁ ଆଉ କିଛି ସ୍ପଷ୍ଟ ହେବ ବୋଲି ନୂଆଗଡ ସାମୁଦ୍ରିକ ଥାନାଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି।


# ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ଦର୍ଶକଙ୍କ ମନ ମୋହିଲେ ଓଡ଼ିଶୀ ନୃତ୍ୟ ଶିଳ୍ପୀ

ସୁବର୍ଣ୍ଣପୁର, ୮।୧(ସଂଚାର ବ୍ୟୁରୋ): ସୁବର୍ଣ୍ଣ ଲୋକ ମହୋତ୍ସବ ଓ ଜିଲ୍ଲା ସ୍ତରୀୟ ପଲ୍ଲୀଶ୍ରୀ ମେଳା ର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ କୁ





ବୌଦ୍ଧ ଜିଲ୍ଲାପାଳ ଶ୍ରୀ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍ଘାଟନ କରି ସୁବର୍ଣ୍ଣପୁର ର କଳା ସଂସ୍କୃତି ପର୍ଯ୍ୟଟନ , ନୌ ବାଣିଜ୍ୟ ଗାଥା ଓ ପାଟ ଶିଳ୍ପ ଦେଶ ବିଦେଶ ରେ ଖ୍ୟାତି ଲାଭ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଏସପି ଶ୍ରୀ ରାମ ପ୍ରସାଦ ସାହୁ ଯୋଗ ଦେଇ ମନ୍ଦୀର ମାଳିନୀ ସୁବର୍ଣ୍ଣପୁର ଜିଲ୍ଲା ରେ ଯୋଗ ଦେବା ପରେ ମୁଁ ଏ ତନ୍ତ୍ର ମନ୍ତ୍ର ଯନ୍ତ୍ର ପୀଠ ଓ ଲୋକ ଙ୍କ ଆଚାର ବ୍ୟବହାର ରେ ଅଭିଭୂତ ହୋଇଛି ବୋଲି କହିଥିଲେ । ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ମହୋତ୍ସବ ର ଦ୍ୱିତୀୟ ସନ୍ଧ୍ୟା ସାଂସ୍କୃତିକ ସଭା କୁ କବି ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା ଆମେ କରିଥିଲେ ।

# ବିଜେପି ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ



ସୁନ୍ଦରଗଡ, ୮।୧(ସଂଚାର ବ୍ୟୁରୋ): ବୁଧବାର ଦିନ ଭୋଜପୁର ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ସାଂଗଠନିକ ନିର୍ବାଚନ ପ୍ରକ୍ରିୟାରେ ଜିଲ୍ଲା ନିର୍ବାଚନ ଅଧିକାରୀ ଦିନେଶ ଜୈନ, ସହ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର ଦେହୁରୀ ଓ ରୁପେଶ ପଟେଲଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପ୍ରାଥମିକ ସଦସ୍ୟତା ଓ ସକ୍ରିୟ ସଦସ୍ୟ ପରେ ବୁଥ୍ ସ୍ତରୀୟ ବୁଥ କମିଟି ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ ହେବା ପରେ ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରତିନିଧି ନିର୍ବାଚିତ ହୋଇଥିଲା । ସର୍ବ ସମ୍ମତି କ୍ରମେ ରାଜ୍ୟ ସ୍ୱୀକୃତି ପରେ ୨୨ ଗୋଟି ମଣ୍ଡଳରୁ ପ୍ରଥମ ପର୍ଯ୍ୟାୟରେ ୧୨ ଗୋଟି ମଣ୍ଡଳର ନୂତନ ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରତିନିଧି ନାମକୁ ବିଧିବଦ୍ଧ ଭାବେ ଘୋଷଣା କରଯାଇଥିଲା । ଆଗାମୀ ଦିନରେ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସମସ୍ତ ନବ ନିଯୁକ୍ତ ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରତିନିଧି ମାନେ ଆଗାମୀ ଦିନରେ ଭାଜପା କୁ ଆହୁରି ସଶକ୍ତ କରିବା ସହ ସମସ୍ତଙ୍କୁ ନେଇ ମିଳିମିଶି ଏକଜୁଟ କରି ସଂଗଠନ କୁ ତୃଣମୂଳ ସ୍ତରରେ ମଜଭୁତ କରିବା ପାଇଁ ଶପଥ ନେଇଥିଲେ । କଂଶବାହଲ ମଣ୍ଡଳ ସଭାପତି ଦୀପକ ଏକ୍କା, ଖତକୁର ବାହାଲ ଏକ ରାମେଶ୍ୱର ସିଂହ, କୁତ୍ରା ରାଜେଶ ଲାକ୍ରା,ରାଜଗାଙ୍ଗପୁର ପୌରାଞ୍ଚଳ ରାଜନ ସୋନୀ, ମଙ୍ଗାପଡା ହରିପ୍ରିୟା ପଟେଲ, ମଙ୍ଗସପୁର ନଳୀନ କୁମାର ପଟେଲ, ସୁନ୍ଦରଗଡ ପୌରାଞ୍ଚଳ ଲକ୍ଷ୍ମୀକାନ୍ତ ସାହୁ, ଟାଙ୍ଗରପାଲି ନରେଶ ପୁରୋହିତ, ବାଲିଶଙ୍କରା ଯଣନ୍ତି ଏକ୍କା, ସରଫଗଡ଼ ଦେବବ୍ରତ ଛଛାନ, ସବଡେଗା ସତ୍ୟବାନ ସା ଓ ତିଲଡେଗା ମଣ୍ଡଳର ରିଙ୍କୁ ଦାଶ ଙ୍କୁ ମନୋନୀତ କରାଯାଇଛି ।

## ଦିବ୍ୟାଙ୍ଗଙ୍କ ପିତାମାତା ଓ ଶିକ୍ଷକ ବୈଠକ




ଇଚ୍ଛାପୁର,୮।୧(ସଂଚାର ବ୍ୟୁରୋ): ଡୁଙ୍ଗୁରିପାଲି ବ୍ଲକ ଇଚ୍ଛାପୁର କ୍ଲଷ୍ଟର ସ୍ଥିତ ସ୍ଥାନୀୟ ଆଶ୍ରମ ବିଦ୍ୟାଳୟ ଇଚ୍ଛାପୁର ରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଙ୍କ ପିତାମାତା ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୋହନ କୁମାର କୁଅଁରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ କୁ ଜଣେ ଭିନ୍ନକ୍ଷମ ଛାତ୍ରୀ ଲକ୍ଷ୍ମୀରାଣୀ ସେଠ୍ ଙ୍କ ପବିତ୍ର ହାତରେ ଉଦଘାଟନ କରାଯାଇଥିଲା। ଇଚ୍ଛାପୁର ସିଆରସିସି ସୁଧାଂଶୁ ଶେଖର ସାହୁ,ସର୍ଗୁଲ ସିଆରସିସି ନୀଳକଣ୍ଠ ନାୟକ, ବରିଷ୍ଠ ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ ସାହୁ ଓ ସୀତାରାମ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଙ୍କ ସାମଗ୍ରିକ ଉନ୍ନତି ପାଇଁ ପିତାମାତା ଓ ଅବିଭାବକ ଙ୍କ ଭୂମିକା,ଛାତ୍ରଛାତ୍ରୀ ଙ୍କ ପ୍ରତି ସରକାରୀ ସୁବିଧା ସୁଯୋଗ ର ଉପଲବ୍ଧତା ବିଷୟରେ ଆଲୋକପାତ କରିଥିଲେ। ଇଚ୍ଛାପୁର ଓ ସର୍ଗୁଲ୍ କ୍ଲଷ୍ଟର ର ପ୍ରାୟ ୪୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଓ ଅବିଭାବକ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ମହେନ୍ଦ୍ର ପାତ୍ର, ଲଳିତ ବାଗ, ଋଷଭ ଭୋଇ, ପ୍ରକାଶ ବାରିକ, ଅଭିରାମ ପଧାନ, ପହିଲ ବୁଡେକ୍, ବାଳ କିଶୋର ମେହେର, ସୁନିଲ ଭୋଇ ଓ ସ୍ୱେଚ୍ଛାସେବୀ ଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଶ୍ରମ ବିଦ୍ୟାଳୟ ର ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଧୀରେନ୍ଦ୍ର ନାରାୟଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରବାସୀ ଭାରତୀୟ ସମ୍ମିଳନୀର ସିଧାପ୍ରସାରଣ ଦେଖିଲେ ଛାତ୍ରଛାତ୍ରୀ

ଡୁଙ୍ଗୁରିପାଲି,୮।୧(ସଂଚାର ବ୍ୟୁରୋ): ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ସ୍ଥିତ ସୁଲେଇ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ରଛାତ୍ରୀ ସ୍ମାର୍ଟ ଟିଭି ମାଧ୍ୟମରେ ଭୁବନେଶ୍ୱର ରେ ହେଉଥିବା ଅଠରତମ ପ୍ରବାସୀ ଭାରତୀୟ ଦିବସ ର ସିଧା ପ୍ରସାରଣ ଦେଖିଛନ୍ତି । ଭାରତ ର ବରପୁତ୍ର ମାନେ ବିଦେଶ ରେ ରହି ଭାରତ ର ଉନ୍ନତି ପାଇଁ ଦେଇଥିବା ଅବଦାନ ରୁ ଅନେକ ପ୍ରେରଣା ପାଇଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ପ୍ରଧାନଶିକ୍ଷକ କୈଳାଶଚନ୍ଦ୍ର ରଣା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସିଆରସିସି ନରେନ୍ଦ୍ରକୁମାର ପୁରୋହିତ, ସମ୍ମାନିତ ଅତିଥିଭାବେ ଶିକ୍ଷୟିତ୍ରୀ ମାନିନୀ ବାଗ, ଅଲ୍ଲୀକା ନାଗ, ଶିକ୍ଷକ ନିତାଇ ମଟାରୀ ଉପସ୍ଥିତ ଥିଲେ ।



# ଘୁମୁରା ଉତ୍ସବ ପାଇଁ ଗଡ଼ିଲା ପ୍ରଚାର ପ୍ରସାର ରଥ



କଳାହାଣ୍ଡି,୮।୧(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ଲୁପ୍ତ ପାଇଯାଉଥିବା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ କଳାହାଣ୍ଡି ଉତ୍ସବ 'ଘୁମୁରା' ଆୟୋଜିତ ହେଉଛି। ଏହି ଉତ୍ସବ ପ୍ରଥମେ ପଞ୍ଚାୟତ ସ୍ତରରେ ପାଳନ କରାଯାଉଛି । ପରେ ବ୍ଲକସ୍ତରୀୟ ଏବଂ ଶେଷରେ ଜିଲ୍ଲାସ୍ତରରେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଧର୍ମଗଡ ଉପଖଣ୍ଡ ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଜାନୁଆରୀ ୧୫, ୧୬, ୧୭ ରେ ଅନୁଷ୍ଠିତ ହେବ । ଏ ନେଇ ବୁଧବାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏକ ସଚେତନା ରଥର ଉଦ୍‌ଘାଟନ କରାଯାଇଛି। ୨୪ ଟି ପଞ୍ଚାୟତରେ ଏହା ପ୍ରଚାର ପ୍ରସାର କରିବ । ପ୍ରଚାର ରଥ ପ୍ରସାର କରିବା ଆଗରୁ ସ୍ଥାନୀୟ ଇଷ୍ଟଦେବୀ ମା'ଭଣ୍ଡାର ଘରଣୀ ଙ୍କ ପୂଜାର୍ଚ୍ଚନା ପରେ ଧର୍ମଗଡ ଉପଜିଲ୍ଲାପାଳ ତଥା ଉତ୍ସବ କମିଟିର ଅଧ୍ୟକ୍ଷ ଧିମାନ ଚକମା ସବୁଜ ପତାକା ହଲାଇ ପ୍ରଚାର ପ୍ରସାର ରଥକୁ ପରିଭ୍ରମଣ ପାଇଁ ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ,ଉପ ସଭାପତି ବୈଦ୍ୟନାଥ ବେହେରା, କ୍ରୀଡା କମିଟିର ଅଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ, ଫାଇନାସ କମିଟିର ଉପାଧ୍ୟକ୍ଷା ତଥା ପୂର୍ବତନ ଏନଏସି ର ଚ୍ୟାୟରମେନ ସୁଶ୍ରୀ ହୀରା ବାଗ, ଇଙ୍ଗିତ ପଣ୍ଡା,ଗ୍ରୀନରୁମ କମିଟି ର ଉପ ସଭାପତି ବିଦ୍ୟାଧର ସାହୁ ଙ୍କ ସମେତ ବିଭିନ୍ନ ଗଣ ମାଧ୍ୟମ ର ପ୍ରତିନିଧି, ଓ ପ୍ରଚାର ପ୍ରସାର କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।ଆସନ୍ତା ତା. ୧୫, ୧୬, ୧୭ ରିଖ ୩ ଦିନ ଧରି ଧର୍ମଗଡ ଖେଳ ପଡିଆ ତଥା ମା, ଭଣ୍ଡାର ଘରଣୀ ମଞ୍ଚରେ ଉତ୍ସବ ର ମାହୋଲ ତଥା ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ରେ ମଞ୍ଚ ଦୁଲୁକି ଉଠିବ ।ଏହି ମଞ୍ଚରେ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ରେ ପ୍ରଥମ ରଜନୀ ରେ ସର୍ବେଶ୍ୱର ଭୋଇ ଓ ତାଙ୍କ ସାଥି ନିଜର କଳା ଅଭିନୟ ଦେଖାଇ ଦେଖଣା ହାରିଙ୍କ ମନ ମୋହିନେବେ ।

## ବିଷମକଟକରେ ନୂତନ ଏଡିଜେ କୋର୍ଟ ଉଦ୍‌ଘାଟିତ

ରାୟଗଡା,୮।୧(ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ବିଷମକଟକ ଜନସାଧାରଣ ଏବଂ ବାର ଆସୋସିଏସନର ଦୀର୍ଘଦିନର ଦାବୀ ଆଜି ପୂରଣ ହୋଇଛି । ଏହି ଅଞ୍ଚଳରେ ନୂତନ ଅତିରିକ୍ତ ଦୌରାଜଜ୍ କୋର୍ଟ ଉଦ୍ଘାଟନ ହଇଛି । ମାନ୍ୟବର ଓଡିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଶ୍ରୀ ଚକ୍ରଧାରୀ ଶରଣ ସିଂଙ୍କ କରକମଳରେ ଭିଡିଓ କନଫରେନ୍ସ ମାଧ୍ୟମରେ ସଫଳତାର ସହ ସମ୍ପନ୍ନ ହୋଇଛି ଏକ ମହତ୍ତ୍ୱପୂର୍ଣ୍ଣ ଦିନ । ଉଦ୍‌ଘାଟନ ସମ୍ଭାରରେ ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ଜିଲ୍ଲାପାଳ ପାରୁଲପାଟୱାରୀ, ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଷମକଟକ ବାର ଆସୋସିଏସନର ସଭାପତି ଚନ୍ଦ୍ରମଣି ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଜଏଣ୍ଟ ସେକ୍ରେଟାରୀ ସୁରେଶ ଚନ୍ଦ୍ର ପାଢ଼ୀ ସହ ଅଞ୍ଚଳର ବରିଷ୍ଠ ଓ କନିଷ୍ଠ ଓକିଲମାନେ ଉପସ୍ଥିତ ଥିଲେ । ସମାଜର ପ୍ରତିକ୍ରିୟାରୁ ଅନ୍ଦାଜ ଲଗାଯାଉଛି ଯେ ଏହି ନୂତନ କୋର୍ଟ ଅଞ୍ଚଳର ଲୋକଙ୍କର ସମସ୍ୟା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିବାହ କରିବ ।

# ବ୍ଲକସ୍ତରୀୟ ଲୋକ ମହୋତ୍ସବ

## ପାରମ୍ପରିକ ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ




ଖପ୍ରାଖୋଲ,୮।୧,(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସ୍ଥାନୀୟ ହାଇସ୍କୁଲ ମିନି ଷ୍ଟାଡିୟମରେ ଠାରେ ବ୍ଲକ ସ୍ତରୀୟ ଲୋକ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ମଶାଲ ଶୋଭାଯାତ୍ରା ଇଷ୍ଟ ଦେବୀ ମାଁ ଡୁମେରତଲେନ ଙ୍କ ମନ୍ଦିର ରୁ ଲୋକ ମହୋତ୍ସବ ମଞ୍ଚ କୁ କଳାକାର ଙ୍କ ଗହଣରେ ଅଣାଯାଇଥିଲା । ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ମହୋତ୍ସବ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ସମ୍ମାନିତ ଅତିଥି ରୂପେ ବ୍ଲକ ଆଧକ୍ଷା ନିରୁପମା ପଟେଲ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପଦ୍ମନ୍ ସିଂ ବରିହା, ଉପାଧ୍ୟକ୍ଷ ସୁଖିରାମ ଷାଣ୍ଡ , ସରପଞ୍ଚ ସଙ୍ଘ ସଭାପତି ସୁଶିଲ କୁମାର ଗୁରୁ ପ୍ରମୁଖ ଯୋଗଦେଇ ନଡ଼ିଆ ଭାଙ୍ଗି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି ଅବସରରେ ଅତିଥି ମାନେ ଅଞ୍ଚଳ ର ଲୋକ ସଂସ୍କୃତ, ଲୋକ ବାଦ୍ୟ, ଲୋକ୍ ଗୀତ, ଲୋକ ନୃତ୍ୟ ର କଳାକାର ଙ୍କ ଲୁକ୍କାୟିତ ପ୍ରତିଭା ର ଚିହ୍ନଟ ଓ ସୁରକ୍ଷା ଉପରେ ଆଲୋକ ପାତ କରିଥିଲେ।ଏହି ଅବସରରେ କଳାକାର ମାନଙ୍କ ଦ୍ୱାରା କରମା ନୃତ୍ୟ, ସମ୍ବଲପୁରୀ ଲୋକ ନୃତ୍ୟ, ପାଲା, ସଙ୍କୀର୍ତ୍ତନ, ସମ୍ପ୍ରଦା, ଖଞ୍ଜଣି,ଘୁଡୁକା, ପଞ୍ଚ ବାଦ୍ୟ, ଦଣ୍ଡ ନୃତ୍ୟ, ରାମ ଲୀଳା, ବାହା ଘର ଗୀତ, ଘୋଡ଼ା ନାଚ ଆଦି ବିଭିନ୍ନ ନାଚ, ଗୀତ, ବାଦ୍ୟ ପରିବେଷିତ ହୋଇଥିଲା। ପାରମ୍ପାରିକ ଲୋକ ନୃତ୍ୟ ଓ ଲୋକ ଗୀତରେ ମଞ୍ଚ ଦୁଲୁକିଥିଲା । ମଞ୍ଚ କୁ ବିରେନ୍ଦ୍ର ପାଣ୍ଡେ ଓ କନିଷ୍କ ବିଭାର ପରିଚାଳନା କରିଥିବା ବେଳେ ଏହି ଅବସରରେ ଜି ପି ଡି ଓ ପରମେଶ୍ୱର ନାଏକ, ଏ ଏ ଇ କୁଳମଣି ଭୋଇ, ଡବ୍ଲୁ ଇ ଓ ପ୍ରତୀକ୍ଷା ସାହୁ, କନିଷ୍ଠ ଯନ୍ତ୍ରୀ ରାଜ କିଶୋର ନାଏକ, ସୂର୍ଯ୍ୟଭାନୁ ମେହେର, ଦୀପକ ବେହେରା, ମନୋଜ ସାହୁ ସମେତ ସମସ୍ତ ସରପଞ୍ଚ ସମିତି ସଭ୍ୟା ସଭ୍ୟ, ସରକାରୀ କର୍ମଚାରୀ, କଳାକାର, କଳାପ୍ରେମୀ ଉପସ୍ଥିତ ଥିଲେ । ଉଦଯାପନୀ ଅବସରରେ କୃତି କଳାକାର ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କୃତି କଳାକାର ଆଗାମୀ ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ ଭାଗ ନେବେ ବୋଲି ଜଣାଯାଇଛି ।

# ଶ୍ରମିକଙ୍କୁ ଅପହରଣ କରି ମାଗୁଥିଲେ ଟଙ୍କା, ବନ୍ଧାହେଲେ ଯୁବକ

କଟକ,୮।୧,(ସଂଚାର ବ୍ୟୁରୋ): ଦୁଇ ଜଣ ଶ୍ରମିକଙ୍କୁ ଅପହରଣ କରି ଟଙ୍କା ମାଗିବା ମହଙ୍ଗା ପଡ଼ିଲା। ଏପରି କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ବାନ୍ଧିଛି କଟକର ମଙ୍ଗଳାବାଗ ଥାନା ପୁଲିସ। ଝାଡ଼ଖଣ୍ଡର ଦୁଇ ଜଣ ଶ୍ରମିକ ଏସିସିବି ମେଡିକାଲ ସଂପ୍ରସାରଣ କାମରେ ନିୟୋଜିତ ଏକ ଠିକା ସଂସ୍ଥାରେ କାମ କରୁଥିଲେ। ଗତ ୫ ତାରିଖ ଦିନ ହାଡିଆପଠାରେ କିଛି ନିଶାସକ୍ତ ଯୁବକଙ୍କ ସହ ସେମାନଙ୍କର ପାଟିତୁଣ୍ଡ ହୋଇଥିଲା। ଏହାପରେ ଯୁବକମାନେ ଦୁଇ ଶ୍ରମିକଙ୍କୁ ଉଠାଇ ନେଇ ଯୋବ୍ରା ଅଞ୍ଚଳର ପରିତ୍ୟକ୍ତ ଘରେ ରଖିଥିଲେ। ସେମାନଙ୍କ ପରିବାର



ଲୋକଙ୍କୁ ଏକ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ହତ୍ୟା କରିବାକୁ ଧମକ ଦେଇଥିଲେ ଦୁର୍ବୃତ୍ତ। ତେବେ ଏ ନେଇ ଶ୍ରମିକଙ୍କ ପରିବାର ଲୋକ ସେମାନଙ୍କ ସହ ରହୁଥିବା କଟକର ଆଉ ଜଣେ ବ୍ୟକ୍ତିଙ୍କୁ କହିଥିଲେ। ଏନେଇ ମଙ୍ଗଳବାଗ ଥାନାରେ ଅଭିଯୋଗ ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ଏହାପରେ ପୁଲିସ୍ ଯୋବ୍ରା ଅଞ୍ଚଳର ବିନୋଦ ସାମଲ ଓ ମଙ୍ଗଳାବାଗ ଘାଷିଆ ସାହିର ଦେବୁନ ସାମଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦଘାଟିତ

କାକଟପୁର/ଅସ୍ତରଙ୍ଗ,୮।୧(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ୍ ଶିବିର ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଡକ୍ଟର ଜିତେନ୍ଦ୍ର କୁମାର ସାମଲ ଙ୍କ ସଭାପତିତ୍ୱ ରେ ଏହା ଉଦଘାଟିତ ହୋଇଛି। ଛାତ୍ରୀ ମାନେ କିଭଳି ନିଜକୁ ନିଜେ ପ୍ରାଥମିକ ସ୍ତରରେ ସୁରକ୍ଷା ଦେଇପାରିବେ। ସେଥିନେଇ ଆଲୋଚନା କରିଥିଲେ। "ଛାତ୍ରୀ ଆତ୍ମରକ୍ଷା କୌଶଳ ହିଁ ବାସ୍ତବରେ ଭବିଷ୍ୟତ ଜୀବନ ପାଇଁ ସେମାନଙ୍କର ରକ୍ଷା କବଚ "। ନାରୀ ନିଜକୁ ସୁରକ୍ଷିତ ରଖିଲେ ସମାଜ ଶୃଙ୍ଖଳିତ ରହିବ। ବର୍ତ୍ତମାନ ସମାଜରେ ନାରୀ ହିଂସା ଓ ନିର୍ଯାତନା ବଢ଼ି ଚାଲିଥିବା ସହ ଛାତ୍ରୀ ମାନଙ୍କ ସୁରକ୍ଷା ମଧ୍ୟ ସମସ୍ୟାର ବିଷୟ ହୋଇଛି। ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଏକ ଆତ୍ମରକ୍ଷା କୌଶଳ ଜାଣିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ। କଲେଜର ୧୧୦ଜଣ ଛାତ୍ରୀଙ୍କୁ ନେଇ ଶିବିରଟି ୧୦ଦିନ ଧରି ଚାଲିବ।

## ବ୍ୟାପକ ପୋଚ ଓ ଦେଶୀ ମଦ ଜବତ



ବ୍ରହ୍ମପୁର,୮।୧ (ସଂଚାର ବ୍ୟୁରୋ): ଗଂଜାମ ଓ ଆନ୍ଧ୍ରପ୍ରଦେଶ ଅବକାରୀ ଗୁଇନ୍ଦା ବିଭାଗ ଏବଂ ଜରଡା ଥାନା ପୋଲିସ ମଙ୍ଗଳବାର ଦିନ ଗଂଜାମ ସୀମାନ୍ତ ଫଟକାସିଂ,ଓ୍ୱଡଝୋଲା ଏବଂ ଗାଙ୍ଗପୁର ଗ୍ରାମରେ ଚଢ଼ାଉ କରି ୫ ରୁ ଅଧିକ ବେଆଇନ ଦେଶୀ ମଦ ଭାଟି ଭାଙ୍ଗି ନଷ୍ଟ କରିଛନ୍ତି। ଏହି ମିଳିତ ଚଢ଼ାଉ ବେଳେ କେହି ଗିରଫ ହୋଇନଥିବା ବେଳେ ଅବକାରୀ ଗୁଇନ୍ଦା ବିଭାଗ ପ୍ରାୟ ୨୬୪୦୦ କେଜି ପୋଚ ସହିତ ୧୩୮୦ ଲିଟର ଦେଶୀ ମଦ ଜବତ କରିଛି। ଚଢ଼ାଉ ପରେ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ୩ ଟି ମାମଲା ରୁଜୁ ହୋଇଥିବା ବେଳେ ଚିକିଟି ଅବକାରୀ ରେଞ୍ଜ ପକ୍ଷରୁ ୪ଟି ମାମଲା ରୁଜୁ ହୋଇଛି। ଏହି ମିଳିତ ଚଢ଼ାଉ ରେ ଅବକାରୀ ବିଭାଗ ଏକାଧିକ ବେଆଇନ ଦେଶୀ ମଦ ଭାଟି ଭାଙ୍ଗି ନଷ୍ଟ କରିଛି। ଏହି ମିଳିତ ଚଢ଼ାଉରେ ଆନ୍ଧ୍ର ଶ୍ରୀକାକୁଲମ ଅବକାରୀ ସୁପରିଟେଣ୍ଡେଣ୍ଟ ତ୍ରୀପତି ନାଇଡୁ, ଆସିଷ୍ଟାଣ୍ଡ ସୁପରିଟେଣ୍ଡେଣ୍ଟ ଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଡେପୁଟି ସୁପରିଟେଣ୍ଡେଣ୍ଟ ଶୃତିକାନ୍ତ ରାଉତ, ଇନସପେକ୍ଟର ନାରାୟଣ ଜେନା, ଚିକିଟି ଡେପୁଟି ସୁପରିଟେଣ୍ଡେଣ୍ଟ କୁମୁଦ କହଁର, ଜରଡା ଥାନା ଅଧିକାରୀ ଟୁନା ସାସମଲ ଙ୍କ ସମେତ ୯୨ ଜଣ ଅଫିସର ସାମିଲ ହୋଇଥିଲେ।